R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯୯
ତିଥି : ତ୍ରୟୋଦଶୀ
୨୬ ଏପ୍ରିଲ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 199
26 April 2025,Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ପାକ୍‌କୁ ସିନ୍ଧୁ ନଦୀ ଜଳ ରୋକିବାକୁ ଭାରତର ୩ ପଦକ୍ଷେପ

# ନିର୍ମାଣ ହେବ ଡ୍ୟାମ୍



ନୂଆଦିଲ୍ଲୀ,୨୫।୪ : ପହଲଗାମ ଆତଙ୍କୀ ଆତଙ୍କବାଦୀ ପରେ ଭାରତ ସରକାର ସିନ୍ଧୁ ନଦୀର ଜଳକୁ ପାକିସ୍ତାନ ନଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ୧୯୬୦ ସିନ୍ଧୁ ଜଳଚୁକ୍ତିକୁ ସ୍ଥଗିତ ରଖିଛନ୍ତି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସରକାର ସିନ୍ଧୁ ନଦୀର ଧାରାରେ ଥିବା ଡ୍ୟାମ୍ ଗୁଡିକର ଦକ୍ଷତା ବୃଦ୍ଧି କରିବେ ଓ ଅଧିକରୁ ଅଧିକ ଜଳସଂରକ୍ଷଣ କରିପାରିବେ ।

ପୂର୍ବରୁ ସରକାର ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ଯୋଗାଣ ଚୁକ୍ତିକୁ ସ୍ଥଗିତ ରଖିଥିଲେ । ଏବେ ଏସମ୍ପର୍କରେ ଆଉ ଏକ ପଦକ୍ଷେପ ନିଆଯାଇଛି । ସିନ୍ଧୁ ନଦୀର ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ସିନ୍ଧୁ ନଦୀ କମିଶନରମାନଙ୍କ ସହ ବୈଠକ କରାଯାଇଛି । ଚୁକ୍ତି ବାତିଲ ହେବା ପରେ ଭାରତ ଏବେ ଡ୍ୟାମ୍ ନିର୍ମାଣ ପାଇଁ ମୁକ୍ତ ହୋଇଛି । ଏଥିଲାଗି ପାକିସ୍ତାନ ସହ ଆଉ କୌଣସି ଆବଶ୍ୟକ ନାହିଁ । ଭାରତର ଜଳ ସମ୍ପଦ ସଚିବ ଦେବଶ୍ରୀ ମୁଖାର୍ଜୀ (୯ ପୃଷ୍ଠାରେ)

# ଓଡ଼ିଶାରେ ୧୨ ପାକିସ୍ତାନୀ

ନୂଆଦିଲ୍ଲୀ,୨୫।୪ : ପାକିସ୍ତାନୀଙ୍କ ଭିସା ବାତିଲ ହେବା ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା ୧୨ ପାକିସ୍ତାନୀଙ୍କ ଭିସାକୁ ବାତିଲ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ହୋଇଛି । ଦୀର୍ଘକାଳୀନ ଭିସାରେ ଏହି ପାକିସ୍ତାନୀମାନେ ଓଡ଼ିଶାରେ ରହୁଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ଏବେ ଭାରତ ଛାଡିବା ନୋଟିସ୍ ତାଙ୍କୁ ଦିଆଯାଇଛି । ଏକ ସୂତ୍ରରୁ ଜଣାପଡିଛି ଯେ ଓଡ଼ିଶାରେ ମାନବିକ ଦୃଷ୍ଟିକୋଣରୁ ଦୀର୍ଘ ମିଆଦି ଭିସା ପ୍ରଦାନ କରାଯାଇଥିଲା । ତେବେ

## ମୁଖ୍ୟମନ୍ତ୍ରୀମାନଙ୍କ ସହ ଶାହାଙ୍କ ଆଲୋଚନା

ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଇଥିବା ନିଷ୍ପତ୍ତି ଅନୁଯାୟୀ ଓଡ଼ିଶାରେ ଥିବା ୧୨ ପାକିସ୍ତାନୀ ନାଗରିକଙ୍କୁ ଓଡ଼ିଶା ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିଲାଗି ନୋଟିସ୍ ମଧ୍ୟ ଦିଆଯାଇଛି । କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କ ଆଇନଗତ ସ୍ଥିତି ଭିସା ଅବଧି ଓ ଅନ୍ୟ କାଗଜପତ୍ର ଯାଞ୍ଚ କରୁଛନ୍ତି । ଜଣେ ଗୃହ ବିଭାଗର ଅଧିକାରୀଙ୍କ ମତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ପ୍ରକ୍ରିୟା ଆରମ୍ଭ କରୁଛୁ । (୯ ପୃଷ୍ଠାରେ)

## ଭାରତକୁ ଆମେରିକାର ସମର୍ଥନ

ନୂଆଦିଲ୍ଲୀ,୨୫।୪ : ଜମ୍ମୁ-କାଶ୍ମୀର ପହଲଗାମରେ ଆତଙ୍କୀ ଆକ୍ରମଣର ୩ ଦିନ ପରେ ଆମେରିକା ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହ ଭାରତକୁ ସମର୍ଥନ କରାଯାଇଛି । ଆମେରିକାର ନ୍ୟାସନାଲ ଇଣ୍ଟେଲିଜେନ୍ସି ନିର୍ଦ୍ଦେଶକ ତୁଲସି କବାଟ ଏହି ଘଟଣାକୁ ନିନ୍ଦା କରିଛନ୍ତି । ସେ ଏହାକୁ ଇସ୍ଲାମିକ ଆତଙ୍କୀ ଆକ୍ରମଣ ବୋଲି ଘୋଷଣା କରିଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ଆମେ ଭାରତ ସପକ୍ଷରେ ଦୃଢ଼ ଭାବେ ଠିଆ ହୋଇଛୁ । ଯେଉଁମାନେ ନିଜର ଆତ୍ମୀୟତାକୁ ହରାଇଛନ୍ତି ସେମାନଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଯେଉଁମାନେ ଘୃଣ୍ୟ ଆକ୍ରମଣ ପାଇଁ ଦାୟୀ ସେମାନଙ୍କୁ ଚିହ୍ନାଟ କରିବାର ଆବଶ୍ୟକତା ରହିଛି । ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ । ସେହିଭଳି ରାଷ୍ଟ୍ରପତି ଟ୍ରମ୍ପଙ୍କ ସଚିବ ମଧ୍ୟ ଏହି ଆତଙ୍କୀ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି । ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ ।

# ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରନ୍ତୁ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୫।୪ (ସବ୍ୟୁ): ଓଡ଼ିଶା ହେଉଛି ଇସ୍ପାତ ଶିଳ୍ପର ପ୍ରମୁଖ ଜନନୀ । ସମଗ୍ର ଦେଶରେ ଓଡ଼ିଶାରେ ସର୍ବାଧିକ ଲୁହା ପଥର ଉତ୍ପାଦନ ହେଉଛି ଏବଂ ଇସ୍ପାତ କ୍ଷେତ୍ରର ସଫଳତାରେ ଏହାର ପ୍ରମୁଖ ଅବଦାନ ରହିଛି । ଦେଶର ୫୫% ଲୁହା ପଥର ଉତ୍ପାଦନ ଓଡ଼ିଶାରେ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଓଡ଼ିଶାରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ଶିଳ୍ପପତିମାନଙ୍କୁ ସେ ନିମନ୍ତ୍ରଣ କରିଛନ୍ତି ।

ଇସ୍ପାତ ମନ୍ତ୍ରଣାଳୟ ଓ ଫିକିର ମିଳିତ ସହଯୋଗରେ ଇଣ୍ଡିଆ ଷ୍ଟିଲ୍ ୨୦୨୫ ଆୟୋଜନ କରାଯାଇଛି । ଏଥିରେ ଏହା ବମ୍ବେ ଏକ୍ସିବିସେନ ସେଣ୍ଟରରେ ଅନୁଷ୍ଠିତ ହୋଇଛି । ସମୃଦ୍ଧ ଓଡ଼ିଶା ଥିମ୍‌ରେ ଓଡ଼ିଶାର ଇସ୍ପାତ କ୍ଷେତ୍ର ଓ ଭବିଷ୍ୟତର ଦୃଷ୍ଟିଭଙ୍ଗି ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି ଅବସରରେ ମଧ୍ୟ ଏକ ଗୋଲ୍ ଟେବୁଲ ବୈଠକରେ ଇସ୍ପାତ ଉତ୍ପାଦନ ସମ୍ପ୍ରସାରଣ ଓ କଞ୍ଚାମାଲ ଯୋଗାଣ ନେଇ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏଥିରେ ଯୋଗଦେଇ ଓଡ଼ିଶାର ଇସ୍ପାତ ଓ ଧାତବ କ୍ଷେତ୍ରରେ ରହିଥିବା ଶକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଏବେ ଧାତବ ଭିତ୍ତିକ ବିସ୍ତୃତ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛି । ବିଶେଷକରି କଞ୍ଚାମାଲ ଯୋଗାଣରେ ଉଚ୍ଚମାନର ଇଞ୍ଜିନିୟରିଂ ଉତ୍ପାଦକ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଉଛି । ୨୦୩୬ରେ ଓଡ଼ିଶାର ଦୃଷ୍ଟିଭଙ୍ଗି ହେଉଛି ଯେ ଶିଳ୍ପର ବିକାଶ । ଏଥି ଲାଗି ଏକ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଇ ଉଭୟ ଅପଷ୍ଟ୍ରିମ୍ ଓ ଡାମ୍ ଷ୍ଟ୍ରିମ୍ ସଂଯୋଗକୁ ଶକ୍ତିଶାଳୀ କରାଯାଉଛି । ଇଞ୍ଜିନିୟରିଂ ସାମଗ୍ରୀ, ଖଣିଜ ଉତ୍ତୋଳନ ଓ ପରିବହନ ବ୍ୟବସ୍ଥା ଏବଂ ପ୍ରତିରକ୍ଷା ଓ ଏରୋସପେସ୍ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଇସ୍ପାତ ଶିଳ୍ପକ୍ଷେତ୍ରର ୨୦୦ର ଅଧିକ ପ୍ରତିନିଧି ଯୋଗଦେଇଥିଲେ । ଗୋଲ୍ ଟେବୁଲ ବୈଠକରେ ଟାଟା ଷ୍ଟିଲ, ଏଏମ୍ଏନ୍ଏସ୍, ଜେଏସ୍‌ଡବ୍ଲ୍ୟୁ, ଜେଏସ୍ଏଲ୍ ଓ ସେଲ ଭଳି ଅନେକ ସଂସ୍ଥା ଯୋଗ ଦେଇଥିଲେ । ସେମାନେ ଓଡ଼ିଶାର ଅଭିବୃଦ୍ଧି ନେଇ ଅନେକ ଉପସ୍ଥାପନ କରିଥିଲେ । କଲ୍ୟାଣୀ ଷ୍ଟିଲ, ସାମ ଷ୍ଟିଲ୍, ଶ୍ରୀ ମେଟାଲିକ୍, ସର୍ବେଭ ରିଫେକ୍ଟ୍ରିର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ । କୋଇଲା, ଶିଳ୍ପ ବିକାଶ ନିର୍ଦ୍ଦେଶକ ବବିଲେପ୍ ଫିଟର,ରୁଷିଆ ଫେଡେରେସନ୍‌ର ଅର୍ଟେଲିପ୍‌ୟୁକେଲେକଙ୍କ ସହ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ଆତଙ୍କୀଙ୍କ ଘର ଉଡାଇଦେଲେ ସୁରକ୍ଷାକର୍ମୀ

ନୂଆଦିଲ୍ଲୀ,୨୫।୪ : ପହଲଗାମ ଆତଙ୍କୀ ଆକ୍ରମଣରେ ସାମିଲ ଥିବା ଦୁଇ ଆତଙ୍କବାଦୀଙ୍କ ଘରକୁ ସୁରକ୍ଷାକର୍ମୀ ବୋମାମାଡ଼ରେ ଉଡାଇ ଦେଇଛନ୍ତି । ଅନନ୍ତନାଗ ଜିଲ୍ଲାର ବୋରି ଅଞ୍ଚଳରେ ଥିବା ସ୍ଥାନୀୟ ଆତଙ୍କବାଦୀ ଆଦିଲ ହୁସେନଙ୍କ ଘରେ ବୋମା ମାଡ କରାଯାଇଥିଲା ବେଳେ ଆଉ ଜଣେ ଆତଙ୍କବାଦୀ ଆସିଫ ଶେକ୍‌ଙ୍କ ଘରକୁ ବୁଲଡୋଜରରେ ଦିଆଯାଇଛି । ଏପ୍ରିଲ ୨୨ରେ ବୈସାମ ଘାଟିରେ ହୋଇଥିବା ଆକ୍ରମଣ ଯୋଜନା ଓ ଏହାକୁ କାର୍ଯ୍ୟ କରିବାରେ ଆତଙ୍କବାଦୀଙ୍କ ସହଯୋଗ କରିଥିବା ଅଭିଯୋଗ ହେଉଛି । ଏହାଛଡା ସେନା ପକ୍ଷରୁ ଏବେ ଜମ୍ମୁ-କାଶ୍ମୀର ବିଭିନ୍ନ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି । ଘର ଘର ବୁଲି ଯବାନମାନେ ଆତଙ୍କବାଦୀକୁ ଖୋଜିବାରେ ଲାଗିଛନ୍ତି । (୯ ପୃଷ୍ଠାରେ)

# ଶ୍ରୀନଗରରେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ,୨୫।୪ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ଶ୍ରୀନଗର ଯାଇଛନ୍ତି । ସେ ସେଠାରେ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ଆହତମାନଙ୍କୁ ସାକ୍ଷାତ କରିଛନ୍ତି । ଏହାଛଡା ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଓ ମନୋଜ ସିହ୍ନାଙ୍କୁ ସାକ୍ଷାତ କରି ପହଲଗାମ ଆକ୍ରମଣ ସମ୍ପର୍କରେ ଆଲୋଚନା କରିଛନ୍ତି ।

ରାହୁଲ ପହଲଗାମ ଆତଙ୍କ ଆକ୍ରମଣକୁ ନିନ୍ଦା କରିବା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯିବ ତାକୁ ସମସ୍ତ ବିରୋଧୀ ଦଳ ସମର୍ଥନ କରିବେ ବୋଲି କହିଛନ୍ତି । ଏହାଛଡା ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି (୯ ପୃଷ୍ଠାରେ)








## ଯବାନଙ୍କ ଘେରା ବନ୍ଦୀରେ ମାଓବାଦୀ

ମାଲକାନଗିରି,୨୫।୪ (ସବ୍ୟୁ) : ସୀମାନ୍ତ ତେଲେଙ୍ଗାନା-ଛତିଶଗଡ଼ର ସୀମାରେ ମାଓବାଦୀଙ୍କ ବିରୋଧରେ ସୁରକ୍ଷା ବାହିନୀର ବଡ଼ ଅପରେସନ ୩ ଦିନ ହେଲା ଜାରି ରହିଛି। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ ଯବାନ ମାଓ କମାଣ୍ଡର ହିଡମା ସହ ପାଖାପାଖି ୨ ହଜାରରୁ ଉର୍ଦ୍ଧ୍ୱ ମାଓବାଦୀଙ୍କୁ ଘେରାବନ୍ଦୀ କରି ରଖିଛନ୍ତି। ତିନି ଦିନ ହେବ ଗୁଳି ବିନିମୟ ଲଗାତାର ଲାଗି ରହିଛି। ଆଉ ହେଲିକପ୍ଟରରେ ବୋମାମାଡ଼ ହେଉଛି। ସ୍ଥାନୀୟ ଲୋକଙ୍କୁ ଗାଁରୁ କୌଣସି ସ୍ଥାନକୁ ନଯିବା ପାଇଁ ବାରଣ ଥିବା ବେଳେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ଏହି ଏନକାଉଣ୍ଟରରେ ବର୍ତ୍ତମାନ ସୁଦ୍ଧା ୫ ଜଣ ମାଓବାଦୀଙ୍କର ମୃତଦେହ ଉଦ୍ଧାର କରାଯାଇଛି। ବିଜାପୁର ଜିଲ୍ଲାର କସ୍ତୁରବା ଗାଁ ନିକଟରେ ଥିବା କେରଗୁଟ୍ଟା ଜଂଗଲରେ ଚାଲିଛି ବଡ ଧରଣର ମାଓ ବିରୋଧୀ ଅଭିଯାନ ।

ମାଓନେତା ହିଡମା ତାର ବାଟାଲିୟନ ନମ୍ବର ୧ ସହ ମାଓବାଦୀଙ୍କର ଏକ ବଡ ଟିମ୍ ଏଠାରେ ଥିବାର ସୂଚନା ପାଇ ମହାରାଷ୍ଟ୍ର, ତେଲେଙ୍ଗାନା ଓ ଛତିଶଗଡ଼ ସୀମାରେ ଦଶ ହଜାରରୁ ଉର୍ଦ୍ଧ ଯବାନ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଘେରି ରହିଛନ୍ତି। ତିନି ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଛି ମାଓବାଦୀ - ପୁଲିସ ମଧ୍ୟରେ ଗୁଳିବିନିମୟ। ଆକାଶ ମାର୍ଗରୁ କରାଯାଉଛି ବୋମାମାଡ଼। ଯବାନଙ୍କୁ (୯ ପୃଷ୍ଠାରେ)



# ସୁନା ବଦଳରେ ପଇସା ଦେଉଥିବା ଏଟିଏମ୍

ସାଧାରଣତଃ ଏଟିଏମ୍‌ରୁ ଲୋକମାନେ ପଇସା କାଢନ୍ତି କିମ୍ବା ଟଙ୍କା ନିଜ ଖାତାରେ ପୈଠ କରନ୍ତି । ସେହିଭଳି ଜଣେ ବ୍ୟକ୍ତିଙ୍କୁ ଯଦି ସୁନା ବିକ୍ରି କରିବାକୁ ହୁଏ ସିଏ ବଣିଆ ପାଖକୁ ଯାଇଥାଆନ୍ତି । ହେଲେ ବର୍ତ୍ତମାନ ଚୀନରେ ଉଭୟ ଘଟଣାକୁ ମିଶ୍ରଣ କରାଯାଇଛି । ଅର୍ଥାତ ଏଟିଏମ୍‌ରେ ସୁନା ବିକ୍ରି ହୋଇ ପାରୁଛି । ଘଟଣାଟି ଶୁଣିବାକୁ ଅଜବ ଲାଗିଲେ ମଧ୍ୟ ସତ । ଚୀନ ପକ୍ଷରୁ ଏକ ସ୍ୱତନ୍ତ୍ର ଏଟିଏମ୍ ଲଞ୍ଚ କରାଯାଇଛି । ଏଥିରେ ଗ୍ରାହକମାନେ ନିଜର ସୁନା ପଶାଇ ସଙ୍ଗେସଙ୍ଗେ ଅର୍ଥ ପାଇ ପାରିବେ । ଏହି ସ୍ମାର୍ଟ ଏଟିଏମ୍‌କୁ ଚୀନର ସାଙ୍ଘାଇରେ ଏକ ସପିଂ ମଲରେ ଲଗାଯାଇଛି । ଏହି ଏଟିଏମ୍‌ରେ ପ୍ରଥମେ ସୁନାର ସ୍କାନିଂ କରାଯାଇଥାଏ ଯାହାପରେ ଓଜନ କରାଯାଏ । ଓଜନ କରିବା ପରେ ସୁନାକୁ ତରଳାଯାଇ ଏହାର ଶୁଦ୍ଧତା ଉପରେ ପରୀକ୍ଷା କରିଥାଏ ଏହି ମେସିନ୍ । ଥରେ ଏହି ପ୍ରକ୍ରିୟା ପୁରା ହେବା ପରେ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ଅର୍ଥ ପୈଠ ହୋଇଯାଇଥାଏ । ତେବେ ଏହି ଏଟିଏମ୍‌ରେ ଆପଣ ତିନିଗ୍ରାମରୁ ଅଧିକ ଏବଂ ୫୦ ପ୍ରତିଶତ ଶୁଦ୍ଧ ସୁନା ବିକ୍ରି ପାଇଁ ଦେଇ ପାରିବେ । ସେହିଭଳି ସୁନା ଦେବାକୁ ମେସିନ୍‌କୁ ବୁକ୍ ମଧ୍ୟ କରିବାକୁ ହୋଇଥାଏ, ଯାହା ବର୍ତ୍ତମାନ ମେ’ ମାସ ପାଇଁ ସରିଯାଇଥିବା ଜଣା ପଡିଛି ।

## ସୋସିଆଲ କୋଟ୍ସ



"ଆମ ବିଏସ୍ଏଫ୍ ଜବାନଙ୍କର ଗ୍ରାଉଣ୍ଡ ଜିରୋ ମିଶନ ସବୁଠାରୁ ମହତ୍ୱପୂର୍ଣ୍ଣ ମିଶନ ଥିଲା । ଆମର ସୁରକ୍ଷା ପାଇଁ ଏହି ମିଶନ ଖୁବ ଗୁରୁତ୍ୱପୂର୍ଣ୍ଣ ଥିଲା । ଏ ବିଷୟରେ ଲୋକଙ୍କର ଜାଣିବାର ଆବଶ୍ୟକତା ରହିଛି ।

ଇମ୍ରାନ ହାସମୀ, ଅଭିନେତା



"ଏହି ଘଟଣାର ଯେତେ ନିନ୍ଦା କଲେ ବି କମ ହେବ । ବର୍ତ୍ତମାନ ସମୟ ଆସିଛି ଭାରତକୁ ଯବାବ ଦେବାକୁ ପଡିବ । ସିଧା ସେମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଶେଷ କରିବାର ସମୟ ଆସିଛି ।

ମୁକେଶ ଖାନା, ଅଭିନେତା



"ମୋର କୌଣସି ପାକିସ୍ତାନି ସମ୍ପର୍କ ନାହିଁ । ଲୋକମାନେ ମିଛ ଅଭିଯୋଗ କରୁଛନ୍ତି । ସେ ସବୁ ଅଭିଯୋଗରେ କୌଣସି ସତତ୍ୟା ନାହିଁ ।

ଇମାନଭି ଇସ୍ମାଇଲ, ଅଭିନେତ୍ରୀ



# ଦୀର୍ଘ ଆୟୁର ରହସ୍ୟ

କାଲିଫର୍ଣ୍ଣିଆର ଜଣେ ବୃଦ୍ଧ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛନ୍ତି । ବୃଦ୍ଧାଙ୍କର ବୟସ ପାଇଁ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛନ୍ତି । ୧୯୨୩ ମସିହାରେ ଜନ୍ମିତ ଏହି ବୃଦ୍ଧଙ୍କର ବର୍ତ୍ତମାନର ବୟସ ୧୦୧ ବର୍ଷ । ନିକଟରେ ଏକ ପୋଡକାଷ୍ଟରେ ସେ ନିଜର ଏତେ ବର୍ଷ ବୟସ ପଛର ରହସ୍ୟ ବିଷୟରେ କଥା ହୋଇଛନ୍ତି । ସେ ଏହି ଭିଡିଓରେ ସାତୋଟି ଟିପ୍ସ ଦେଇଛନ୍ତି ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଯଦି ଏହି ଟିପ୍ସକୁ ଯୁବପିଢି ମାନିବେ ତେବେ ତାଙ୍କଭଳି ନିରୋଗ ଓ ଦୀର୍ଘାୟୁ ଜୀବନ ବଞ୍ଚିପାରିବେ ବୋଲି ସେ ମତ ଦେଇଛନ୍ତି । ସବୁଠାରୁ ପ୍ରଥମେ ଜୀବନରେ ବ୍ୟାୟାମକୁ ଆଡ କରନ୍ତୁ । ସବୁଦିନ କିଛି ସମୟ ବାହାର କରି ବ୍ୟାୟାମ କରନ୍ତୁ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ସହାୟକ ହେବ । ବିଶେଷ ଭାବେ ୪୦ ରୁ ୭୦ ବର୍ଷ ଭିତରେ କିଛିକିଛି ନା କିଛି ଶାରିରୀକ ପରିଶ୍ରମ କରନ୍ତୁ । ଏହି ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଡର ବେଶି ରହିଥାଏ । ଜୀବନରେ ମାଦକ ଦ୍ରବ୍ୟ, ତମାଖୁ ଠାରୁ ଦୂରରେ ରୁହନ୍ତୁ । ଏଗୁଡିକ ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବାରେ ସବୁଠାରୁ ବଡ ଭୂମିକା ରଖିଥାଏ । ସେହିଭଳି ନିଜ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ । ଯେତେ ଅଧିକ ଓଜନ ଓବେସିଟି ବା ମେଦବହୁଳତାର ଭୟ ସେତେ ଅଧିକ । ତେଣୁ ସବୁବେଳେ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ । ଏକ ସନ୍ତୁଳିତ ଓଜନ ରହିବା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କଠାରୁ ଦୂରରେ ରହିବ । ଜୀବନରୁ ଚିନିକୁ କାଢି ଦିଅନ୍ତୁ । ଯେତେ ପାରିବେ ସେତେ କମ ଚିନି ଖାଆନ୍ତୁ, ଏହାଦ୍ୱାରା ମଧୁମେହ ହେବାର ସମ୍ଭାବନା କମିଥାଏ । ମଧୁମେହ କାରଣରୁ ବିଭିନ୍ନ ରୋଗ ହୋଇଥାଏ, ତେଣୁ ଚିନି ଖାଇବାରୁ ନିବୃତ୍ତ ରୁହନ୍ତୁ । ବାହାରର ଜଙ୍କ ଫୁଡ୍ ବା ବାହାର ଖାଦ୍ୟ ଖାଆନ୍ତୁ ନାହିଁ । ଘରେ ସନ୍ତୁଳିତ ଆହାର ନିଜେ ପ୍ରସ୍ତୁତ କରି ଖାଆନ୍ତୁ, କୌଣସି ରୋଗ ହେବ ନାହିଁ ବୋଲି ଏହି ବୃଦ୍ଧ ଜଣଙ୍କ ପ୍ରକାଶ କରିଛନ୍ତି ।





# ଟ୍ରେନ୍ ଡବାରେ ଘର

ଯୋଗାଡିଆ ଭାବେ ଭାରତୀୟଙ୍କର କେହି ମୁକାବିଲା କରିପାରିବେ ନାହିଁ । ଯେ କୌଣସି ବି ପରିସ୍ଥିତି ହେଉ ଏହାର ମୁକାବିଲା କରିବା ସେମାନେ ଜାଣିଥାଆନ୍ତି । ସେହିଭଳି ଏକ ଉଦାହରଣ ବର୍ତ୍ତମାନ ଭାରତୀୟ ରେଳ ଡବାରେ ଦେଖିବାକୁ ମିଳିଛିଓ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଏକ ରେଳ ଡବାକୁ ଫ୍ଲାଟ୍‌ରେ ପରିଣତ କରାଯାଇଛି । ସୂଚନା ଅନୁସାରେ ଏହି ରେଳ ଡବାଟି ଟ୍ରେନ୍ ଟ୍ରାକ ଉପରେ ଠିଆ ହୋଇଛି ଯାହାକୁ ଫ୍ଲାଟ୍‌ରେ ପରିଣତ କରାଯାଇଛି । ଏହି ଡବାରେ ଏକ ବେଡ୍‌ରୁମ ରହିଛି ଯେଉଁଥିରେ ଏସି, ଫ୍ୟାନ୍, କୁଲର ଆଦି ସବୁର ସୁବିଧା ରହିଛି । କେବଳ ଏତିକି ନୁହେଁ ଟ୍ରେନ ଡବାରେ ରୋଷେଇଘର, ଗାଧୁଆ ଘର ସହିତ ଶୌଚାଳୟ ମଧ୍ୟ ରହିଛି । ଏଠାରେ କିଛି ଲୋକ ମଧ୍ୟ ରହୁଥିବା ଦେଖିବାକୁ ମିଳିଛି । ତେବେ ସୂଚନା ଅନୁସାରେ ଏହି ଘରେ ରେଳ ବିଭାଗର କର୍ମଚାରୀ ରହିଥାଆନ୍ତି ଯେଉଁମାନେ ଟ୍ରାକ୍‌ରେ ମେସିନାରୀ କାମ କରିଥାଆନ୍ତି । ଏହି କର୍ମଚାରୀମାନେ ଅନେକ ସମୟ ଟ୍ରେନ୍‌ରେ ରହିଥାଆନ୍ତି ତେଣୁ ଏହିଭଳି ଏକ ଡବାକୁ ଘରର ରୂପ ଦେଇଥାଆନ୍ତି ।

# ସୂର୍ଯ୍ୟର ତେଜ କମାଇବାକୁ ପ୍ରଚେଷ୍ଟା

ଆଜିକାଲି ଦିନକୁ ଦିନ ବିଶ୍ୱତାପମାନ ବଢିବାରେ ଲାଗିଛି, ଯାହାର ପ୍ରଭାବ ସମଗ୍ର ବିଶ୍ୱରେ ପଡିବାରେ ଲାଗିଛି । ତେବେ ଏହି କାରଣରୁ ପ୍ରତିବର୍ଷ ତାପମାତ୍ରା ମଧ୍ୟ ବଢିବାରେ ଲାଗିଛି । ଏହି ସମସ୍ୟାକୁ ମୁକାବିଲା କରିବାକୁ ବିଭିନ୍ନ ଦେଶ ଭିନ୍ନଭିନ୍ନ ଉପାୟ ଆପଣାଇବାରେ ଲାଗିଛନ୍ତି । କେଉଁଠି କିଏ କୃତ୍ରିମ ବର୍ଷା କରାଉଥିବାବେଳେ କେଉଁଠି ଏକ ବବଲ ପ୍ରସ୍ତୁତ ହେଉଛି ଯାହା ସୂର୍ଯ୍ୟ କିରଣଠାରୁ ଦେଶକୁ ବଞ୍ଚାଇବ । ସେହିକ୍ରମରେ ୟୁକେ ମଧ୍ୟ ସାମିଲ ହୋଇଛି । ୟୁକେ ଏଥିପାଇଁ ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରିଛି ଯେଉଁଥିରେ ସୂର୍ଯ୍ୟର କିରଣକୁ କମାଇବାକୁ ସେ ପ୍ଲାନ୍ କରିଛି । ଏହି ପ୍ରୋଜେକ୍ଟ ପାଇଁ ପାଖାପାଖି ୫୬୭ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି । ଯଦି ଏହି ପ୍ରୋଜେକ୍ଟ ସଫଳ ହେଉଛି ତେବେ ମାଟିର ତାପମାତ୍ରା କମାଇବାରେ ସେମାନେ ସଫଳ ହୋଇପାରିବେ । ଏହା ବିଶ୍ୱତାପମାନ ସହିତ ଲଢିବାରେ ଖୁବ ସହାୟକ ହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।




### ହାହାଃ..

ସୋନୁ – ମୋତେ ଯଦି କେବେ ଦ୍ୱିତୀୟଥର ମସ୍ତିଷ୍କର ଅବଶ୍ୟକତା ପଡେ ତେବେ ମୁଁ ତୋର ନେବି ।

ମୋନୁ– ତେବେ ମୋ ମୁଣ୍ଡଟା ଜିନିଅସ ବୋଲି ମାନୁଛୁ ଟି ।

ସୋନୁ – ନା । ହେଲେ ମୋତେ ଏମିତି ଗୋଟେ ମସ୍ତିଷ୍କ ଦରକାର ଯାହା କେବେ ବି ବ୍ୟବହାର ହୋଇ ନଥିବ ।



### ଇତିହାସ

୧୬୫୪ – ଇହୁଦିଙ୍କୁ ବ୍ରାଜିଲରୁ ବାହାର କରାଯାଇଥିଲା ।
୧୮୪୧ – ବମ୍ବେ ଗ୍ୟାଜେଟ୍ ପତ୍ରିକା ପ୍ରଥମଥର ପାଇଁ ରେଶମ କପଡାରେ ପ୍ରକାଶିତ ।
୧୯୦୩ – ଦକ୍ଷିଣ ଆଫ୍ରିକାରେ ମହାତ୍ମାଗାନ୍ଧିଙ୍କର ଓକିଲାତି ଆରମ୍ଭ ।
୧୯୨୦ – ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ନିଧନ ।
୧୯୨୬ – ଜର୍ମାନୀ ଏବଂ ଋଷ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
୧୯୬୨ – ଚନ୍ଦ୍ରପୃଷ୍ଠରେ ଆମେରିକାର ପ୍ରଥମ ମହାକାଶଯାନ ।
୧୯୭୫– ଭାରତର ୨୨ ତମ ରାଜ୍ୟ ଭାବେ ସିକ୍କିମ୍‌କୁ ମାନତ୍ୟା ।
୧୯୯୦ – ଲଗାତାର ୪୬୩ ସେକେଣ୍ଡ ଡିସ୍କୋ ଡ୍ୟାନ୍ସ କରି ବିଆର୍‌ପି ମେନନ୍‌ଙ୍କର ବିଶ୍ୱ ରେକର୍ଡ ।

# ଆଲିଆଙ୍କ ବ୍ୟବହାର ଖୁବ ଭଲ



ଆଲିଆଙ୍କୁ ନେଇ ତାଙ୍କ ଗଙ୍ଗୁବାଇ କୋଷ୍ଟାର ଶାନ୍ତନୁ ମାହେଶ୍ୱରୀ ଖୁବ ଭଲ ଷ୍ଟେଟମେଣ୍ଟ ଦେଇଛନ୍ତି । ଆଲିଆଙ୍କ ବ୍ୟବହାର ଖୁବ ଭଲ ବୋଲି ଶାନ୍ତନୁ ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଆଲିଆ ଇଣ୍ଡଷ୍ଟ୍ରୀର ସୁପରଷ୍ଟାର ହେଲେ ମଧ୍ୟ ସେ ସେଟ୍‌ରେ ଥିବା ଅନ୍ୟ ସମସ୍ତଙ୍କ ସହିତ ଖୁବ ଭଲ ବ୍ୟବହାର କରିଥାଆନ୍ତି ବୋଲି ଶାନନ୍ତୁ ମତ ଦେଇଛନ୍ତି । ଫିଲ୍ମର ସୁଟିଂ ସମୟରେ ସେ ତାଙ୍କୁ ଇଗ୍‌ନୋର କରି ପାରିଥାଆନ୍ତେ ହେଲେ ଆଲିଆ ଏଭଳି କରି ନଥିଲେ । ସେ ତାଙ୍କୁ ସୁଟିଂ ସମୟରେ ଖୁବ ସହାୟତା କରିଥିଲେ, ସବୁବେଳେ ତାଙ୍କୁ କମ୍ଫର୍ଟେବଲ କରାଉଥିଲେ ବୋଲି ଶାନ୍ତନୁ ମତ ଦେଇଛନ୍ତି । ଆଲିଆଙ୍କ କାରଣରୁ ସେ ଖୁବ ସହଜରେ ଏହି ଫିଲ୍ମରେ ଅଭିନୟ କରିପାରିଥିଲେ । ଯାହା ତାଙ୍କ କ୍ୟାରିୟରର ଏକ ଟର୍ଣ୍ଣି ପଏଣ୍ଟ ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ଗଙ୍ଗବାଇ କାଠିଆ ବାଡି ଫିଲ୍ମରେ ଶାନ୍ତନୁ ଆଲିଆଙ୍କ ଲର୍ଭ ଇଣ୍ଟ୍ରେଷ୍ଟ ଚରିତ୍ରରେ ନଜର ଆସିଥିଲେ । ଫିଲ୍ମଟି ଦର୍ଶକଙ୍କ ମହଲରେ ଖୁବ ପ୍ରଶଂସା ସାଉଁଟିଥିଲା ।

# ଗୁଜୁରାଟି ରାଇସ୍ ପ୍ୟାନ୍‌କେକ୍



**ସାମଗ୍ରୀ–** ଚାଉଳ ଗୁଣ୍ଡ, ଦହି, ସୁଜି, କଞ୍ଚାଲଙ୍କା ପେଷ୍ଟ, ଅଦା ପେଷ୍ଟ, ଜିରା ଗୁଣ୍ଡ, ଲୁଣ, ଧନିଆ ପତ୍ର, କଦଳୀ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଚାଉଳ ଗୁଣ୍ଡ, ଦହି, ସୁଜି, କଞ୍ଚାଲଙ୍କା ପେଷ୍ଟ, ଅଦା ପେଷ୍ଟ, ଜିରା ଗୁଣ୍ଡ, ଲୁଣ, ଧନିଆ ପତ୍ର, ହଳଦୀ ମିଶାଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାପରେ କଦଳି ପତ୍ରକୁ ହାଲୁକା ଗରମ କରନ୍ତୁ । ଏହାପରେ ଏହାକୁ ଖଣ୍ଡଖଣ୍ଡ କରି କାଟି ନିଅନ୍ତୁ । ପରେ ଏହି ପତ୍ରରେ ତେଲ ଲଗାନ୍ତୁ । କମ ଆଞ୍ଚରେ ଏକ ପ୍ୟାନ୍ ବସାନ୍ତୁ । ପ୍ୟାନ୍‌ରେ କଦଳୀ ପତ୍ରର ଗୋଟିଏ ଖଣ୍ଡକୁ ରଖନ୍ତୁ । ପରେ ଏଥିରେ କିଛି ଆଣ ଦିଅନ୍ତୁ ଏବଂ ଅନ୍ୟ କଦଳୀ ପତ୍ର ଘୋଡାଇ ଦିଅନ୍ତୁ । ପରେ ଏହି କଦଳୀ ପତ୍ର ଚାରିପଟେ ସାମାନ୍ୟ ତେଲ ବୁଲାନ୍ତୁ । ଅଳ୍ପ ସମୟ ପରେ ଏହି ପତ୍ରକୁ କାଢି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଗୁଜୁରାଟି ଷ୍ଟାଇଲ୍‌ରେ ରାଇସ୍ ପ୍ୟାନକେକ୍ ।

# ବର୍ଷାକୁ ନେଇ ହୋଇଥାଏ ଭବିଷ୍ୟବାଣୀ

ଭାରତର ଏଭଳି ଅନେକ ମନ୍ଦିର ରହିଛି ଯେଉଁମାନେ କିଛି ସ୍ୱତନ୍ତ୍ରତା ପାଇଁ ପରିଚିତ । ସେହିଭଳି ଏକ ମନ୍ଦିର ରହିଛି କାନପୁରରେ ଯାହା ଚମ୍‌କାରୀ ମନ୍ଦିର ଭାବେ ପରିଚିତ । ଏଠାରେ ଶ୍ରଦ୍ଧାଳୁମାନଙ୍କୁ ବର୍ଷାର ଭବିଷ୍ୟବାଣୀ ଦିଆଯାଇଥାଏ । ଏହି ମନ୍ଦିରରେ ପୂଜା ପାଇଥାଆନ୍ତି ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥ । ମନ୍ଦିରର ଆକୃତି ଗୋଲାକାର ରହିଛି । ମନ୍ଦିରର ୫୦ରୁ ୬୦ କିମି ଭିତରେ ରହୁଥିବା କୃଷକମାନେ ଏହି ଭବିଷ୍ୟବାଣୀ ଉପରେ ଭରସା କରିଥାଆନ୍ତି । ବିଶ୍ୱାସ ରହିଛି କି ସେମାନେ ମନ୍ଦିରରେ ଜଳ ବୁନ୍ଦା ଦେଖିବାପରେ ନିଜ କୃଷି କାମ ଆରମ୍ଭ କରିଥାଆନ୍ତି । ଏହି ସମମୟରେ ମନ୍ଦିରରେ ମଧ୍ୟ ବିଶେଷ ପୂଜାପାଠ କରାଯାଇଥାଏ । ମନ୍ଦିରର ଗର୍ଭଗୃହର ଛାତ ଉପରେ ଏକ ପଥର ରହିଛି । ଏଭଳି ବିଶ୍ୱାସ ରହିଛି କି ବର୍ଷା ଆସିବା ପୂର୍ବରୁ ଏହି ପଥରରୁ ପାଣି ବୁନ୍ଦା ପଡିଥାଏ । ଯଦି ବୁନ୍ଦା ପଡିଲା ତେବେ ବର୍ଷା ଭଲହେବ ହେଲେ ଯଦି ଏହି ପଥର ଖାଲି ଓଦା ହୋଇଥାଏ ତେବେ ବର୍ଷା କମ ହୋଇଥାଏ । ତେବେ ଏନେଇ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ, ହେଲେ ଏଠିକାର ଲୋକମାନେ ଏହାକୁ ଖୁବ ବିଶ୍ୱାସ କରିଥାଆନ୍ତି ।



## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ

# ହତ୍ୟାର ଅସଲ ରହସ୍ୟ ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର, (ସବ୍ୟୁ) : ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ଅସଲ ରହସ୍ୟ ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ । ନବ ଦାସଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ଦାବି କରିବା ପରେ କ୍ରାଇମ୍‌ବ୍ରାଞ୍ଚ ପୁନଃ ତଦନ୍ତ କରୁଛି । ସିବିଆଇ ତଦନ୍ତ ହେବ କି ନାହିଁ, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ପୂର୍ବତନ ଏଏସ୍‌ଆଇ ଗୋପାଳ ଦାସଙ୍କୁ ମୁଖ୍ୟଅଭିଯୁକ୍ତ କହିବା ସହ ଗିରଫ କରାଯାଇ କୋର୍ଟଚାଲାଣ ହେବା ପରେ ସେ ଜେଲ୍‌ରେ ଅଛନ୍ତି । ହତ୍ୟାକାଣ୍ଡର ଅସଲ ରହସ୍ୟ କ'ଣ ପୂର୍ବରୁ ତଦନ୍ତ କରିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସ୍ପଷ୍ଟ କରିନଥିବାରୁ ନବ ଦାସଙ୍କ ପରିବାର ଅସନ୍ତୋଷ ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ । କେବଳ ତାଙ୍କ ପରିବାର ନୁହଁନ୍ତି, ବହୁ ବିଜେପି ନେତା ମଧ ସିବିଆଇ ତଦନ୍ତ ପାଇଁ କହିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ନବ ଦାସଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରି ତାଙ୍କ ବୟାନ ରେକର୍ଡ କରିଛି । ଗତ ଦୁଇଦିନ ହେବ ଗୋପାଳ ଦାସଙ୍କ ବ୍ରହ୍ମପୁର ଘରକୁ ଯାଇ କ୍ରାଇମ୍‌ବ୍ରାଞ୍ଚର ତିନିଜଣିଆ ଟିମ୍ ତାଙ୍କ ପୁଅ, ପୁତୁରା, ଭାଇ ଓ ଝାରସୁଗୁଡାରେ ଥିବା ତାଙ୍କ ହୋଟେଲ ରୋଷେୟାକୁ ପଚରାଉଚରା କରିଛି । ସେମାନଙ୍କ ବୟାନ ରେକର୍ଡ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ହତ୍ୟାକାଣ୍ଡର ଅସଲ ରହସ୍ୟ ଜାଣିବା ପାଇଁ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରୁଛି । ହତ୍ୟାକାଣ୍ଡ ପୂର୍ବରୁ ଅଭିଯୁକ୍ତ ଗୋପାଳ ଦାସ ଟେଲିଫୋନ୍‌ରେ କେଉଁମାନଙ୍କ ସହ କ'ଣ କଥା ହୋଇଥିଲା ତାହା ଜାଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ସେହି ଟେଲିଫୋନ୍ ନମ୍ବରର କଲ ଡିଟେଲ୍ସ ସଂଗ୍ରହ କରିବ ବୋଲି ସୂଚନା ମିଳିଛି ।

ଗୋପାଳ ଦାସଙ୍କ ଝିଆରୀ ସହ ନବ ଦାସଙ୍କର ପରକୀୟା ପ୍ରୀତି ସମ୍ପର୍କ ଥିବା ସେ ଜାଣିବା ପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ସମୟରେ ନବ ଦାସଙ୍କୁ ତାହା କହିବା ସହ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲା । ସେଥିରୁ ସେ ନିବୃତ୍ତ ନହେବାରୁ ତାଙ୍କୁ ଗୋପାଳ ଦାସ ହତ୍ୟା କରିଥିବା ଚର୍ଚ୍ଚା ହେଉଛି ହେଲେ କ୍ରାଇମ୍‌ବ୍ରାଞ୍ଚ ତାହା ସ୍ପଷ୍ଟ କରିନାହିଁ । ଏହା ପୂର୍ବରୁ ନବ ଦାସଙ୍କ ଡ୍ରାଇଭର ସହ ତାଙ୍କ ଝିଅର ସମ୍ପର୍କ ଥିବା ଜାଣିବା ପରେ ଝିଅକୁ ସେ ତାଗିଦ୍ କରିଥିଲେ । ଡ୍ରାଇଭର ଓ ଝିଅ ତାଗିଦ୍‌କୁ ଶୁଣିନଥିଲେ । କାରଣ ଉଭୟ ବିବାହ ପାଇଁ ସ୍ଥିର କରିଥିବାରୁ ଝିଅ ବାପାଙ୍କ ତାଗିଦ୍‌କୁ ଖାତିର କରିନଥିଲା । ନବ ଦାସ ସବୁକଥା ଜାଣିବା ପରେ ଡ୍ରାଇଭରକୁ ହତ୍ୟା କରିଥିବା କୁହାଯାଉଛି । ଡ୍ରାଇଭର ହତ୍ୟାକାଣ୍ଡରେ ଝିଅ ବାପାଙ୍କ ଉପରେ କ୍ଷୁବ୍ଧ ଥିଲା । ହତ୍ୟାକାଣ୍ଡ ଦିନ ତାଙ୍କର କିଛି ଭୂମିକା ଥିବା କୁହାଯାଉଥିବାରୁ ଏସବୁ ଦିଗକୁ ଆଧାର କରି କ୍ରାଇମବ୍ରାଞ୍ଚ ତଦନ୍ତ ଆଗକୁ ବଢୁଛି । ଅଭିଯୁକ୍ତ ଗୋପାଳ ଦାସଙ୍କୁ ଇତିମଧ୍ୟରେ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜେରା କରିବାର କାର୍ଯ୍ୟକ୍ରମ ରହିଛି । କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଜାରି ରହିଥିବା ବେଳେ ପୂର୍ବରୁ ଯେଉଁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିଥିଲା ସେ ରିପୋର୍ଟ କୁଆଡେ ଗଲା ତାହା ଜଣାପଡିନାହିଁ । ସେ ସମୟରେ ଅଭିଯୁକ୍ତ ଗୋପାଳ ଦାସ ବିରୋଧରେ ମଧ ଚାର୍ଜସିଟ୍ ହୋଇଥିଲା । ହତ୍ୟାକାଣ୍ଡର ଅସଲ ରହସ୍ୟ କ'ଣ ସେ ସମୟରେ ତଦନ୍ତ କରୁଥିବା ଟିମ୍ ଚାର୍ଜସିଟ୍‌ରେ ମଧ କହିନଥିଲା ।

ହତ୍ୟାକାଣ୍ଡ ପରେ ନବ ଦାସଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱର ଆପୋଲ ହସ୍ପିଟାଲକୁ ଅଣାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହତ୍ୟାକାଣ୍ଡରେ ରାଜନୈତିକ ଷଡଯନ୍ତ୍ର ଥିବାରୁ ମରଶରୀରକୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱର ଅଣାଯାଇଥିବା ସେ ସମୟର ବିରୋଧୀ ବିଜେପି ଅଭିଯୋଗ କରିଥିଲା । ବର୍ତ୍ତମାନ ତଦନ୍ତକାରୀ ଟିମ୍ ଆମ୍ବୁଲାନ୍ସ ହସ୍ପିଟାଲର ସେ ସମୟର ଡାକ୍ତରଙ୍କୁ ମଧ ପଚରାଉଚରା କରିସାରିଛି । ପୁନଃ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ଆଧାର କରି ପଚରାଉଚରା ଜାରି ରଖିଥିବା ବେଳେ ଅଭିଯୁକ୍ତ ଗୋପାଳ ଦାସ ତାଙ୍କ ବୟାନରେ କ'ଣ କହିବେ ତାକୁ ସମସ୍ତେ ପ୍ରତୀକ୍ଷା କରିଛନ୍ତି । ତାଙ୍କ ଝିଆରୀର ପ୍ରେମ ପାଇଁ ନବ ଦାସଙ୍କୁ ସେ ହତ୍ୟା କରିଛନ୍ତି ନା' ରାଜନୈତିକ ଷଡଯନ୍ତ୍ରରୁ କାହା କଥାରେ ପ୍ରଭାବିତ ହୋଇ ହତ୍ୟା କରିଛନ୍ତି ସେ ତାଙ୍କ ବୟାନରେ କହିପାରନ୍ତି ବୋଲି ମତ ପ୍ରକାଶ ପାଇଛି । ଜଣେ ମନ୍ତ୍ରୀଙ୍କୁ ପୋଲିସ ଏଏସ୍‌ଆଇ ହତ୍ୟା କରିବାର ପ୍ରକୃତ କାରଣ କ'ଣ ଓ ଗୋପାଳଙ୍କ ପଛରୁ ଆଉ କିଏ ନବ ଦାସଙ୍କ ଉପରକୁ ଗୁଳି ଚଳାଇଥିବା ଯାହା ଚର୍ଚ୍ଚା ହେଉଥିଲା ସେସବୁ ରହସ୍ୟଜନକ କଥା ଜାଣିବା ପାଇଁ ଓଡ଼ିଶାବାସୀ ଇଚ୍ଛୁକ । ଆଉ ଥରେ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ହତ୍ୟାକାଣ୍ଡର ଅସଲ ରହସ୍ୟ ଉନ୍ମୋଚନ କରିବା ନେଇ ଏବେ ବି ଲୋକଙ୍କ ମନରେ ସନ୍ଦେହ ହେଉଛି । କାରଣ ସେ ସମୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରାଜନୈତିକ ଷଡଯନ୍ତ୍ରରୁ ନଷ୍ଟ କରିଦିଆଯାଇଥିବା କୁହାଯାଉଛି । ଯେଉଁ ସିବିଆଇ ତଦନ୍ତ କଥା ତାଙ୍କ ପରିବାର ଦାବି କରିଛି ଓ ରାଜନେତାମାନେ ଦାବି କରିଛନ୍ତି, ତାହା ହେଲେ ହୁଏତ ହତ୍ୟାକାଣ୍ଡର ଅସଲ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି କୁହାଯାଉଛି ।

## ଗଣମାଧ୍ୟମଙ୍କ ସହଯୋଗ ପାଇଁ

# ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଖେ ପହଞ୍ଚିଛି ସୁଭଦ୍ରା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ) : ମହିଳା ଓ ଶିଶୁ ବିକାଶ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଗଣମାଧ୍ୟମ ସହ ମତବିନିମୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ସେମାନଙ୍କ ଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଥିଲେ । ସୁଭଦ୍ରା ଯୋଜନାରେ ଏସଓପି ତଥା ଗାଇଡ ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଥିଲେ ।

ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ପରିଡା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖୁବ କମ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ




ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଓ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଧନ୍ୟବାଦ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ସାମ୍ବାଦିକ, ସମ୍ପାଦକ ଯୋଗ ଦେଇଥିଲେ । ଏହା ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରାଜ୍ୟରେ ଗଠିତ ହେଲା ୪୬ଟି ସିଭିଲ୍ ଜଜ୍ କୋର୍ଟ

ଭୁବନେଶ୍ୱର,(ସବ୍ୟୁ) :ରାଜ୍ୟରେ ଗଠିତ ହୋଇଛି ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) । ଏହି କୋର୍ଟ ଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ । ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ସମାପ୍ତ ହେଲା ।

## ମାଲକାନଗିରି ଜିଲ୍ଲାପାଳଙ୍କ ଅଡୁଆ ବଢିଲା

# ଆତ୍ମହତ୍ୟା ମାମଲାରେ ଆଗୁଆ ଜାମିନ ଆବେଦନ ଖାରଜ

କଟକ,(ସବ୍ୟୁ): ଜଣେ ଷ୍ଟେନୋ ଆତ୍ମହତ୍ୟା କରିବା ଅଭିଯୋଗରେ ତତ୍କାଳୀନ ମାଲକାନଗିରିର ଜିଲ୍ଲାପାଳ ମନିଷ ଅଗ୍ରୱାଲଙ୍କ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏହି ଜାମିନ୍ ଆବେଦନ ଖାରଜ ହୋଇଯିବା ଫଳରେ ମନୀଷ ଅଗ୍ରୱାଲଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଛି । ମନୀଷ ଅଗ୍ରୱାଲଙ୍କ ସମେତ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଭି. ବେଣୁ (ଡାଗ ଏଣ୍ଟ୍ରି ଅପରେଟର) ଏବଂ ପ୍ରକାଶ ଚନ୍ଦ୍ର ସ୍ୱାଇଁ( ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ)ଙ୍କର ମଧ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି ।

ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀ(ଷ୍ଟେନୋଗ୍ରାଫର) ମଧ୍ୟ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟକୁ ଆସିଥିଲେ । ତାଙ୍କୁ ୬୫ ବର୍ଷ ହୋଇଥିଲାବେଳେ ସେ କ୍ୟାନସରରେ ଆକ୍ରାନ୍ତ ଏବଂ ତାଙ୍କ ପତ୍ନୀ ମାନସିକ ରୋଗରେ ପୀଡ଼ିତ ବୋଲି ଅଦାଲତଙ୍କୁ ଅବଗତ କରିଥିଲେ । ଏହାକୁ ଗ୍ରହଣ କରି ହାଇକୋର୍ଟ ଆବେଦନକାରୀଙ୍କୁ ତିନି ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ କରି ଜାମିନ୍ ପାଇଁ ଆବେଦନ କରିବାକୁ କହିଛନ୍ତି । ନିମ୍ନ ଅଦାଲତ ଆବଶ୍ୟକ ଅର୍ଥ ଧାର୍ଯ୍ୟ କରିବା ସହ ତାଙ୍କୁ ଜାମିନ୍‌ରେ ଛାଡ଼ିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆଗୁଆ ଜାମିନ୍ ମାମଲାର ରାୟ ପ୍ରକାଶ କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଦେବ ନାରାୟଣ ପଣ୍ଡା ମାଲକାନଗିରି ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ କର୍ଯ୍ୟ କରୁଥିଲେ । ୨୦୧୯ ମେ' ୨୭ ତାରିଖ ଦିନ ସେ ହଠାତ୍ କେଉଁଆଡ଼େ ଗାଏବ୍ ହୋଇଯାଇଥିଲେ । ଏ ନେଇ ପ୍ରଥମେ ଏକ ମାମଲା ରୁଜୁ ହୋଇଥିଲା । ପରେ ଦେବ ନାରାୟଣ ପଣ୍ଡାଙ୍କ ଶବ ସତୀଗୁଡ଼ା ଜ୍ୟାମ୍ ନିକଟରୁ ମିଳିଥିଲା । ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏହି ଘଟଣାରେ ମାଲକାନଗିରିର ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ, ଏବଂ ଅନ୍ୟ ତିନିଜଣଙ୍କ ନାମରେ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା । ମାଲକାନଗିରି ଏସ୍‌ଡିଜିଏମ୍‌ଙ୍କ ଅଦାଲତ ଏହି ହତ୍ୟା ମାମଲାରେ କଗ୍ନିଜନ୍ସ ମଧ ଗ୍ରହଣ କରିଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ହତ୍ୟା ମାମଲା ପରିବର୍ତ୍ତେ ଅଭିଯୁକ୍ତମାନଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତଇବା( ଆଇପିସି–୩୦୬) ଅଭିଯୋଗରେ ମାମଲା ଚାଲିବ ବୋଲି ସ୍ପଷ୍ଟ କରାଯାଇଥିଲା । ପରେ ଏହାକୁ ଚାଲେଞ୍ଜ କରି ଆବେଦନକାରୀମାନେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ । କିନ୍ତୁ ସବୁଠୁ ନିରାଶ ହେବାକୁ ପଡ଼ିଥିଲା । ଶେଷରେ ନିମ୍ନ ଅଦାଲତ ଆବେଦନକାରୀଙ୍କ ବିରୋଧରେ କଗ୍ନିଜ ନେଇଥିଲେ । ଏହି ଘଟଣାରେ ଆବେଦନକାରୀ ଶ୍ରୀ ଅଗ୍ରୱାଲ ଏବଂ ଅନ୍ୟ ତିନି ଅଭିଯୁକ୍ତ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ମନୀଷ ଅଗ୍ରୱାଲ ସୁପ୍ରିମକୋର୍ଟରେ ଫାଇଲ୍ କରିଥିବା ଏସ୍‌ଏଲ୍‌ପି ଖାରଜ ହୋଇଯିବା ପରେ ଏହି ଆଗୁଆ ଜାମିନ୍ ପାଇଁ ଆସିବା ଆଇନର ଅପବ୍ୟବହାର କରିବା ସହ ସମାନ ।ଏଥିସହ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ନହେବା ପାଇଁ ବାଟ ତିଆରି କରିବା । ତେଣୁ ଏହି ଆଧାରରେ ଆବେଦନକାରୀଙ୍କୁ ଆଗୁଆ ଜାମିନ୍ ଆବେଦନ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ମତଦେବା ସହ ସମସ୍ତଙ୍କ ଆବେଦନକ ଖାରଜ କରି ଦେଇଛନ୍ତି ।


सत्यमेव जयते
भारत सरकार

ଯୁବ ସଶକ୍ତିକରଣର ନୂଆ ତରଙ୍ଗ,
ବିକଶିତ ଭାରତର ବଜାୟ ରହିବ ପରିଚୟ



ସାରା ଦେଶର ୪୭ ସ୍ଥାନରେ ସରକାରୀ ଚାକିରି ପାଇଁ ୫୧ ହଜାରରୁ ଊର୍ଦ୍ଧ୍ୱ ବଛା ବଛା ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ

ରୋଜଗାର ମେଳା ଜରିଆରେ

ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦିଙ୍କ

ଦ୍ୱାରା

୨୬ ଏପ୍ରିଲ, ୨୦୨୫ ପୂର୍ବାହ୍ନ ୧୧.୦୦

(ଭିଡିଓ କନ୍‌ଫରନ୍ସିଂ ଜରିଆରେ)

- ଭାରତ ସରକାର ଏବଂ ସହଯୋଗୀ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ଲକ୍ଷାଧିକ ନୂତନ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରାଯାଉଅଛି ।
- ଯୁବକଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାକୁ ପେପର ଲିକ୍ ବିରୁଦ୍ଧରେ କଡ଼ା ଆଇନ ଲାଗୁ କରାଯାଇଛି ।
- ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଖାଲିଥିବା ସ୍ଥାନଗୁଡିକର ନିରନ୍ତର ପର୍ଯ୍ୟବେକ୍ଷଣ ଏବଂ ନିଯୁକ୍ତି ପ୍ରକ୍ରିୟା ।
- ସମାନ ସୁଯୋଗ ସୁନିଶ୍ଚିତ କରିବାକୁ ୧୩ଟି ଆଞ୍ଚଳିକ ଭାଷାରେ ନିଯୁକ୍ତି ପରୀକ୍ଷା ବ୍ୟବସ୍ଥା ।
- ମହିଳା, ଦିବ୍ୟାଙ୍ଗ ଏବଂ ଆକାଂକ୍ଷିତ ଜିଲ୍ଲାର ପ୍ରାର୍ଥୀମାନଙ୍କୁ ବିଶେଷ ଲାଭ ।
- ପ୍ରତିଷ୍ଠିତ ସଂସ୍ଥା ଯଥା : ୟୁପିଏସ୍‌ସି, ଏସ୍‌ଏସସି, ରେଳବାଇ ନିଯୁକ୍ତି ବୋର୍ଡ ଏବଂ ଆଇବିପିଏସ୍ ଜରିଆରେ ନିଯୁକ୍ତି ।
- ବଛା ବଛା ପ୍ରାର୍ଥୀମାନଙ୍କ ପ୍ରଶିକ୍ଷଣ ପାଇଁ "କର୍ମଯୋଗୀ ପ୍ରାରମ୍ଭ" ମୋଡ୍ୟୁଲ ସହିତ ଆଇ-ଜିଓଟି କର୍ମଯୋଗୀ ପୋର୍ଟାଲରେ ୨୨୦୦ ରୁ ଅଧିକ ପାଠ୍ୟକ୍ରମ ଉପଲବ୍ଧ ।
- ନାଗରିକ ସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ସରକାରୀ ଚାକିରି କ୍ଷେତ୍ରରେ କରାଯାଉଛି ଲକ୍ଷ ଲକ୍ଷ ନିଯୁକ୍ତି ପରୀକ୍ଷା ।

DD NEWS
ଡିଡି ନ୍ୟୁଜ୍ ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ପ୍ରଶିକ୍ଷଣ ସମ୍ପର୍କରେ ଅଧିକ ସୂଚନା ଜାଣିବାକୁ କର୍ମଯୋଗୀ ମୋଡ୍ୟୁଲର ୱେବସାଇଟ୍ ଦେଖନ୍ତୁ
https://igotkarmayogi.gov.in/QR Code ସ୍କାନ୍ କରନ୍ତୁ

CBC 15502/13/0001/2526

ସମୟ

# ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ, ରାଜ୍ୟ ସୂଚନା ଆୟୁକ୍ତଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର(ସବ୍ୟୁ): ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ୩ଜଣ ରାଜ୍ୟ ସୂଚନା ଆୟୁକ୍ତ ଶପଥ




ଗ୍ରହଣ କରିଛନ୍ତି । ଶୁକ୍ରବାର ରାଜଭବନର ଅଭିଷେକ ହଲ୍ ଠାରେ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ମନୋଜ କୁମାର ପରିଡ଼ା, ରାଜ୍ୟ ସୂଚନା ଆୟୁକ୍ତ ଭାବେ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ, ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଗୁରୁବୀର ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଏଚପି ପକ୍ଷରୁ ନେକ୍ସଟ-ଜେନ ଏଆଇ ପିସିଗୁଡିକର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ପି ପକ୍ଷରୁ ଭାରତରେ ଏହାର ସବୁଠାରୁ ଶକ୍ତିଶାଳୀ ଓ ବିସ୍ତୃତ ରେଞ୍ଜର ନେକ୍ସଟ-ଜେନ ଏଆଇ ପିସିଗୁଡିକର ଉନ୍ମୋଚନ କରାଯାଇଛି। ନୂଆ ଏଚ୍‌ପି ଏଲିଟବୁକ୍ଏ ଏଚ୍‌ପି ପ୍ରୋବୁକ ଓ ଏଚ୍‌ପି ଓମ୍ନିବୁକ ସିରିଜକୁ ବୃହତ ଉଦ୍ୟୋଗ, ଷ୍ଟାର୍ଟଅପ ଓ ରିଟେଲ ଉପଭୋକ୍ତାଙ୍କ ଭଳି ଗ୍ରାହକଙ୍କ କମ୍ପ୍ୟୁଟିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି। ଇଂଟେଲ କୋର ଅଲଟ୍ରା ୨୦୦ ଭି ସିରିଜ୍, ଏଏମ୍‌ଡି ରାଇଜେନ୍ ଏଆଇ ୩୦୦ ସିରିଜ୍ ଏବଂ କ୍ୱାଲକମ ସ୍ନାପଡ୍ରାଗନ ଏକ୍ସ, ଏକ୍ସ ଏଲିଟ, ଏକ୍ସ ପ୍ଲସ ସମେତ ନୂଆ ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଏକ ଡେଡିକେଟେଡ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନପିୟୁ) ସହ ସୁସଜ୍ଜିତ ରହିଛି ।

# ଆରୋହଣ ଟ୍ରଷ୍ଟ ପକ୍ଷରୁ ମୌନ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଆରୋହଣ ଟ୍ରଷ୍ଟ ଓ ସହିଦ୍ ଭଗତ ସିଂ ଯୁବ ପରିଷଦ ପକ୍ଷରୁ ଏକ ବିଶାଳ ମୌନ କ୍ୟାଣ୍ଡେଲ୍ ଶୋଭାଯାତ୍ରାର ଆୟୋଜନ ହୋଇଥିଲା । ଏହା ଜୟଦେବ ବିହାର ଭଗବତୀ ମନ୍ଦିର ଠାରୁ ବାହାରି ବିଜୁପଟ୍ଟନାୟକ କଲେଜ ଦେଇ ଏନ୍ ୬ ସ୍ଥିତ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଅରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସହିଦ୍ ଭଗତ ସିଂ ଯୁବ ପରିଷଦର ସମ୍ପାଦକ ସ୍ୱପ୍ନେନ୍ଦୁ ମହାନ୍ତି । ଶ୍ରୀ ମହାନ୍ତି କହିଥିଲେ କାଶ୍ମୀର ସହରର ପହେଲଗାମ ରେ ଘଟିଥିବା ଆକ୍ରମଣରେ ମୃତ୍ୟୁବରଣ କରିଥିବା ନାଗରିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଶାନ୍ତିପୂର୍ଣ୍ଣ ମହମବତୀ ମାର୍ଚ୍ଚର ଆୟୋଜନ ହୋଇଛି ଏବଂ ତା ସହିତ ପାକିସ୍ତାନ ଆତଙ୍କବାଦୀଙ୍କ କାର୍ଯ୍ୟକୁ ଘୋର ନିନ୍ଦା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜୟଦେବ ବିହାର ଓ ଆଇ ଆର ସି ଭିଲେଜ୍ ଅଞ୍ଚଳ ର ଅନେକ ନାଗରିକ, ଯୁବକ, ଯୁବତୀ ମାନେ ଓ ଛାତ୍ରଛାତ୍ରୀମାନେ ସହଭାଗୀ ହୋଇ ନିହତ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେମାନେ ମହମବତୀ ଧରି ଶାନ୍ତି ଓ ଏକତାର ବାର୍ତ୍ତା ଦେଇ ଆତଙ୍କବାଦ ପ୍ରତି ଗଭୀର ନିନ୍ଦା ବ୍ୟକ୍ତ କରିଥିଲେ । ଏହି ମାର୍ଚ୍ଚ ମାଧ୍ୟମରେ ଆରୋହଣ ଟ୍ରଷ୍ଟ ଓ ସହିଦ୍ ଭଗତ ସିଂ ଯୁବ ପରିଷଦ ଏକତାର ଦୃଢ଼ ସଙ୍କଳ୍ପ ପ୍ରଦର୍ଶନ କରିଛି ଓ ମୃତକ ନାଗରିକଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛି ।




### ଭାରତ ଇସ୍ପାତ – ୨୦୨୫ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# 'ଇସ୍ପାତ' ଭାରତୀୟ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଇସ୍ପାତ ହେଉଛି ଭାରତୀୟ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଠିକ୍ ଇସ୍ପାତ ନୀତି ଯୋଗୁଁ ଭରତ ଆଜି ବିଶ୍ୱର ଦ୍ୱିତୀୟ ଇସ୍ପାତ ଉତ୍ପାଦନକାରୀ ଦେଶ ହୋଇଛି । ଇସ୍ପାତ କ୍ଷେତ୍ରର ବିକାଶ ହେଲେ ଯୁବପିଢ଼ି ନୂଆ ନୂଆ ଉଦ୍ଭାବନ କରିବା ପାଇଁ ସମର୍ଥ ହୋଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ମୁମ୍ବାଇ ଠାରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଏବଂ ଫିକି ଇଣ୍ଡିଆ ଦ୍ୱାରା ଆୟୋଜିତ ଭାରତ ଇସ୍ପାତ୍ ସମ୍ମିଳନୀ ତଥା ପ୍ରଦର୍ଶନୀ –୨୦୨୫ର ଷଷ୍ଠ ସଂସ୍କରଣରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଇସ୍ପାତ କ୍ଷେତ୍ର କେବଳ ଭାରତର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ନୁହେଁ ଏହା ଭବିଷ୍ୟତ ଆକାଂକ୍ଷାର ମଧ୍ୟ ମେରୁଦଣ୍ଡ । ଭାରତ ବିଶ୍ୱ ଇସ୍ପାତ୍ ବଜାରରେ ଷ୍ଟ୍ରାଟେଜିକ୍ ସ୍ଥିତି ମାଧ୍ୟମରେ ଏକ ନୂଆ ରୂପରେ ଉଭା ହେଉଛି । ଜାତୀୟ ଇସ୍ପାତ ନୀତି – ୨୦୧୭ ଇସ୍ପାତ ଶିଳ୍ପକୁ ତାହାର ପୂର୍ଣ୍ଣ ସମ୍ଭାବନା ସହିତ ମୂଲ୍ୟଯୁକ୍ତ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି । ଆଗାମୀ ଦିନରେ ମୂଲ୍ୟଯୁକ୍ତ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଶିଳ୍ପ ପରିବର୍ତ୍ତନକୁ ଏକ ପ୍ରତିଯୋଗିତାମୂଳକ ଲାଭରେ ପରିଣତ କରିବା ପାଇଁ ସବୁଜ ଇସ୍ପାତ ଏକ ସୁଯୋଗ ଦେଇଛି । ଯେତେବେଳେ ଆମେ ଇସ୍ପାତ କ୍ଷେତ୍ରର ପୁନଃକଳ୍ପନା କରିବା ସହ ଏହାକୁ ଅଧିକ ଅଭିନବତା ଭିତ୍ତିକ କରିବା, ସେତେବେଳେ ଆମର ପ୍ରତିଭାବାନ ଯୁବକମାନଙ୍କ ପାଇଁ ଉଦ୍ଭାବନ ଏବଂ ଶିଳ୍ପ ସହିତ ସହଯୋଗ କରିବା ର ସୁଯୋଗ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ । ଆଗାମୀ ଦିନରେ ଇସ୍ପାତ କେବଳ ଶକ୍ତିଶାଳୀ ହେବ ନାହିଁ, ଏହା ସ୍ମାର୍ଟ ଓ ସବୁଜ ହେବ । ବିଭିନ୍ନ କ୍ଷେତ୍ରରେ ନବସୃଜନ ଏବଂ ସହଯୋଗ ପ୍ରଦର୍ଶନ କରିବା ପାଇଁ ଏହା ହେଉଛି ଭାରତର ଦଶନ୍ଧି । ଆମର ଇସ୍ପାତ ଶିଳ୍ପ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଶିଳ୍ପ ବିକାଶ ଏବଂ ନିରନ୍ତର ଓ ସମାବେଶୀ ପ୍ରଗତି ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।




### ରବି ଋତୁ ଧାନକିଣା ଲାଗି କମିଟି ବୈଠକ

# ମେ' ପହିଲାରୁ ୨୦ ଜିଲ୍ଲାରେ ଧାନକିଣା

ଭୁବନେଶ୍ୱର(ସବ୍ୟୁ): ଚଳିତ ରବି ଋତୁରେ ଚାଷୀମାନଙ୍କ ଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଚଳିତ ରବି ଋତୁ ପାଇଁ ଆସନ୍ତା ମେ' ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ । ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରୁ ଜଣାପଡ଼ିଛି ।

ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ । ଏଥିରେ ମଧ୍ୟ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଯେଉଁଭଳି ଯୋଗ୍ୟ ଚାଷୀ ଧାନକିଣାରୁ ବଞ୍ଚିତ ନହୁଅନ୍ତି ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଦ୍ୱାରା ଉପଗ୍ରହ ଜରିଆରେ ଧାନଜମିର ଉତ୍ତୋଳିତ ଫଟୋ ଓ ଡିଜିଟାଲ ଶସ୍ୟ ସର୍ବେକ୍ଷଣକୁ ବ୍ୟବହାର କରି ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯାଉଥିବାରୁ ଶ୍ରୀ ଆହୁଜା ଖୁସି ବ୍ୟକ୍ତ କରିଥିଲେ । ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଫିସର ଓ ୩ରୁ ୪ଟି ମଣ୍ଡିକୁ ନେଇ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

ଏଥିସହ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ରକୁ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିପାରିବେ । ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ ସହ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ସହ ସିସିଟିଭିର ବ୍ୟବସ୍ଥା କରାଯାଇଛି । ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ବାହାର ରାଜ୍ୟର ଧାନଗାଡ଼ି ଯେଉଁଭଳି ଆମ ରାଜ୍ୟ ଭିତରକୁ ନଆସେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ନିୟୋଜନ ପାଇଁ ପରାମର୍ଶ ଦିଆଯାଇଛି । ମଣ୍ଡିରୁ ମିଲକୁ ଯାଉଥିବା ଧାନଗାଡ଼ିକୁଡ଼ିକ ଉପରେ ସିସିଟିଭି ସଂଯୋଗ କରାଯିବ । ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ ।



**୧୪ ଲକ୍ଷ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ**

### ସମାବେଶୀ ଏବଂ କ୍ଷେତ୍ରୀୟ ଅଭିବୃଦ୍ଧି ପାଇଁ

# ୨୦୨୫-୨୬ ଲାଗି ନୂତନ ନେତୃତ୍ୱ ଘୋଷଣା କଲା ସିଆଇଆଇ ଓଡ଼ିଶା

ଭୁବନେଶ୍ୱର, (ସବ୍ୟୁ): କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦ ଝାରସୁଗୁଡା ସ୍ଥିତ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତାଙ୍କୁ ୨୦୨୫-୨୫ ବର୍ଷ ପାଇଁ ଏହାର ଅଧ୍ୟକ୍ଷ ଭାବେ ଘୋଷଣା କରିଛି । ଏହି ଟିମରେ ଏଏମ/ଏନଏସ୍ ଇଣ୍ଡିଆ, ଓଡ଼ିଶା ଆସେଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି ସିଆଇଆଇର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

ଆଗାମୀ ବର୍ଷର ପ୍ରାଥମିକତା ଉପରେ ବକ୍ତବ୍ୟ ରଖି ସୁନୀଲ ଗୁପ୍ତା ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉପରେ ସିଆଇଆଇର ରଣନୈତିକ ଧ୍ୟାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ୍‌ଏସ୍‌ଏମ୍‌ଇ, ଧାତୁ ଏବଂ ଖଣି, ସ୍ୱାସ୍ଥ୍ୟସେବା, ଏବଂ କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସିଆଇଆଇର ଲକ୍ଷ୍ୟ ହେଉଛି ସମଗ୍ର ରାଜ୍ୟରେ ସମାବେଶୀ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା, ବିଶେଷ କରି ସିଆଇଆଇର କାର୍ଯ୍ୟକଳାପକୁ ସମ୍ପ୍ରସାରିତ କରିବା । ପଶ୍ଚିମ ଓଡ଼ିଶା ବିଶେଷକରି ଓଡ଼ିଶା ସରକାରଙ୍କ ଶିଳ୍ପ, ଏମଏସଏମଇ, କୃଷି, ପରିବେଶ, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ ଭଳି ବିଭାଗଗୁଡ଼ିକ ସହିତ ଘନିଷ୍ଠ ଭାବରେ ସହଭାଗିତା କରିବା ଉପରେ ଜୋର ଦେଇଥିଲେ । ସେ କହିଥିଲେ ଯେ ସିଆଇଆଇ ଓଡ଼ିଶାର ଔଦ୍ୟୋଗିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଧ୍ୟାନ ଦେବ । ଗ୍ରୀନ୍ ବିଲ୍ଡିଂ ସାର୍ଟିଫିକେସନ୍, ରପ୍ତାନୀ ବୃଦ୍ଧି ସମ୍ଭାବନା, ଏବଂ ସବୁଜ ପ୍ରକଳ୍ପ ଜରିଆରେ ଭିତ୍ତିଭୂମି ପ୍ରମୁଖ ପଦକ୍ଷେପ ଯେପରିକି ଏମଏସଏମଇ ଗୁଡିକୁ କ୍ଷୁଦ୍ର, ବୃହତ ଏବଂ ରାଷ୍ଟ୍ରାୟତ୍ତଉଦ୍ୟୋଗଗୁଡ଼ିକ ସହିତ ଯୋଡ଼ିବା, ଯାହାଦ୍ୱାରା ସମାବେଶୀ ଏବଂ ନିରନ୍ତର ଶିଳ୍ପ ବିକାଶ ସୁନିଶ୍ଚିତ ହେବ ।

ସୁରେଶ ଜି. ଓଡ଼ିଶାକୁ କ୍ଷେତ୍ରୀୟ ବିଶେଷଜ୍ଞତା ଆଣିବା ପାଇଁ ସିଆଇଆଇର ଉତ୍କର୍ଷ କେନ୍ଦ୍ରଗୁଡ଼ିକର ଲାଭ ଉଠାଇବା ଲାଗି ପରିଷଦର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ ଯେ ଆମେ ଏହି କ୍ଷେତ୍ରରେ ଜିଏସଟି, ଜିଇଏମ, ଟିକ୍ୟୁଏମ, ଏବଂ ରପ୍ତାନୀ ଦସ୍ତାବିଜ ତାଲିମ ପ୍ରଦାନ କରି ନିଯୁକ୍ତି ସୃଷ୍ଟି ଏବଂ ଉତ୍ପାଦନଶୀଳତାକୁ ସମର୍ଥନ କରିବୁ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଓଡ଼ିଶାର ଯୁବକମାନଙ୍କୁ ଦକ୍ଷ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ବ୍ୟାପକ ବିକାଶ ଏଜେଣ୍ଡାର ଅଂଶବିଶେଷ ସ୍ୱରୂପ, ସିଆଇଆଇ ଓଡ଼ିଶା ମଧ୍ୟ ଏହି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ । ପର୍ଯ୍ୟଟନ, ନବସୃଜନ, ସହରୀକରଣ, ମାଲ ପରିବହନ ଏବଂ ବହୁମୁଖୀ ଲଜିଷ୍ଟିକ୍ସ, ମତ୍ସ୍ୟଚାଷ, ଜଳବାୟୁ ସହନଶୀଳତା, ଶକ୍ତି ରୂପାନ୍ତରଣ, ଏବଂ ଓଡ଼ିଶାର ସମୃଦ୍ଧ କଳା, ଐତିହ୍ୟ ଏବଂ କ୍ରୀଡ଼ାର ସଂରକ୍ଷଣ ଦିଗରେ ପଦକ୍ଷେପ ନେବ । ସିଆଇଆଇ ଏବଂ ଏହାର ନୂତନ ନେତୃତ୍ୱ ମିଳିତ ଭାବେ ବ୍ୟବସାୟ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା, ଗୋଷ୍ଠିଗୁଡ଼ିକୁ ସଶକ୍ତ କରିବା ଏବଂ ଓଡ଼ିଶାର ନିରନ୍ତର ଅର୍ଥନୈତିକ ପରିବର୍ତ୍ତନ ପାଇଁ ନୀତିଗତ ନିଷ୍ପତ୍ତିକୁ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।




**ସୁନୀଲ ଗୁପ୍ତା ସିଆଇଆଇ ଅଧ୍ୟକ୍ଷ, ଜି.ସୁରେଶ ଉପାଧ୍ୟକ୍ଷ**

## ଲାପଟପ୍ ଜବତ: ଜଣେ ଗିରଫ

କଟକ,(ସବ୍ୟୁ): ଏକ ଘରୋଇ ସଂସ୍ଥାରୁ ଚୋରି କରିବା ଘଟଣାରେ କର୍ମଚାରୀକୁ ମଧୁପାଟଣା ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି କେନ୍ଦ୍ରାପଡାର ତୁଷାର ରଞ୍ଜନ ସ୍ୱାଇଁ(୪୫) । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି । ମଧୁପାଟଣା ଥାନା ଅଞ୍ଚଳରେ ଏକ ଘରୋଇ ବିଲ୍ଡର କମ୍ପାନୀ ରହିଛି । ଉକ୍ତ କମ୍ପାନୀରେ ଅଭିଯୁକ୍ତ ତୁଷାର ଗଲା କିଛି ବର୍ଷ ହେବ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲା । ତେବେ କୌଣସି କାରଣକୁ ନେଇ କମ୍ପାନୀର ଜଣେ ଅଧିକାରୀଙ୍କ ସହ ତାର ବିବାଦ ହେଲା । ଏଥିରେ ସେ ପ୍ରତିକ୍ରିୟାଶୀଳ ହୋଇ କମ୍ପାନୀର ଜଣେ ପଦାଧିକାରୀଙ୍କ ଲାପଟପ ଚୋରାଇ ନେଇ ପଳାଇଥିଲା । ଘଟଣା ନେଇ ଗଲା ୭ ତାରିଖରେ କମ୍ପାନୀ ପକ୍ଷରୁ କାର୍ତ୍ତିକଚନ୍ଦ୍ର ସେନାପତି ଥାନାରେ ଏତଲା ଦେଲେ । ପୋଲିସ ମାମଲା ରୁଜୁ କରି ଚଢଉ କରିଥିଲେ ହେଁ ସେ ଫେରାର ହୋଇଯାଇଥିଲା । ସେ କେନ୍ଦ୍ରାପଡା ଫେରିଥିବା ସୂଚନା ପାଇ ପୋଲିସ ଚଢଉ କରି ତାକୁ ଗିରଫ କରିଛି । ତା' ପାଖରୁ ଚୋରି ଯାଇଥିବା ଲାପଟପକୁ ମଧ୍ୟ ଜବତ କରାଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

### ପହଲଗାମ ଘଟଣାର ପ୍ରତିବାଦ

# ରାଜଧାନୀରେ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ବିକ୍ଷୋଭ



ଭୁବନେଶ୍ୱର (ସବ୍ୟୁ): ଜାମ୍ମୁ କାଶ୍ମୀର ପହଲଗାମରେ ପାକିସ୍ଥାନୀ ଆତଙ୍କବାଦୀଙ୍କ ଦ୍ୱାରା ଘଟାଯାଇଥିବା ହିନ୍ଦୁ ଲୋକଙ୍କ ସଂହାର କୁ ବିରୋଧକରି କେଶରୀୟା ହିନ୍ଦୁ ବାହିନୀ ଓଡ଼ିଶା ସଂଗଠନ ତରଫରୁ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ଏବଂ ୨୩ତାରିଖ ସନ୍ଧ୍ୟାରେ ରାମମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଗଠନର ପ୍ରତିଷ୍ଠା ରୁଦ୍ରନାରାୟଣ ଜିତ ବାବୁ, ରାଜ୍ୟ କାର୍ଯ୍ୟକାରି ସଭା ସଭାପତି ଆରିୟବ୍ରତ ସାମଲ, ସମ୍ପାଦକ ଅନିଲ ମହାନ୍ତି, ମାର୍ଗ ଦର୍ଶକ ପ୍ରଶନ୍ନ ମହାନ୍ତି, ମିଡ଼ିଆ ପ୍ରଭାରି ଗୋଲକ ବିହାରୀ ଦୀକ୍ଷିତ, କୋଷାଧକ୍ଷ ଦେବାଶିଷ ମିଶ୍ର, ଯୁବ ସଭାପତି ନିଗମ ମହାନ୍ତି, ମହିଳା ମୋର୍ଚ୍ଚା ସଭାପତି ବନ୍ଦନା ଦାଶ, ସାଧାରଣ ସମ୍ପାଦକ ସବିତା ପଟ୍ଟନାୟକ, ଉପ ସଭାପତି ଶ୍ରୀମତି ସଙ୍ଗୀତା ଦାଶ, ସମ୍ପାଦକ ମମତା ସେଠୀ, ସମ୍ପାଦକ ସରସ୍ୱତୀ ପୃଷ୍ଟି , ସଂମ୍ପାଦକ ଜୋସ୍ନା ରାଣୀ ପଣ୍ଡା,କେଉଁଝର ଜିଲ୍ଲା ସଭାପତି ଦେବିପ୍ରସାଦ ପାତ୍ର, ଏବଂ କେଶରୀୟାର କାର୍ଯ୍ୟ କର୍ତ୍ତାଙ୍କ ମଧ୍ୟରେ ସାଗର ପାତ୍ର, ବାପୁଜୀ ପାଇକରାୟ, ଦିପ୍ତିପ୍ରସନ୍ନ, ପିଙ୍କୁ ପଣ୍ଡା, କାହ୍ନା ଜୀ, ରିଙ୍କୁ ଜେନା, ଅବିନାଶ ମହାନ୍ତି, କାହ୍ନା ଭାଇ ପ୍ରମୁଖ ଯୋଗଦାନ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପାଣି ବିଲ୍ ସହଜ ଉପାୟରେ ପଇଠ କରିବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅନୁରୋଧ

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ପ୍ରତି ମାସରେ ବିଜୁଳି, ଟେଲିଫୋନ, ଗ୍ୟାସ୍ ଆଦିର ବିଲ୍ ୟୁପିଆଇ ବା ବାର୍‌କୋଡ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏଥିରୁ ବରିଷ୍ଠ ନାଗରିକ ଓ ଜନସାଧାରଣ ମଧ୍ୟ ରିହାତିର ସୁବିଧା ପାଉଛନ୍ତି । ସେହିଭଳି ଭାବେ ୱାଟକୋର ପାଣି ବିଲ୍ ପେମେଣ୍ଟର ସୁବିଧା ଉପରୋକ୍ତ ମାଧ୍ୟମରେ ଉପଲବ୍ଧ କରିବା ପାଇଁ ନିଳାଦ୍ରୀ ବିହାର ବରିଷ୍ଠ ନାଗରିକ ଟ୍ରଷ୍ଟର ସଦସ୍ୟ ଜ୍ୟୋତିରଞ୍ଜନ ଦାସ, ବେଣୁଧର ଭୋଳ, ଦେବେନ୍ଦ୍ର ପାତ୍ର, ସାଧୁଚରଣ ସାମନ୍ତରାୟ, ବଂଶୀଧର ସେଠୀ, ଅରୁଣ ଦେ, ମାନଗୋବିନ୍ଦ ସେଠୀ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସଙ୍କୁ ପୃଥକ୍ ପୃଥକ୍ ଭାବେ ଭେଟି ଏକ ସ୍ମାରକପତ୍ର ଜରିଆରେ ଅନୁରୋଧ କରିଛନ୍ତି । ପାଣି ବିଲ୍ ପୈଠ କରିବା ନେଇ ୱାଟକୋ ସଂସ୍ଥା 'ସୁଯୋଗ' ଆପ୍ ଜରିଆରେ ଯେଉଁ ବ୍ୟବସ୍ଥା ଉପଲବ୍ଧ କରିଛନ୍ତି, ତାହା ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ପାଇଁ ସହଜସାଧ୍ୟ ହେଉନାହିଁ ତେଣୁ ପାଣି ବିଲ୍ ପୈଠ କରିବା ନିମନ୍ତେ ଫୋନ୍ ପେ, ଗୁଗୁଲ୍ ପେ୍, ବାର୍‌କୋଡ ଏବଂ ୟୁପିଆଇ ଜରିଆରେ ପ୍ରଦାନ କରିବା ପାଇଁ ଟ୍ରଷ୍ଟର ସଦସ୍ୟମାନେ ମନ୍ତ୍ରୀ ଡଃ ମହାପାତ୍ରଙ୍କୁ ଅନୁରୋଧ କରିଛନ୍ତି । ଯଦିଏକମାସ ମଧ୍ୟରେ ଏହିସମସ୍ୟାର ସମାଧାନ କରାନଯାଏ ତେବେ ଟ୍ରଷ୍ଟର ସଦସ୍ୟ ତଥା ବରିଷ୍ଠ ନାଗରିକମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାକୁ ବାଧ୍ୟ ହେବେ ବୋଲି ସେମାନେ କହିଛନ୍ତି ।



## ପୁଲିସର ନିଶା ନିବାରଣ ସଚେତନତା

କଟକ,(ସବ୍ୟୁ): କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏସିପି ଜୋନ ୨ ଅଧିନରେ ନିଶା ନିବାରଣ ସମ୍ବନ୍ଧିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମର୍କତନଗର ସେକ୍ଟର ୧୦ ସ୍ଥିତ ଏକ ଆବାସିକ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଜୋନ-୨ ଏସିପି ପ୍ରଦୀପ୍ତ ରାଉତ ଅଧ୍ୟକ୍ଷତା କରିଥିଲେ । ବିଡାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟ ଓ ଫେଜ-୨ ଥାନା ଅଧିକାରୀ ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣ ସମ୍ବନ୍ଧରେ ସଚେତନ କରାଇଥିଲେ । ମୁଖ୍ୟତଃ ବ୍ରାଉନସୁଗର, ଗଞ୍ଜେଇ ଭଳି ମାରାତ୍ମକ ନିଶାଦ୍ରବ୍ୟ ଶରୀର ପ୍ରତି କେତେ ହାନିକାରକ, ଏହାର ବେଆଇନ କାରବାର, ଏହି ନିଶା ସେବନ ଦ୍ୱାରା ଘଟୁଥିବା ଦୁର୍ଘଟଣା ଓ ଅପରାଧ ସମ୍ପର୍କରେ ପୋଲିସ ଅଧିକାରୀମାନେ ବୁଝାଇଥିଲେ । ଏହାବାଦ ବିଭିନ୍ନ ଉପାୟରେ ଘଟୁଥିବା ସାଇବର ଅପରାଧ, ଟ୍ରାଫିକ ନିୟମ, ଶୃଙ୍ଖଳିତ ଆଚରଣ ସମ୍ପର୍କରେ ମଧ୍ୟ କହିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

# ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କଲେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ

ପୁରୀ, (ସବ୍ୟୁ): କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଶୁକ୍ରବାର ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ସମୀକ୍ଷା କରିଛନ୍ତି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ, ସଫଳତା ଓ ହିତାଧିକାରୀଙ୍କ ସମ୍ପର୍କରେ ଡ. ପାଢ଼ୀ ଅନୁଧ୍ୟାନ କରିଥିଲେ । ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତରେ ପ୍ରଣୟନ କରାଯାଇଥାଏ । ଏହାର ସୁବିଧା ଓ ସୁଯୋଗ ଯେପରି ଉପଯୁକ୍ତ ହିତାଧିକାରୀ ସଠିକ ଭାବେ ପାଇ ପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶ୍ରୀମନ୍ଦିର ରେ ଜୈବିକ ସାରରେ ପ୍ରସ୍ତୁତ ପନିପରିବା, ଚାଉଳ ବ୍ୟବହାର ପାଇଁ ଓରମାସ ପ୍ରସ୍ତୁତ ଥିବା ବୈଠକରେ ସୂଚନା ମିଳିଥିଲା । ସେହିପରି ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାଟି ପାତ୍ର ବା କୁଡୁଆ ଯୋଗାଇବା ବ୍ୟବସ୍ଥା କରାଯାଉଛି । ଲକ୍ଷ ପତି ଦିଦି ସୃଷ୍ଟି ରେ ସମଗ୍ର ଦେଶରେ ଓଡିଶା ପ୍ରଥମ ହୋଇ ଥିବାରୁ ସେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ କୁ ପ୍ରଶଂସା କରିଥିଲେ ।

ପ୍ରତ୍ୟେକ ମାସ ରେ ଭଲ କାର୍ଯ୍ୟ କରୁଥିବା ଅଧିକାରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ଉଚିତ ବୋଲି ଡ. ପାଢ଼ୀ ପରାମର୍ଶ ଦେବା ସହ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କଲେ ଅନ୍ୟ ମାନଙ୍କୁ ଅନୁପ୍ରାଣିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ । ଜଙ୍ଗଲ ବିଭାଗ, ଚିଲିକା ଉନ୍ନୟନ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳ ଯୋଗାଣ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମାଜ କଲ୍ୟାଣ, ୱାଟକୋ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ସମବାୟ, ଶିକ୍ଷା,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଇତ୍ୟାଦି ବିଭାଗ ସମ୍ପର୍କରେ ସମୀକ୍ଷା କରିବା ସହ ଡ.ପାଢ଼ୀ ବିବିଧ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବାହ୍ନରେ ପ୍ରମୁଖ ସଚିବ ଡ.ପାଢ଼ୀ ନିମାପଡା, ଗୋପ,କାକଟପୁର ଓ ପୁରୀ ସଦର ବ୍ଲକ ର ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ବିଟେକ୍ ଛାତ୍ରୀ ଶ୍ରୀୟତୀଙ୍କ ସଫଳତା



କଟକ, (ସ୍ୱପ୍ର) : ସ୍ଥାନୀୟ ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ନିବାସୀ ପୁର୍ଣ୍ଣେନ୍ଦୁ ଜେନା ଏବଂ କର୍ପୋରେଟର ସୌଭାଗିନୀ ଜେନାଙ୍କ ଏକମାତ୍ର କନ୍ୟା ସୁଶ୍ରୀ ଶ୍ରୀୟତୀ ଜେନା ଟାଙ୍ଗୀ ସ୍ଥିତ ଡ୍ରୀମସ ବିଶ୍ୱବିଦ୍ୟାଳୟରେ ବିଟେକ ବିଭାଗର ଚତୁର୍ଥ ତଥା ଶେଷବର୍ଷର ଛାତ୍ରୀ ଭାବେ ଅଧ୍ୟୟନ କରି ସଫଳତା ପାଇଛନ୍ତି । ଶ୍ରୀୟତୀ ବିଟେକ କମ୍ପ୍ୟୁଟର ବିଜ୍ଞାନ ପ୍ରୋଜେକ୍ଟରେ ସଫଳତା ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ସେ ଡ୍ରିମସ୍ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ନିର୍ଦ୍ଦେଶକ ଲୋକନାଥ ବେହେରା, ବାପା, ବୋଉଙ୍କ ସମେତ ସମସ୍ତ ଗୁରୁଜନଙ୍କ ଆଶିର୍ବାଦ ଯୋଗୁ ଏହା ସମ୍ଭବପର ହୋଇପାରିଛି ବୋଲି ଛାତ୍ରୀ ସୁଶ୍ରୀ ଶ୍ରିୟତୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ବଳାତ୍କାରିକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଜନୈକା ନାବାଳିକା ବଳାତ୍କାର ମାମଲାର ପୋକସ ଜଜ ଶୁଣାଣି କରି ଉକ୍ତ ମାମଲାର ଅଭିଯୁକ୍ତ ନିମଖଣ୍ଡି ଥାନା ଅଞ୍ଚଳର ରାମ ସାହୁ (୫୬) କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୮ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି । ଜରିମାନା ଅନାଦେୟ ଅତିରିକ୍ତ ୯ ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ମଧ୍ୟ ରହିଛି। ସେହିପରି ପିଡିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ଦେବାକୁ ଡ଼ିଏଲଏସଏଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୪ ନଭେମ୍ବର ୫ ତାରିଖରେ ନିମଖଣ୍ଡି ଥାନା ଅଞ୍ଚଳରେ ଅଞ୍ଚଳରେ ରହୁଥିବା ଜନୈକା ୭'ମ ଶ୍ରେଣୀ ଛାତ୍ରୀ ଘରେ ଏକାକୀ ଥିଲେ। ତାଙ୍କ ବାପା ଓ ମା' କାମକୁ ବାହାରକୁ ଚାଲିଯାଇଥିବା ବେଳେ ବଡ଼ ଭଉଣୀ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ରାମ ସାହୁ ସକାଳ ୮ ଟା'ରେ ଉକ୍ତ ଘରେ ପଶିଥିଲେ। ନାବାଳିକାଙ୍କୁ ଭୟଭୀତ କରି ତାଙ୍କୁ ସେଠାରେ ବଳାତ୍କାର କରିଥିଲେ। ସେହି ସମୟରେ ବହାରକୁ ଯାଇଥିବା ଉକ୍ତ ନବାଳିକାଙ୍କ ବଡ ଭଉଣୀ ଘର ଭିତରକୁ ଯାଇଥିଲେ । ହେଲେ ଭଉଣୀଙ୍କୁ ତାଙ୍କ ଘର ସମ୍ମୁଖରେ ରହୁଥିବା ରାମ ସାହୁ ଘର ଭିତରେ ବଳକ୍ରାର କରୁଥିବା ଦେଖିଥିଲେ। ରାମ ସାହୁ ପରେ ସେଠାରୁ ଦୌଡ଼ି ପଳାଇଥିଲେ। ମା ଓ ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଝିଅ ମାନଙ୍କ ଠାରୁ ଶୁଣିଥିଲେ। ପରେ ପିଡ଼ିତାଙ୍କ ମା' ଏନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୮୯/୨୪ ରେ ଏକ ମାମଲା ରୁଜୁ କରି ରାମ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ଏସଆଇ ଜ୍ଞାନରଞ୍ଜନ ବେହେରା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଖେଳ ଉପକରଣ ବଣ୍ଟନ




ଛତ୍ରପୁର, (ସବ୍ୟୁ): ଗ୍ରାମୀଣ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ବିଭିନ୍ନ କ୍ରୀଡ଼ାପ୍ରତି ଆକର୍ଷିତ ଓ ପ୍ରୋତ୍ସାହୀତ କରିବା ଲକ୍ଷ୍ୟନେଇ ଶୁକ୍ରବାର ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଆର୍ଯ୍ୟପଲ୍ଲୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅନଔପଚାରିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଖାପାଖି ୧୧ ଗୋଟି ଟିମ୍ ଖେଳାଳିମାନଙ୍କୁ କ୍ରିକେଟ, ଭଲ୍ଲି ଓ ଫୁଟବଲ୍ କିଟ୍ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦଳର ଅଧୀନାୟକ ଓ ଉପଅଧିନାୟକ ସହ ମୋଟ ୧୩୨ ଜଣ ଖେଳାଳି ଯୋଗ ଦେଇ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲଙ୍କ ଠାରୁ ଏହି ଖେଳ ସମ୍ବନ୍ଧୀୟ ସାମଗ୍ରୀ ଗ୍ରହଣ କରିଥିଲେ। ଏହି କିଟ୍‌ରେ କ୍ରିକେଟ, ଭଲ୍ଲି ଓ ଫୁଟବଲ୍ କ୍ରିଡାରେ ବ୍ୟବହାର ହେଉଥିବା କ୍ରିଡା ଉପକରଣ ଯଥା ବ୍ୟାଟ, ବଲ୍, ଷ୍ଟମ୍ପ, କିପିଙ୍ଗ ଗ୍ଲୋଭସ୍, ନେଟ, ଭଲ୍ଲି ବଲ୍, ଫୁଟବଲ ଆଦି ରହିଛି। ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଏହି ୧୧ଟି ଟିମ୍ ମଧ୍ୟରୁ ୬ଟି କ୍ରିକେଟ ଟିମ୍, ୪ ଟି ଭଲ୍ଲି ବଲ୍ ଟିମ୍ ଏବଂ ୧ଟି ଫୁଟବଲ ଟିମ୍ ଅନ୍ତର୍ଭୁକ୍ତ ଅଟେ। ଏହି ଅବସରରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ କହିଥିଲେ ଯେ ଏହି ଖେଳ ଉପକରଣ ଗୁଡିକ ଗ୍ରାମୀଣ ଅଞ୍ଚଳରେ ଖେଳ ପ୍ରତି ରୁଚି ରଖୁଥିବା ଯୁବକମାନଙ୍କୁ ନିୟମିତ ଅଭ୍ୟାସ କରିବାରେ ଅନେକ ସହାୟକ ହେବ। ଏହି ଟିମ୍ ଗୁଡିକ ମଧ୍ୟରେ ଆଗାମୀ ଦିନରେ କ୍ରିଡା ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ରହିଛି। ସ୍ଥାନୀୟ ଖେଳାଳିମାନଙ୍କୁ ପ୍ରୋତ୍ସାହୀତ କରିବା ଓ ଆବଶ୍ୟକୀୟ ଜରୁରୀ ଖେଳ ସମ୍ବନ୍ଧୀୟ ସାମଗ୍ରୀ ଯୋଗାଇବା ଆଦାନୀ ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଅଟେ । ନିକଟରେ ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ ଅଧିକାରୀ ଓ ସ୍ଥାନୀୟ କ୍ରୀଡାପ୍ରେମୀ ଯୁବକମାନଙ୍କ ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଯେଉଁଥିରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବେହେରା ଅଧକ୍ଷତା କରିଥିଲେ। ଉକ୍ତ ସଭାରେ ଖେଳରେ ନୀତିଦିନିଆ ଅଭ୍ୟାସ ପାଇଁ ଆବଶ୍ୟକୀୟ କ୍ରିଡା ଉପକରଣ ଯୋଗାଇବା ପାଇଁ ସ୍ଥାନୀୟ ଯୁବକମାନେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ପାଥେୟ କରି ଆଦାନୀ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବେହେରା, ବି ଭୀମସେନ, ଏନ୍ ଶ୍ୟାମା, ଗୋପାଳପୁର ବନ୍ଦର ସିଏସଆର ମୁଖ୍ୟ, ଦେବଦତ୍ତ ମିଶ୍ର ଏବଂ ଆର୍ଯ୍ୟପଲ୍ଲୀ ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଖେଳପ୍ରେମୀ, କ୍ରୀଡ଼ାବିତ୍ ମାନେ ଉଚ୍ଚ ପ୍ରଶଂସା କରିଥିଲେ ।

## ଦୀପ ନିଆଁରେ ପୋଡି ବ୍ୟବସାୟୀ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଳାବନ୍ଧ ଗାଁ ଗୁଡିସାହିର ଏକ ରାସନ ଦୋକାନରେ ଘଟିଥିବା ଅଗ୍ନିକାଣ୍ଡରେ ବ୍ୟବସାୟୀ ମାର୍କଣ୍ଡ ଦାଶ (୪୮) ପୋଡିଯାଇ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି । ରାତିରେ ବିଦ୍ୟୁତ୍ ଚାଲିଯିବା ପରେ ମାର୍କଣ୍ଡ ଦୋକାନରେ ଦୀପ ଲଗାଉଥିବା ବେଳେ ପାଖରେ ଥିବା ପେଟ୍ରୋଲ ଜାରକୁ ଲାଗି ତାହା ଜଳି ଉଠିଥିଲା। ନିଆଁ ହୁତୁହୁତୁ ଜଳିବାରୁ ସେ ଦୋକାନରୁ ବାହାରି ନପାରି ପୋଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଆହତ ଆବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଅଗ୍ନିକାଣ୍ଡ ଯୋଗୁଁ ତାଙ୍କର ରାସନ ଦୋକାନର ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଜଣାଯାଇଛି ।

## ନବ ଦାସ ହତ୍ୟା ମାମଲା
## ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚ, ଦୁଇ ଦିନରେ ୫ଜଣଙ୍କୁ ଜେରା

ବ୍ରହ୍ମପୁର, (ସବ୍ୟୁ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ କରୁଛି। ପୁଣି ଥରେ ତଦନ୍ତ ଚଳାଇଥିବା କ୍ରାଇମବ୍ରାଞ୍ଚର ୩ ଜଣିଆ ଟିମ ବ୍ରହ୍ମପୁରରେ ପହଞ୍ଚି ତନାଘନା ଆରମ୍ଭ କରିଛି । ଗତ ୨ ଦିନ ଭିତରେ କ୍ରାଇମବ୍ରାଞ୍ଚ ଟିମ ଅଭିଯୁକ୍ତ ତଥା ପୂର୍ବତନ ଏଏସଆଇ ଗୋପାଳ ଦାସଙ୍କ ସମ୍ପର୍କୀୟଙ୍କୁ ମିଶାଇ ମୋଟ ୫ ଜଣଙ୍କୁ ଜେରା କରିଛି । ହତ୍ୟା ପୂର୍ବରୁ ଗୋପାଳ ଦାସ ନିଜ ସମ୍ପର୍କୀୟ ଓ ସାଙ୍ଗସାଥିଙ୍କ ସହ କଥା ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଜଣାପଡିଥିଲା। ତାଙ୍କ କଲ ରେକର୍ଡ ଯାଞ୍ଚ ବେଳେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ ସେ ନିଜ ସ୍ତ୍ରୀଙ୍କ ସମେତ ଭାଇ ସତ୍ୟନାରାୟଣ, ପୁଅ ମନୋଜ, ପୁତୁରା ପ୍ରଦୀନ ସମେତ ଅନ୍ୟ ୨ ଜଣ ସାଙ୍ଗ ସହ କଥା ହୋଇଥିଲେ। ତେବେ ଗୋପାଳ ଏହି ଲୋକଙ୍କ ସହ କଣ ସବୁ କଥା ହୋଇଥିଲେ ଓ ଉକ୍ତ ହତ୍ୟାକାଣ୍ଡ ସହ ତାହାର କୌଣସି ଲିଙ୍କ ଅଛିକି ନାହିଁ ତାହା ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ଟିମ ଏହି ୨ ଦିନରେ ସମ୍ପର୍କୀୟଙ୍କ ସମେତ ଅନ୍ୟ ଲୋକଙ୍କୁ ବ୍ରହ୍ମପୁର ଟାଉନ ଥାନା ଓ ବୈଦ୍ୟନାଥପୁର ଥାନାକୁ ଡାକି ପଚରାଉଚରା କରିବା ସହ ସେମାନଙ୍କର ବୟାନ ରେକର୍ଡ କରିଛି । କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୩ ଜଣିଆ ଟିମ ବ୍ରହ୍ମପୁରରେ ଯାଞ୍ଚ କରୁଛନ୍ତି । ଗୋପାଳଙ୍କ ୨ ସାଙ୍ଗ ଯଥା ଜଣେ ଏଏସଆଇ ଓ ଜଣେ ବସ କଣ୍ଡକ୍ଟରଙ୍କୁ ପଚରାଉଚରା କରିଯାଇଥିବା ଅତିରିକ୍ତ ଏସପି କହିଛନ୍ତି । ପୂର୍ବରୁ ଗୋପାଳଙ୍କ ପତ୍ନୀ ସମେତ ପୁଅ, ପୁତୁରା ଓ ଭାଇଙ୍କୁ ଜେରା କରି ବୟାନ ରେକର୍ଡ କରାଯାଇଥିଲା ହେଲେ ବର୍ତ୍ତମାନ ପୁଣି ଥରେ ବୟାନ ରେକର୍ଡ କରାଯାଉଛି ବୋଲି ଅତିରିକ୍ତ ଏସପି କହିଛନ୍ତି। ପ୍ରକାଶଥାଉକି, ଗୋପାଳଙ୍କ ଭାଇ ସତ୍ୟନାରାୟଣ ଝାରସୁଗୁଡାରେ ଏକ ହୋଟେଲ କରିଥିଲେ। ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ ସେ ସେଠାକାର ହୋଟେଲକୁ ବନ୍ଦ କରି ବ୍ରହ୍ମପୁର ଚାଲି ଆସିଥିଲେ। ସେହି ହୋଟେଲରେ କାମ କରୁଥିବା ରୋଷେୟା ମଧ୍ୟ ନିଜ ଗାଁକୁ ଚାଲି ଆସିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ସତ୍ୟନାରାୟଣ ଓ ରୋଷେୟାଙ୍କୁ ପଚରାଉଚରା କରାଯାଇଥିବା ଜଣାପଡିଛି ।

## ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ନବାଗତ ଏଡିଇଓଙ୍କୁ ସ୍ୱାଗତ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବେର ପେଦାନ୍ନତି ପାଇ ଗୌତମ ପାତ୍ର ଓ ଦେବଗଡ଼ରୁ ବିନୋଦ କୁମାର ସିଂହ ଯୋଗଦାନ କରିଛନ୍ତି। ନୂତନ ଭାବରେ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲା ଏନ୍‌ପିଏସ ଶିକ୍ଷକ ସଂଘ, ମୟୂରଭଞ୍ଜ ପକ୍ଷରୁ ପୁଷ୍ପ ଗୁଚ୍ଛ ଏବଂ ଫୁଲ ଗଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଜିଲ୍ଲା ଏନପିଏସ ଶିକ୍ଷକ ସଂଘର ଆବାହକ ତପନ କୁମାର ବାରିକଙ୍କ ନେତୃତ୍ୱରେ ଏବଂ ରାଜ୍ୟ ଏନପିଏସ ଶିକ୍ଷକ ସଂଘର ନେତୃତ୍ୱରେ ବିଶ୍ୱଜିତ୍ ବିଶ୍ୱାଳଙ୍କର ତତ୍ତ୍ୱାବଧାନରେ ଜିଲ୍ଲା ସଂଘର ନେତୃତ୍ୱରେ ଉତ୍ପଳ କୁମାର ଭଦ୍ର, ରୋଜଶ ଶୁଭଙ୍କର, ସାନ୍ତୁନୁ ଦାସ, ଶେଖ ଫାଇଜାନ, ଅତସୀ କୁଣ୍ଡୁ, ଗାର୍ଗୀ ବାରିକ, ପ୍ରିୟବ୍ରତ ବେହେରା, ପାର୍ବତୀ ହାଁସଦାଃ, ଚିନ୍ମୟୀ ଦାସ, ନନୀ ଗୋପାଳ ଜେନା, ସୂର୍ଯ୍ୟପ୍ରକାଶ ନାୟକ, ମନୋଜ ବେଶ୍ରା, ସଂଜୀବ ଦଳେଇ, ଶରତ ବେହେରା, ପ୍ରଭାତ ପଣ୍ଡିତ ଏବଂ କୈଳାଶ ମହାଳିକ ଯୋଗଦେଇ ଏନପିଏସ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସୌହାର୍ଦ୍ଧ୍ୟ ପୂର୍ଣ୍ଣ ଆଲୋଚନା ହୋଇଥିଲା।

## ବ୍ରଜନଗର ଟାୱାର ଲାଇନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ



ବ୍ରହ୍ମପୁର, (ସବ୍ୟୁ): ସହରତଳି କ୍ରିୟାନୁଷ୍ଠାନ କମିଟି ଓ ବ୍ରଜ ନଗର ଉନ୍ନୟନ କମିଟି ଦୀର୍ଘ ପ୍ରତୀକ୍ଷାର ପରିସମାପ୍ତି ହେବାକୁ ଯାଉଛି । ବ୍ରଜନଗର ଟାୱାର ଲାଇନ ଦେଢ଼ କିଲୋମିଟର ରାସ୍ତାର ଆଜି ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବକୁ ବିଧାୟକ କେ.ଅନୀଲ କୁମାର ଉଦଘାଟନ କରିଥିଲେ । ତାଙ୍କ ସହ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି, କମିଶନର ଭବାନୀ ପ୍ରସାଦ ମିଶ୍ର, ସ୍ଥାନୀୟ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ, ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ସହ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଲା, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ଚନ୍ଦ୍ର ପଟ୍ଟନାୟକ, କର୍ପୋରେଟର ସୁରେନ୍ଦ୍ର ମହାରଣା, ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସହର ତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟିର ପ୍ରଚେଷ୍ଟା ସଫଳ ହୋଇଛି । ଲୋଚାପଡା ରାସ୍ତାର ବ୍ରଜନଗର ରାଧା କୃଷ୍ଣ ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ସମୁଦାୟ ଦେଢ଼ କିଲୋମିଟର ଉକ୍ତ ରାସ୍ତା ଖାରବେଳ ନଗର, ଜ୍ୟୋତି ନଗର ଓ ମେଡିକାଲ ବ୍ୟାଙ୍କ କଲୋନୀ ଦେଇ ଭାବିନିପୁର ସିଦ୍ଧାର୍ଥ ନଗର ରାସ୍ତାକୁ ସଂଯୋଗ କରୁଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଦୀର୍ଘ ୩୫ ବର୍ଷ ତଳେ ନିର୍ମୀତ ହୋଇଥିବା ଉକ୍ତ ଟାୱାର ଲାଇନ ରାସ୍ତା ରକ୍ଷଣା ବେକ୍ଷଣା ଅଭାବରୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବିଏମସି କର୍ତ୍ତୃପକ୍ଷ ରାସ୍ତାକୁ ଅଧିଗ୍ରହଣ କରି ସର୍ଭେ କରି ଅର୍ଥ ବ୍ୟବସ୍ଥା କରି ଏହାକୁ ଟେଣ୍ଡର ଆହ୍ୱାନ କରାଇଥିଲେ । ଟେଣ୍ଡର ସତ୍ତ୍ୱେ ବହୁଦିନ ପର୍ଯ୍ୟନ୍ତ ରାସ୍ତା କାମ ହୋଇପାରୁନଥିଲା । ଏହି ରାସ୍ତା କାମର ସମୁଦାୟ ବ୍ୟୟ ଅଟକଳ ୫ କୋଟି ୮୦ ଲକ୍ଷ ରହିଥିବା ଜଣାପଡିଛି ।

## ମୟୂରଭଞ୍ଜ ବ୍ୟୁଟି ପକ୍ଷରୁ ପହଲଗାମ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାରିପଦା, (ସବ୍ୟୁ) : ସ୍ଥାନୀୟ ଗାନ୍ଧୀ ମାର୍କେଟ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମୟୂରଭଞ୍ଜ ବ୍ୟୁଟି ସାମାଜିକ ଅନୁଷ୍ଠାନ ପକ୍ଷରୁ ପହଲଗାମ ଠାରେ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଧକ୍ଷ ରାକେଶ କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିକଟରେ ଜାମ୍ମୁ କାଶ୍ମୀର ଗସ୍ତରେ ଯାଇଥିବା ୨୮ଜଣ ତୀର୍ଥଯାତ୍ରୀଙ୍କୁ ଓ ଆମ ପଡୋଶୀ ବାଲେଶ୍ୱର ଜିଲ୍ଲାର ପ୍ରଶାନ୍ତ ଶତପଥୀ ଭାଇଙ୍କୁ ଆତଙ୍କବାଦୀ ମାନେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ। ଏହାକୁ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏହି ଅମାନୁଷିକ ଘଟଣାକୁ ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ଦୃଢନିନ୍ଦା କରି ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ୨ମିନିଟ୍ ନିରବ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ସାମୂହିକ ଦୀପ ଦାନ କରାଯାଇଥିଲା। ଏହି ଶୋକ ସଭାରେ ଉପାଧ୍ୟକ୍ଷ ପୁରୁଷତ୍ତୋମ ଅଗ୍ରୱାଲ୍ଲା, ପ୍ରତିଷ୍ଠାତା ସଭାପତି ଦେବବ୍ରତ ଦେ, ଉପସଭାପତି ବିଶ୍ୱାସ ମହାନ୍ତି, ସାଧାରଣ ସମ୍ପାଦକ କୁମାର ରାକେଶ, ସମ୍ପାଦକ ଦୀପକ କୁମାର ଅଗ୍ରୱାଲ୍ଲା, ସୁବ୍ରତ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ ଅନ୍ୱେଷିତ ତ୍ରିପାଥି, ହରେକୃଷ୍ଣ ପାତ୍ର, କୋଷାଧକ୍ଷ ଚନ୍ଦନ ପାଣି, ସାଂସ୍କୃତିକ ସମ୍ପାଦକ ଖୁସି କୁମାର, ରଞ୍ଜନ ବେହେରା, ରୁଦ୍ର ଦତ୍ତ, ମୋହିତ ଗିରି, ଏସକେ କରାମତ ଅଲି, ଏମଡି ନାଇମ୍ ଖାନ, ରୋହିତ ଖଣ୍ଡେଲୱାଲ, ଆଲୋକ ଦତ୍ତ, ରୁଷିରାଜ ସୋରେନ୍, ଅଭିଷେକ ରାଉତ, ସୁବ୍ରତ ବାରିକ, ସିଦ୍ଧାର୍ଥ, ସଗୁନ ମାରାଣ୍ଡି ଓ ସିମ୍ପଲ ଖଣ୍ଡେଲୱାଲ ବହୁ ସଦସ୍ୟ,ସଦସ୍ୟା ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତ ଓ ବିପର୍ଯ୍ୟୟ ପ୍ରଶମନ ପାଇଁ ଗଠିତ ହେଲା ବିପର୍ଯ୍ୟୟ ପରିଚାଳନା କମିଟି

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ସମିତି ଓ ଓସଡାମା ସହାୟତାରେ ଭଞ୍ଜନଗର ବ୍ଲକ ପ୍ରଶାସନ ସହଯୋଗରେ ବାର୍ଡ ସଂସ୍ଥା ଦ୍ୱାରା ଭଞ୍ଜନଗରରେ ବ୍ଲକରେ ଥିବା ୧୦ଟି କୁଲାଡ, ଗୋଲାପଡା, ବାଉଁଶଲୁଣ୍ଡି, ଡିହପଢାଳ , ଡୁରୁମୁ, ତିଳିଶିଙ୍ଗୀ, ବ୍ରାହ୍ମଣପଦର, ଦୋହମୁହାଣି, ହରିଗଡ ଓ ଗାଲେରୀ ଗ୍ରାମ ପଂଚାୟତର ୫୪ ଗୋଟି ରାଜସ୍ୱ ଗ୍ରାମରେ ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ ହୋଇଛି । ଉକ୍ତ ରାଜସ୍ୱ ଗ୍ରାମର ୱାର୍ଡ ସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା, ଶିକ୍ଷକ, ସ୍ୱୟଂସହାୟକ ଦଳ ସଭ୍ୟ ଓ ଗାଁ ସ୍ୱେଚ୍ଛାସେବିଙ୍କୁ ନେଇ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ କରାଯାଇଛି । ଯାହାକୁ ୨୧ ଗୋଟି ଦୈବି ଦୁର୍ବିପାକ ତୁଷାର ପାତ, ଭୂତାଣୁ ସଂକ୍ରମଣ, ସାପକାମୁଡା, ରାସାୟନିକ ବିକରଣ, ଶିତ ଲହରୀ, ବାତ୍ୟା, ନୌକା ଦୁର୍ଘଟଣା, କୀଟ ଆକ୍ରମଣରେ ଫଶଲ ନଷ୍ଟ, ବାଦଲଫଟା ବର୍ଷା, ରାସ୍ତା ଦୁର୍ଘଟଣା, ମରୁଡି, ଭୂମିକମ୍ପ, ଅଗ୍ନିକାଣ୍ଡ, ବନ୍ୟା, ଜଙ୍ଗଲ ପୋଡି, ଅଂଶୁଘାତ, ଭୁସ୍ଖଳନ, ବୁଡିଯିବା, ବନ୍ୟଜନ୍ତୁ ଓ ମନୁଷ୍ୟ ଲଢେଇ, ବଜ୍ରପାତ, ପରମାଣୁ ବିସ୍ଫୋରଣ, କୁହୁଡା, ସମୁଦ୍ର ସୁନାମୀ ଉପରେ କମିଟି ସଭ୍ୟସଭ୍ୟାଙ୍କୁ ବାର୍ଡ ଅନୁଷ୍ଠାନ ତରଫରୁ ତାଲିମ ଦିଆଯାଇଛି । ଏଥିରେ ବହୁ ସଂଖ୍ୟାରେ ଆଶା, ଅଙ୍ଗନବାଡି, ମହିଳା ଗୋଷ୍ଠୀ, ଯୁବକସଂଘ ଓ ୱାର୍ଡ ସଭ୍ୟସଭ୍ୟା ତାଲିମରେ ଅଂଶ ଗ୍ରହଣ କରିଥିଲେ ।



## ଗ୍ରୀଷ୍ମ ପ୍ରବାହରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଲାଗି ଟିପିଡବ୍ଲ୍ୟୁଓଡିଏଲର ପ୍ରୟାସ



ବୁର୍ଲା, (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ହୋଇଛି ଜନଜୀବନ । ଏଭଳି ପରିସ୍ଥିତିରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ତେଣୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଲାଗି ପ୍ରଚଣ୍ଡ ରୌଦ୍ର ତାପରେ ମଧ୍ୟ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲର ଲାଇନମେନମାନେ ସଦା କାର୍ଯ୍ୟରତ ରହିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଶକ୍ତିର ଚାହିଦା ଅଧିକ ରହିଥାଏ। ଅଧିକ ବିଦ୍ୟୁତ୍ ବ୍ୟୟ ହେତୁ ସ୍ଥାନେସ୍ଥାନେ ଓଭର ଲୋଡିଂର ସମସ୍ୟା ମଧ୍ୟ ଲାଗି ରହିଥାଏ । ଫଳରେ ବିଭିନ୍ନ ସ୍ଥାନରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରେ ତ୍ରୁଟି ପରିଲକ୍ଷିତ ହୋଇଥାଏ। ତେବେ ଏହିପରି ସମସ୍ତ ପ୍ରତିକୂଳ ସ୍ଥିତିରେ ଟିପିଡବ୍ଲ୍ୟୁଓଡିଏଲର ଲାଇନମ୍ୟାନମାନେ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନକୁ ଗୁରୁତ୍ୱ ଦେଇ କାର୍ଯ୍ୟରତ ରହିଛନ୍ତି। ଏହି ସମୟରେ କାର୍ଯ୍ୟରତ ସମସ୍ତ ସହଯୋଗୀଙ୍କ ସହିତ ତାଙ୍କର ସୁପରଭାଇଜରମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରିବା ସହିତ ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା ପ୍ରତି ଗୁରୁତ୍ୱ ଦେଇ ସୋମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ ମୃଦୁ ପାନୀୟ (ଓଆରଏସ୍) ଇତ୍ୟାଦି ଯୋଗାଇ ଦେଇଥାନ୍ତି। ଏହି କଷ୍ଟକର ସମୟରେ ଲୋକେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇ ପାରିବେ ବୋଲି ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି।

## ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟ ଘେରାଉ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ତରଫରୁ ଜିଲ୍ଲା ସଭାପତି ଧରମରାଜ ହାଁସଦାଃଙ୍କ ନେତୃତ୍ୱରେ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟ ଘେରାଓ ସହିତ ତାଲା ବନ୍ଦ କରି ଧାରଣା ପ୍ରଦର୍ଶନ କରାଯାଇଥିବାବେଳେ ଡିଡବ୍ଲ୍ୟୁଓ ଆସିଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସଂଗଠନ ଦାବି ମୁତାବକ ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା । ଗରିବ ଆଦିବାସୀ ହରିଜନର ଲୋକମାନେ ନିଜର ପିଲାମାନଙ୍କୁ ଆଶ୍ରମ ହଷ୍ଟେଲ ଗୁଡିକରେ ପାଠ ପଢିବା ନିମନ୍ତେ ଛାଡିଥାନ୍ତି। ହଷ୍ଟେଲ ଗୁଡିକରେ ବିଭିନ୍ନ ଅବ୍ୟବସ୍ଥା ବିରୁଦ୍ଧରେ ଘେରାଓ କରାଯାଇଥିଲା । ଅଧିକାଂଶ ସମୟରେ ମୟୂରଭଞ୍ଜ ଜିଲ୍ଲା ହଷ୍ଟେଲ ଗୁଡିକରେ ଛାତ୍ର/ଛାତ୍ରୀ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି। ବର୍ତ୍ତମାନ ପରିସ୍ଥିତିରେ ଏମିତି ଆଲୋଚନା ହେଉଛି ଗରିବ ଲୋକମାନେ ନିଜର ପିଲାମାନଙ୍କୁ ପାଠ ପଢିବା ନିମନ୍ତେ ନୁହଁ ମରଣାଜନ୍ତାକୁ ପଠାଉଛନ୍ତି ଭଳି ଲାଗୁଚି । ପ୍ରଶାସନର ଠୋସ ପଦକ୍ଷେପ ନହେବା କାରଣରୁ ଏପରି ଘଟଣା ବାରମ୍ବର ଘଟୁଛି। ଖାଦ୍ୟ ମେନୁ ଅନୁଯାଇ ଠିକ ଭବେ ଖାଦ୍ୟ ଦିଆଯାଉନି ନିମ୍ନମାନର ଖାଦ୍ୟ ଦିଆଯାଉଛି ଏହାର ତଦାରଖ ଦାୟିତ୍ୱରେ ଥିବା ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲାପ୍ରଶାସନ ଅଧିକାରୀ ତଦାରଖ କରିବାକୁ ଯାଉନାହାନ୍ତି। ଛାତ୍ରୀ ନିବାସୀ ଗୁଡିକରେ ନିୟୋମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନି ଯାହାକି ଛାତ୍ରୀ ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସୁଛି। ସମସ୍ତ ଛାତ୍ରୀ ନିବାସ ଗୁଡିକରେ ସିସିଟିଭି ଲଗାଯାଉ। ବାରବାର ଏପରି ଘଟଣା ଘଟୁଥିବାର ପ୍ରଶାସନ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। ଆଗାମୀ ଦିନରେ ଏହାର ସୁଧାର ନଆସିଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ । ଏହି ଘେରାଓ କାର୍ଯ୍ୟକ୍ରମ ସମୟରେ, ଜିଲ୍ଲା ସମ୍ପାଦକ ଠାକୁର ସୋରେନ, ଦେବୁଲାଲ ମୁର୍ମୁ, ବାରିପଦା ବ୍ଲକ ସଭାପତି ଗଣେଶ ମାର୍ଣ୍ଡି, ନରେନ୍ଦ୍ର ସିଂ, ଜୀବନ ମାଝୀ, ଦିପୁ ସିଂ, ରାହୁଲ ମୁର୍ମୁ, ତପନ ପାତ୍ର, ସୁଧୀର ମାର୍ଣ୍ଡି, ରୁପେନ ମାର୍ଣ୍ଡି, ଗୋପାଳ ମାର୍ଣ୍ଡି, ବିମଳ ମୁର୍ମୁ, ଫାଦୁ ମାର୍ଣ୍ଡି, ଜୟଦୀପ ପାତ୍ର, ଖୁଦ ମାର୍ଣ୍ଡି, ରୁପାଏ ମୁର୍ମୁ ଓ ଲେଖିରାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

DADLS-

ଓଡ଼ିଶା ସରକାର



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୫

ସକାଳ– ୮ ଘଟିକା ସମୟରେ ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

–ମୁଖ୍ୟ ଅତିଥି–
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା

–ସମ୍ମାନନୀୟ ଅତିଥି–
ଶ୍ରୀ ଦାଶରଥି ଗମାଙ୍ଗୋ, ବିଧାୟକ, ମୋହନା

–ମୁଖ୍ୟବକ୍ତା–
ଶ୍ରୀ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା

–ଧନ୍ୟବାଦ ଅର୍ପଣ–
ଶ୍ରୀ ଦିଗ୍‌ବିଜୟ ନାଥ ପାଢ଼ୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ

ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

# ବାଣୀବିହାରରେ ଉତ୍ତେଜନା, ଫୋର୍ସ ମୁତୟନ

ଭୁବନେଶ୍ୱର, (ସବ୍ୟୁ) : ଛାତ୍ର ଗୋଷ୍ଠୀ ବିବାଦରୁ ବାଣୀବିହାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତେଜନାକୁ ଲକ୍ଷ କରି ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି।

ଅଣଛାତ୍ର କିଛି ଛାତ୍ରଙ୍କୁ ମାଡ ମାରିବା ଅଭିଯୋଗ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁଇ ରାଜନୈତିକ ଦଳର ଛାତ୍ର ନେତାମାନେ ଏହି ମାଡ ମାରିବା ଘଟଣାକୁ ନେଇ ମୁହାଁମୁହିଁ ହେବାରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଫୋର୍ସ ମୁତୟନ କରାଯାଇଛି। ଗୋଟିଏ ଛାତ୍ର ଗୋଷ୍ଠୀ ମୁଖ୍ୟ ଫାଟକକୁ ବନ୍ଦ କରି ଧାରଣାରେ ବସିଥିବା ବେଳେ ଅନ୍ୟ ଏକ ଛାତ୍ର ଗୋଷ୍ଠୀ କ୍ୟାମ୍ପସ୍ ଭିତରେ ଆନ୍ଦୋଳନରେ ଅଛିନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବିବାଦ ଲାଗି ରହିଥିଲା। ପୋଲିସ ଉତ୍ତେଜିତ ଛାତ୍ରମାନଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ସେମାନେ ପୋଲିସ କଥାକୁ ଶୁଣୁନଥିବା ଲକ୍ଷ କରାଯାଇଥିଲା।

ଅଣଛାତ୍ରଙ୍କୁ କ୍ୟାମ୍ପସ୍‌ରୁ ବାହାର କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ହେବା ପରେ ବିବାଦ ଦେଖାଦେଇଥିଲା। ଅଣଛାତ୍ରଙ୍କୁ କ୍ୟାମ୍ପସ୍‌ରୁ ବାହାର କରିବା ଲକ୍ଷରେ ହଷ୍ଟେଲ୍‌ରୁ ସବୁ ଛାତ୍ରଙ୍କୁ ବାହାର କରିଲେ ଅଣଛାତ୍ର ଜଣାପଡିଯିବେ। ତେଣୁ ଛାତ୍ରମାନଙ୍କୁ ହଷ୍ଟେଲରୁ କାଢି ଆଉଥରେ ଶୃଙ୍ଖଳିତ ଭାବେ ରଖିବା ପାଇଁ ୟୁନିଭରସିଟି ପ୍ରସାଶନ ଚିନ୍ତା କରୁଥିବା ବେଳେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହୁଛି। ଶୁକ୍ରବାର ମାରପିଟ୍‌କୁ ନେଇ ବିବାଦ ଉଗ୍ର ରୂପ ନେବା ଓ ଦୁଇ ଛାତ୍ର ଗୋଷ୍ଠୀ ଆନ୍ଦୋଳନକୁ ଓହ୍ଲେଇବା ଦ୍ୱାରା ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉପାୟ ଶୂନ୍ୟ ହୋଇ ପୋଲିସ ଫୋର୍ସ ମୁତୟନ କରାଇଛି।

# ଜଗତସିଂହପୁର ପୌରପରିଷଦ ଉପାଧ୍ୟକ୍ଷ ଆସ୍ଥା ଭୋଟ ମେ' ୨୦

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷଙ୍କ ପାଇଁ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଆଲୋଚନା ଜୋର ଧରିଛି । ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷ ପଦ କଂଗ୍ରେସ ହାତରେ ରହିଥିବା ବେଳେ ଉପାଧ୍ୟକ୍ଷ ପଦ ବିଜେପି ହାତକୁ ଯାଇଥିଲା । ବିଜେଡିକୁ ଟେକ ଦେବାକୁ ଯାଇ କଂଗ୍ରେସ ଦଳ ବିଜେପି ଓ ସ୍ୱାଧୀନ ପ୍ରାର୍ଥୀ ମାନଙ୍କୁ ନେଇ ପୌର ଉପାଧ୍ୟକ୍ଷ ପଦକୁ ବିଜେପି ହାତକୁ ଟେକି ଦେଇଥିଲା । ମାତ୍ର ଏବେ ସେହି ସମିକରଣ ବଦଳି ଯାଇଛି । ଏବେ ପୌର ଉପାଧ୍ୟକ୍ଷ ବିଜେପିର ରାଜେନ୍ଦ୍ର କୁମାର ବିଶୋଇଙ୍କ ବିପକ୍ଷରେ ୧୩ ଜଣ ପାରିଷଦ ଦସ୍ତଖତ କରି ଅନାସ୍ଥା ପ୍ରସ୍ତା ଆଣିବା ସହିତ ଜିଲ୍ଲାପାଳଙ୍କୁ ଗତ ଅପ୍ରେଲ ୧୫ ତାରିଖରେ ଦାବିପତ୍ର ପ୍ରଦାନ କରିଥିଲେ । ଆଜି ଅନାସ୍ଥା ନିୟମର ସମୟ ଅନୁସାରେ ୧୦ ଦିନ ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ପାରିଷମାନେ ଜିଲ୍ଲାପାଳଙ୍କୁ ଭେଟିଥିଲେ । ଜିଲ୍ଲାପାଳ ଅନାସ୍ଥା ସମ୍ପର୍କରେ ଆଲୋଚନା କରି ଆସନ୍ତା ମେ ୨୦ ତାରିଖରେ ଆସ୍ଥା ଭୋଟ ଲୋଡ଼ାଯିବ ବୋଲି ପାରିଷଦ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି । ପୌର ପାଳିକା ନିୟମ ୧୯୫୦ ଭାଗ ୫୪ ଅନୁଯାୟୀ ଅର୍ପିତ କ୍ଷମତା ବଳରେ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ମେ ୨୦ ତାରିଖ ଦିନ ଦିବା ୧୧.୩୦ ରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ୨୦୦୨ ମସିହାରେ ବିଜ୍ଞାପିତ ଅଞ୍ଚଳରୁ ଗଠିତ ହୋଇଥିଲା। ଜଗତସିଂହପୁର ପୌର ପରିଷଦ । ଗତ ପୌର ନିର୍ବାଚନରେ ପୌରାଞ୍ଚଳର ୨୧ଟି ୱାର୍ଡର ବିଜେଡ଼ି ୯ ଟି ଆସନରେ ଥିଲା ବେଳେ କଂଗ୍ରେସ ୭ ଟି ଆସନ ରେ ବିଜୟୀ ହୋଇଥିଲା ,୩ ଟି ସ୍ୱାଧୀନ କାଉନସିଲର, କଂଗ୍ରେସ ୭, ବିଜେପି ୨, ସ୍ୱାଧୀନ ୨ ସମର୍ଥନ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । କଂଗ୍ରେସ ସେହି ସମୟରେ ବିଜେପି ଦଳର ଯୁବ ଚେହେରା କାଉନସିଲର ୧୪ ନଂ ୱାର୍ଡର ରାଜେନ୍ଦ୍ର କୁମାର ବିଶୋଇଙ୍କୁ ଉପାଧ୍ୟକ୍ଷ କରି ବିଜେଡ଼ି ଦଳର କାଉନସିଲରଙ୍କୁ ଚୁପ ରଖିବାରେ ସଫଳ ହୋଇଥିଲା । ହେଲେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ପରସ୍ପରର ବିରୋଧୀ ସାଜିଥିବା ବେଳେ ଗତ ୧୫ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ଆଗତ ପାଇଁ ୧୩ ଜଣ ପାରିଷଦ ଦାବୀ କରିଥିଲେ । ପୌରପରିଷଦ ପାରିଷଦ ୧୫ନଂ ୱାର୍ଡର ମନୋଜ ମହାନ୍ତିଙ୍କ ନେତୃତ୍ୱରେ ୧୩ ଜଣ କାଉନସିଲର ବିଜେଡ଼ି ଓ ବିରୋଧୀ କଂଗ୍ରେସ କାଉନସିଲର ୧,ଓ ସ୍ୱାଧୀନ ୩ ଜଣ, ହାତ ମିଶାଇ ଏହି ଅନାସ୍ଥା ଆଣିଛନ୍ତି । ତେବେ ଅନାସ୍ଥା ଭୋଟରେ ବିଜୟ ପାଇଁ ୧୪ଜଣ କାଉନସିଲରଙ୍କ ସମର୍ଥନ ଆବଶ୍ୟକ ରହିଥିବା ବେଳେ ଜିଲ୍ଲାପାଳଙ୍କ ନିକଟରେ ୧୩ଜଣ କାଉନସିଲର ଦସ୍ତଖତ ରହିଛି । ଏହି ୧୩ ଜଣ ଶେଷପର୍ଯ୍ୟନ୍ତ ନିଜ ଅଭିଯାନରେ ସ୍ଥିର ରହିଲେ ଆଉ ଜଣେ କାଉନସିଲର ମିଶିଲେ ଉପାଧ୍ୟକ୍ଷ ତାଙ୍କ ପଦବୀରୁ ବିଦା ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି ।

# କେନାଲ ପୋତି ଜବରଦସ୍ତ ରାସ୍ତା କାର୍ଯ୍ୟ, ଗ୍ରାମବାସୀଙ୍କ ବିରୋଧ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକସ୍ଥ ଦଶରଥପୁର ଡାକବଙ୍ଗଳା ଠାରୁ ଶୁଶୁଆ ଶିବତାଣ୍ଡବ ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ବିଭାଗ ପକ୍ଷରୁ ଏହି ୧୫ କିଲୋମିଟର ରାସ୍ତା ପାଇଁ ୨୪ କୋଟି ୪୫ ଲକ୍ଷ ୭୬ ହଜାର ୨୩୭ ଟଙ୍କା ବ୍ୟୟ ବରାଦ କରାଯାଇଛି । କାର୍ଯ୍ୟଟି ବିଭୂତି ମହାପାତ୍ରଙ୍କୁ ଠିକା କାର୍ଯ୍ୟ ଦିଆଯାଇଥିବାବେଳେ ୨୫ ଜାନୁୟାରୀ ୨୦୨୪ ଠାରୁ କାର୍ଯ୍ୟ ଆରମ୍ଭ ହୋଇ ଜାନୁୟାରୀ ୨୦୨୫ ରେ ଶେଷ ହେବା କଥା । ଅବଧିର ୪ ମାସ ପରେ ମଧ୍ୟ କାର୍ଯ୍ୟ ୩୦ ଭାଗ ସରିନାହିଁ । ସୂଚନା ଫଳକ ଏଯାବତ ଲଗାଯାଇନାହିଁ । ଚାଷୀଙ୍କ ପାଣି କେନାଲ ପୂର୍ବ ସମ୍ପ୍ରସାରଣ ଅନୁସାରେ ତାକୁ ସଂକୁଚିତ କରି କାର୍ଯ୍ୟ କରାଯାଉଛି । ଫଳରେ ଅଂଚଳରେ ହେଉଥିବା ଧାନ, ପରିବା ଏବଂ ମୁଗ ଚାଷ ପାଇଁ ପାଣି ବାଧକ ସାଜିବ ବୋଲି ଜୟନ୍ତରା ପଂଚାୟତ ଜୁନିଦା ଗ୍ରାମର ଚାଷୀ ମିହିର କୁମାର ସାହୁ, ଶୁକଦେବ ସାହୁ, ଅରୁଣ କୁମାର ସାହୁ, ଚିତ୍ତରଞ୍ଜନ ମାହୁନ୍ତ, ରବୀନ୍ଦ୍ର ସାହୁ, କ୍ଷୀରଦ କୁମାର ସାହୁ, କହ୍ନେଇ ନାୟକ, ଦିବାକର ସାହୁ, ସରୋଜ କୁମାର ସାହୁ, ରାଜକିଶୋର ମହାନ୍ତି ମାନେ ଅଭିଯୋଗ କରିଛନ୍ତି । କେନାଲ ରାସ୍ତା ଉପରେ ଡଷ୍ଟ ସହିତ ଆବଶ୍ୟକତା ଠାରୁ ଖୁବ କମ ମେଣ୍ଟାଲ ବ୍ୟବହାର କରାଯାଇଛି । ସେହିପରି ରାସ୍ତାର ଚଉଡା ସାଢେ ୭ ମିଟର ରହିବା ଜାଗାରେ ସାଢେ ୫ ମିଟର କରି ଠିକା ସଂସ୍ଥା ଖସିଯିବାକୁ ବସିଛି । ଏଥିପ୍ରତି ଧ୍ୟାନ ଦେବାକୁ କୌଣସି ଅଧିକାର କାର୍ଯ୍ୟ ପରିଦର୍ଶନ କରୁନଥିବାରୁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାଛଡା ନିକଟସ୍ଥ ଚାଷୀଙ୍କ ଜମି ଉପରେ ସମ୍ପ୍ରସାରଣ କରାଯଉଛି, କୌଣସି କ୍ଷତିପୂରଣ ଦିଆନଯାଇ ଜୋର ଜବରଦସ୍ତି ମାଟିପକାଇ କାର୍ଯ୍ୟ କରାଯାଉଛି । ଚାଷୀମାନେ ପ୍ରତିବାଦ କଲେ ଠିକାଦାରଙ୍କ କର୍ମଚାରୀ ପୁଲିସର ଧମକ ଦେଉଛନ୍ତି । ଏଣୁ ଚାଷୀମାନେ ଏକାଠି ହୋଇ କାର୍ଯ୍ୟ ବନ୍ଦ କରିଥିବା ଦେଖିବାକୁ ମିଳିଛି । ଏହି ସମୟରେ ଚାପା ଉତେଜନା ଦେଖାଦେଇଥିଲା । ପରେ ବାଧ ହୋଇ କାର୍ଯ୍ୟକୁ ବନ୍ଦ କରିଦିଆଯାଇଥିବା ଦେଖିବାକୁ ମିଳିଛି । ବିଭାଗୀୟ ଜେଇ ପଦବୀ ଫାଙ୍କା ଥିବାବେଳେ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ନିମ୍ନମାନର କାର୍ଯ୍ୟ ଏବଂ ଚାଷୀଙ୍କ ସମସ୍ୟା ପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଚାଷୀଙ୍କ ପକ୍ଷରୁ ଦାବୀ ହୋଇଛି ।

# ଲିଙ୍ଗେଶ୍ୱର ଶିଶୁ ମନ୍ଦିରରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ



ପାଣିକୋଇଲି,(ସବ୍ୟୁ) :କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ବ୍ୟାନଗର ସଂକୁଳର ୮ଟି ଶିଶୁ ମନ୍ଦର ୧୭୦ ଜଣ ଆଚାର୍ଯ୍ୟା/ ଆଚାର୍ଯ୍ୟାଙ୍କୁ ନେଇ ତିନି ଦିନ ବ୍ୟାପି ଚାଲିଥିବା ସାମୂହିକ କର୍ମଶାଳା ଉଦ୍‌ଯାପିତ ହୋଇଛି ।ଏହାର ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବନମାଳୀ ଦାସ, ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ମନୋଜ କୁମାର ସାହୁ ଓ ମାନସ ରଂଜନ ଧଳ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ପୂର୍ବକ୍ଷେତ୍ର ଶାରିରୀକ ଓ ଖେଳକୁଦ ସଂଯୋଜକ ବଳରାମ ସାହୁ ଯୋଗଦେଇ ଥିବା ବେଳେ ଅତିଥି ଭାବେ ବ୍ୟାସନଗର ସଂକୁଳ ପ୍ରମୁଖ ଅଶୋକ କୁମାର ଶତପଥି, ସଙ୍କୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ, ପରିଚାଳନା ସମିତିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଧୁବନ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ୮ଟି ବିଦ୍ୟାଳୟର ପରିଚାଳନା ସମିତିର ୫୬ ଜଣ ସଦସ୍ୟ ଏହି ଉତ୍ସବରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ । ଲିଙ୍ଗେଶ୍ୱର ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ/ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମେଳା ପରେ ରାମଚଣ୍ଡୀ ମନ୍ଦିର ପରିସରରେ କୁଢ଼ କୁଢ଼ ଅଳିଆ

ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ବ୍ଲକ ଅଂଚଳର ପ୍ରସିଦ୍ଧ ଦେବୀ ପୀଠ ଦରିଆପାରି ମା ରାମଚଣ୍ଡୀଙ୍କ ପୀଠରେ ମହାବିଷୁବ ପଣ । ସଂକ୍ରାନ୍ତି ଦିନ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ବ୍ଲକ ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ ମନ୍ଦିର ପରିସର ଜନଗହଳି ପୂର୍ଣ୍ଣ ଥିଲା । ଏଭଳି କି ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବ୍ୟବହୃତ ପୂଜା ସାମଗ୍ରୀ, ଖାଦ୍ୟ ଓ ପାନୀୟର ବର୍ଜ୍ୟବସ୍ତୁ ଏଣେତେଣେ ଫିଙ୍ଗି ଦେଇଥିଲେ । ସଂକ୍ରାନ୍ତି ଦିନ ଠାରୁ ୭ଦିନ ଧରି ରାମଚଣ୍ଡୀ ମେଳା ନେଇ ବ୍ଲକ,ଜିଲ୍ଲା ତଥା ରାଜ୍ୟ ବାହାରର ବ୍ୟବସାୟୀ ମନ୍ଦିର ପରିସର ରେ ବିଭିନ୍ନ ପସରା ମେଲାଇ ଗ୍ରାହକଙ୍କ ଅପେକ୍ଷାରେ ଥିଲେ । ଫାଷ୍ଟଫୁଡ ଓ ହୋଟେଲ ବି ଚାଲିଥିଲା । ମନ୍ଦିର ପରିଚାଳନା କମିଟିର ସହମତି କ୍ରମେ ମନ୍ଦିର ବେଢା ଭିତରେ ଓ ବାହାରେ ବି ପସରା ମେଲାଇ ଗ୍ରାହକଙ୍କ ମନ ହରଣ କରୁଥିଲେ ବ୍ୟବସାୟୀ । ସାତ ଦିନ ଧରି ମେଳା ଦିବସ ସନ୍ଧ୍ୟାରେ ଗ୍ରାହକଙ୍କ ଭିଡ଼ି ଜାମୁଥିଲା । ମେଳା ସରିଲା ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ ସାରି ବ୍ୟବସାୟୀ ଘର ବାହୁଡ଼ିଲେଣି । ମାତ୍ର ମନ୍ଦିର ବେଢା ଭିତରେ ଓ ବାହାରେ କୁଢ଼ କୁଢ଼ ଅଳିଆ ଏଣେତେଣେ ଘୁରି ବୁଲୁଛି । ଯାହା ଫଳରେ ଦେବୀ ଦର୍ଶନ ପାଇଁ ଆସୁଥିବା ଶହ ଶହ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ରଦ୍ଧାଳୁଙ୍କ ସୁଗମତା ନିମନ୍ତେ ପରିଚାଳନା କମିଟି ତ୍ୱରିତ ମେଳାର ପରିତ୍ୟକ୍ତ ଅଳିଆ ଆବର୍ଜନା ସଫେଇର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରନ୍ତି ।

# ହିନ୍ଦୁଙ୍କୁ ହତ୍ୟା ପ୍ରତିବାଦରେ କ୍ଷୋଭ

ରଘୁନାଥପୁର, (ସବ୍ୟୁ) : ଜାମ୍ମୁ କାଶ୍ମୀରରେ ଇସଲାମିକ ଜେହାଦୀ ଆତଙ୍କବାଦୀଙ୍କ ଦ୍ୱାରା ହିନ୍ଦୁ ମାନଙ୍କ ନିର୍ମମ ହତ୍ୟା ପ୍ରତିବାଦରେ ଦେଶ ବ୍ୟାପି ଜନ ଅସନ୍ତୋଷ ଦେଖାଦେଇଥିଲା ବେଳେ ଆଜି ରଘୁନାଥପୁର ବଜାରରେ ଜୟ ଶ୍ରୀରାମ ସେନା ପକ୍ଷରୁ ଏହି ଘଟଣାର ତୀବ୍ର ପ୍ରତିବାଦ କରା ଯାଇଥିଲା । ଶତାଧିକ ରାମସେନା ଉତ୍ୟକ୍ତ ସଭ୍ୟ ହାତରେ ମସାଲ ଧରି ଭାରତ ମାତା କୀ ଜୟ ଓ ପାକିସ୍ତାନ ମୁର୍ଦାବାଦ ନାରାରେ ପାକିସ୍ତାନ ପତାକାକୁ ପୋଡ଼ିବା ସହିତ ସମଗ୍ର ବିଶ୍ୱରୁ ଆତଙ୍କବାଦ ସଂପୂର୍ଣ୍ଣ ବିଲୋପ କରିବାକୁ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏଥି ସହିତ ପାକିସ୍ତାନ ଆତଂକବାଦୀ କାର୍ଯ୍ୟ କଳାପକୁ ତୀବ୍ର ବିରୋଧ କରିଥିଲେ । ଏହି ହିନ୍ଦୁ ଆକ୍ରୋଶ କ୍ଷୋଭରେ ସୁମାଲ୍ୟ ମହାନ୍ତି, ବିଶ୍ୱଜିତ ଦାସ,ପ୍ରତାପ ମହାନ୍ତି, କାଳନ୍ଦୀ ସେଠୀ, ଉମାକାନ୍ତ ପାତ୍ର, ବିଶ୍ୱଜିତ ମହାନ୍ତି,ଅଶୋକ ବାରିକ, ଦେବାଶିଷ ଦଳାଇ, ସ୍ମୃତି ରଂଜନ ନାୟକ, ଜଗନ୍ନାଥ ସ୍ୱାଇଁ,ସୁଦର୍ଶନ ସ୍ୱାଇଁ, ସୁଜ୍ଜି ବିଶ୍ୱାଳ,ମନୋଜ ସାହୁ, ସ୍ମୃତି ରଂଜନ ବେହେରା,ଆଶୀଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

# ୧୬ ତମ ମା' ଶାରଳା ମହୋତ୍ସବ




ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ରୋଧପୁର ମା ଶାରଳା ମନ୍ଦିର ପରିସରରେ ୧୬ ତମ ମା ଶାରଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ଆରମ୍ଭରେ କଳସ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ପାଲଟିଥିଲା । ପଶ୍ଚିମବଙ୍ଗର ଅଘୋରୀ ନୃତ୍ୟରେ କମ୍ପିଥିଲା ସମଗ୍ର ଅଞ୍ଚଳ । ଏହି ନୃତ୍ୟକୁ ଦେଖିବା ପାଇଁ ପ୍ରବଳ ଜନସଗାମ ହୋଇଥିଲା । ରୋଧପୁରସ୍ଥିତ ଶାରଳା ମନ୍ଦିର ପରିସରରେ ମା ଶାରଳାଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା ଏହି ଶୋଭା ଯାତ୍ରାରେ ରୂପଯାତ୍ରା,ଦଶ ଅବତାର ନୃତ୍ୟ,ପାଟୁଆ ନୃତ୍ୟ ସମେତ ବିଶେଷ ଆକର୍ଷଣ ପଶ୍ଚିମବଙ୍ଗର ଅଘୋରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଶୋଭାଯାତ୍ରାଟି ଶାରଳା ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ଚିତ୍ରୋପ୍ତଳା ଗୁପ୍ତ ଗଙ୍ଗାରୁ କଳସରେ ପାଣି ଉଠାଇଥିଲେ । ସେଠାରୁ ବିଭିନ୍ନ ଗ୍ରାମ ପରିକ୍ରମା କରି ଶାରଳା ମନ୍ଦିର ରେ କଳସ ସ୍ଥାପନ ପରେ ମା ଙ୍କ ମେଳା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ସହ ସନ୍ଧ୍ୟାରେ ସୁନାମ ଧନ୍ୟ କଣ୍ଠଶିଳ୍ପୀ କୁମାର ବାପି ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ ସହ ସହ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେଛ ଏହିକାର୍ଯ୍ୟକ୍ରମ ସମସ୍ତ ଗ୍ରାମବାସୀ ଓ କର୍ମକର୍ତ୍ତାଙ୍କ ସହଯୋଗରେ ହୋଇଥିଲା ।

# ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ନିଶ୍ଚିନ୍ତକୋଇଲ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ପଞ୍ଚାୟତରାଜ ବ୍ୟବସ୍ଥାକୁ ସଶକ୍ତ କରି ପ୍ରତ୍ୟେକ ଲୋକଙ୍କ ନିକଟରେ ବିକାଶ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର ଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ଏହି ଦିବସକୁ ଧୁମଧାମରେ ପାଳନ କରାଯାଇଛି । ବିଡ଼ିଓ ଦ୍ୱିବ୍ୟେନ୍ଦୁ ଦାସ ଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଇ-ପଞ୍ଚାୟତ ସଭା ପି.ପି.ଏମ୍.ଏସ୍ ପୋର୍ଟାଲ , ପଞ୍ଚାୟତ ମନିଟରିଂ ସିଷ୍ଟମ୍ ଏବଂ ଭଲ କାମ କରିଥିବା ପଞ୍ଚାୟତ ଗୁଡ଼ିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାଶ, ସଦର ବିଧାୟକଙ୍କ ପ୍ରତିନିଧି ଶାରଦାପ୍ରସାଦ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମଳୟ ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୧୬ଜଣ ଦିବ୍ୟାଙ୍ଗ,ରୋଗାଗ୍ରସ୍ତ ଓ ଅକମର୍ଣ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ଼ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଏହା ସହିତ ଏହି ବ୍ଲକର ୪୧ଗୋଟି ପଞ୍ଚାୟତ ମଧ୍ୟରୁ ତିନି ଗ୍ରାମପଞ୍ଚାୟତ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ କରି ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶ କରିଥିବାରୁ ନତକାଇ ସରପଞ୍ଚ ଜୟଦେବ ରାଉତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜୟ କୁମାର ବେହେରାଙ୍କୁ ୭ଲକ୍ଷ ୭୨ହଜାର ୯୪୬ ଟଙ୍କା, ବରାଦୋ ସରପଞ୍ଚ ଦିପ୍ତୀମୟୀ ବରାଳ ଓ କାର୍ଯ୍ୟନିର୍ବାହୀ ସର୍ବେଶ୍ୱର ସିଂ ଏବଂ ନରେନ୍ଦ୍ରପୁର ସରପଞ୍ଚ ନମିତାରାୟ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ସାହାଣୀ ପ୍ରତ୍ୟେକଙ୍କୁ ୫ଲକ୍ଷ ୭୯ହଜାର ୭୧୦ଟଙ୍କା ଲେଖାଏ ପ୍ରେସାହନ ରାଶି ପ୍ରଦାନ କରାଯାଇଛି । ସିପି ତାପସ ତନୟ ପଟ୍ଟନାୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ଅତିରକ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତି , ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ସମେତ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର

କେନ୍ଦ୍ରାପଡା,(ସବ୍ୟୁ) :ରାଜ୍ୟ ସରକାରଙ୍କ ଯୁବସେବା ବିଭାଗ ଓ ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗ ଆନୁକୂଲ୍ୟ ରେ ପୌରାଚଂଳ ଅ'ର୍ଗତ ଇଛାପୁର ଏବଂ ପଟ୍ଟାମୁଣ୍ଡାଇ ପୋଖରୀଆପଡା ରେ ଥିବା ଇଣ୍ଡୋର ଷ୍ଟାଡିୟମ ଠାରେ ଗ୍ରୀଷ୍ମକାଳୀନ ବ୍ୟାଟମିଣ୍ଟନ ଶିବିର ଉଦ୍ଘାଟନ ହୋଇଯାଇଛି । ଜିଲ୍ଲା କ୍ରୀଡା ବିଭାଗ ତରଫରୁ ଆୟୋଜିତ ଏହି ଶିବିରକୁ ଭାରପ୍ରାପ୍ତ ଜିଲ୍ଲପାଳ ତଥା ଅତିରିକ୍ତ ଜିଲ୍ଲାପାଳ କେନ୍ଦ୍ରାପଡା ନିଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ଘାଟନ କରିଥିଲେ । ଚଳିତ ଏପ୍ରିଲ ମାସ ୨୫ ତାରିଖ ଠାରୁ ଆରମ୍ଭ ହୋଇ ମଇ ମାସ ୧୧ ତାରିଖ ପର୍ଯ୍ୟ' ଏହି ଶିବିର ଚାଲୁ ରହିବ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ବାଳକ ବାଳିକା ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ ସରୋଜ କୁମାର ଦାସ, ଅରସଦ ଅଲ୍ଲୀ ଶିକ୍ଷା ପ୍ରଦାନ କରିବେ ବୋଲି ଜଣାପଡିଛି । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେ ।


# ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ

ଚଣ୍ଡିଖୋଲ,(ସବ୍ୟୁ) :ଏବେ ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଦିନ ବଜାର ମଝିରେ ଏକ ଜଳ ଦାନ କେନ୍ଦ୍ର ଉଦଘାଟିତ ହୋଇଯାଇଛ । ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତକୁମାର ଅତିଥି ଭାବେ ଯୋଗଦେଇ ଏହି ଜଳ ଦାନ କେନ୍ଦ୍ରକୁ ଉଦଘାଟନ କିରିଥିଲେ । ତିନୋଟି ଜାତୀୟ ରାଜପଥର ସଙ୍ଗମ ସ୍ଥଳ ଚଣ୍ଡିଖୋଲ ଓଡ଼ିଶାର ଏକ ପ୍ରମୁଖ ବ୍ୟବସାୟ ପେଣ୍ଠ ସ୍ଥଳ । ଏଠାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସିଥାନ୍ତି । ମାତ୍ର ଏଠାରେ ପାନୀୟ ଜଳର ସୁବ୍ୟବସ୍ଥା ନ ଥିବାରୁ ଯାତ୍ରୀ ଓ ପଥଚାରୀ ମାନେ ହନ୍ତସନ୍ତ ହେଇଥାନ୍ତ । ତାହାକୁ ଦୃଷ୍ଟିରେ ରଖି ଏହି ଜଳଦାନ କେନ୍ଦ୍ର ଖୋଲାଯାଇଥିବା ଟ୍ରକ ମାଲିକ ସଂଘର ସଭାପତି ପୁଷ୍ପରାଜ ନାୟକ ଓ କୀର୍ତ୍ତିରାଜ ସ୍ୱାଇଁ ସୂଚନା ଦେଇଥିଲେ । ଦୈନିକ ବସଯାତ୍ରୀ ଓ ପଥଚାରୀ ମାନଙ୍କୁ ସୁସ୍ୱାଦୁ ଦହି ମିଶ୍ରିତ ଜଳ ଓ ଲେମ୍ବୁପାଣି ପ୍ରଦାନ ରୌଦ୍ରତାପ କମିବା ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଟି,ଆଇ ଯୁଗଳକିଶୋର ତିରିଆ, ଟ୍ରକ ମାଲିକ ସଂଘ ମୁଖ୍ୟ ଉପଦେଷ୍ଟା ଚନ୍ଦନକୁମାର ନାୟକ, କୋଷାଧ୍ୟକ୍ଷ ଜାହିଦ୍ ଖାଁ ,ବିଶ୍ୱଜିତ ବିଶ୍ୱାଳ, ବୈକୁଣ୍ଠନାଥ ପଲେଇ, ବୈକୁଣ୍ଠ ନାଥ ସ୍ୱାଇଁ, ଦେବରଞ୍ଜନ ସ୍ୱାଇଁ, ଉମେଶ ଜେନା, ସୀତାନାଥ ସାହୁ, ବସନ୍ତ ନାୟକ, ରତିକାନ୍ତ ସ୍ୱାଇଁ, ସତ୍ୟଜିତ ବଳ, ମାନସ କୁମାର ନାୟକ, ଯଶୋବନ୍ତ ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ । ଇତ୍ୟବସରରେ ଯାତ୍ରୀ ଓ ପଥଚାରୀ ମାନଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା

# ଜିଲ୍ଲା ପ୍ରଶାସନର ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀଙ୍କୁ କେନ୍ଦ୍ରାପଡା ଗସ୍ତ ଓ ପ୍ରଶାସନ ସହ ସମୀକ୍ଷା ବୈଠକ ରେ ଆଲୋଚିତ ବିଷୟବସ୍ତୁ ଉପରେ ଆଜିର ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯଇଛି । ବିଭିନ୍ନ ତହସିଲ ମାନଙ୍କରେ ପଡି ରହିଥିବା ରାଜସ୍ୱ ସମ୍ବନ୍ଧୀୟ ବକେୟା ମାମଲା ଗୁଡିକ ତୁର' ସମୀକ୍ଷା କରିବା ସହ ଭୂମିହୀନ ପ୍ରଜା ମାନଙ୍କ ସର୍ଭେ କରି ଜମି ଆବଣ୍ଟନ ପାଇଁ ଗୁରୁତ୍ୱ ଦିଆଯାଇ ଥିଲା । ଏହା ସହ ବିଭିନ୍ନ ପ୍ରକାର ପ୍ରମାଣପତ୍ର ତୁର' ପ୍ରଦାନ କରିବା, ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ଆଦି ବିଷୟରେ ସମୀକ୍ଷା କରାଯାଇ ଥିଲା । ଏହା ସହ ମନ୍ତ୍ରୀଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରି ପ୍ରଶାସନ କୁ ଗତିଶୀଳ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲିକ, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଅଘଟଣକୁ ପ୍ରତିହତ କରିବାର କଳା ଦେଖାଇଲେ କମ୍ପାନୀ କର୍ମଚାରୀ



ପାରାଦୀପ,( ଜି. ପ୍ର ): ଆଜି ଅପରାହ୍ନରେ ପାରାଦୀପ ଆଦାନୀ ୱିଲମାର ତୈଳ କମ୍ପାନୀ ରେ ଓଲଡିଂ ସମୟରେ ନିଆଁ ଲାଗି ଯିବାରୁ ତୁରନ୍ତ କମ୍ପାନୀ କର୍ମଚାରୀ ଚିତ୍କାର କରି ସମସ୍ତଙ୍କୁ ଅବଗତ କରାଇଥିଲେ ଏହାପରେ ତୁରନ୍ତ କମ୍ପାନୀ ପକ୍ଷ୍ୟରୁ ଆଲାରାମ ବଜାଇବା ସହ ସମସ୍ତଙ୍କୁ ସତର୍କ କରାଇ ଦିଆଯାଇଥିଲା ତକ୍ଷଣାତ ଦୁଇଟି ଅଗ୍ନିଶମ ବାହିନୀ ଆସି ପହଁଞ୍ଚିବା ସହ ନିଆଁକୁ ଆୟତ କରିଥିଲେ ପ୍ରଥମ କରି ଏକ ରୋବଟ ମେସିନ ସାହାଯ୍ୟରେ ପାଣି ସ୍ପ୍ରେ କରାଯାଇଥିଲା ଆହତ କର୍ମଚାରୀଙ୍କୁ ତୁରନ୍ତ ମେଡିକାଲ ପଠାଇ ଦିଆଯାଇଥିଲା ବାସ୍ତବିକ ଏହି ମକଡ୍ରିଲ ସଫଳତାର ସହ ଶେଷ ହୋଇଥିବା ବେଳେ କମ୍ପାନୀର ପାରାଦୀପ ଇଉନିଟ ମୁଖ୍ୟ ନାରାୟଣ ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।ଚନ୍ଦ୍ର ଶେଖର ବେହେରା , ଅତିରିକ୍ତ ନିର୍ଦ୍ଦେଶକ , ଫ୍ୟାକ୍ଟ୍ରିଆଣ୍ଡ ବଏଲର ଏହି ଅବସରରେ ଯୋଗଦେଇ କମ୍ପାନୀକୁ ପ୍ରସଂଶା କରିବା ସହ ଟିମ ସ୍ପିରିଟ ପାଇଁ ଆମେ ଖୁବ କମ ସମୟ ମଧ୍ୟରେ ଏକ ବଡ ଧରଣର ଅଘଟଣକୁ ପ୍ରତିହତ କରିବା ସମ୍ଭବ ହେଲା ବୋଲି ରାଜୀବ ଷଡଙ୍ଗୀ , ଏଚ ଆର ହେଡ , ପାରାଦୀପ ଆଦାନୀ ୱିଲମାର ପ୍ରକାଶ କରିଛନ୍ତି

# ମାଙ୍କଡା ଖାଦାନରେ ଚଢାଉ : ଦୁଇ କଟା ମେସିନ ଜବତ



ଚଣ୍ଡିଖୋଲ,(ସବ୍ୟୁ) :କଟକ ବନଖଣ୍ଡ ଅଧିନ ବୈରୀ ଡାଳିଯୋଡା ବନାଞ୍ଚଳ ପକ୍ଷରୁ ଏହି ଅଞ୍ଚଳରେ ଚାଲିଥିବା ଚୋରା ମାଙ୍କଡ଼ା ପଥର ଖାଦାନ ଉପରେ ଚଢାଉ କରାଯାଇଥିଲା । ଚଢ଼ାଉ ଖବର ପାଇଁ ମାଫିଆମାନେ ଫେରାର ହୋଇଯାଇଥିଲେ । ତେବେ ଘଟଣା ସ୍ଥଳରୁ ପଥର କଟାରେ ବ୍ୟବହାର ହେଉଥିବା ଦୁଇଟି ମେସିନ୍ ଜବତ କରାଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଦର୍ପଣ ତହସିଲ ଅନ୍ତର୍ଗତ ସୋଲର ରାଜସ୍ୱ ସର୍କଲ ର ବାଘୁଆ ମୌଜାରେ ଚୋରା ମାଙ୍କଡ଼ା ପଥର କଟାଯାଉଥିବା ଖବର ପାଇ ବୈରୀ ବନାଅଞ୍ଚଳ ଅଧିକାରୀ ଅଦ୍ୱୈତ ପ୍ରଧାନ, ଫରେଷ୍ଟର ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର, ବୈରୀ ଓ ଚଣ୍ଡିଖୋଲର ସମସ୍ତ ବନ ଅଧିକାରୀ ଅର୍ତକୀତ ଚଢାଉ କରିଥିଲେ । ଚଢାଉ ବେଳେ ପଥର କଟୁଥିବା ଦୁଇଟି ପାୱାର ଟ୍ରିଲର ମେସିନକୁ ଅଧିକାରୀମାନେ ଜବତ କରିଥିଲେ । ହେଲେ ଜବତ ହୋଇଥିବା ଅନ୍ୟ ଏକ ପାୱାର ଟ୍ରିଲରକୁ ବନ ବିଭାଗ ଅଧିକାରୀ ମାନଙ୍କ ଠାରୁ କେତେକ ଲୋକ ଯୋର ଜବରଦସ୍ତ ଛଡାଇ ନେଇଥିବା ଜଣାପଡିଛ । ପରେ ଘଟଣା ସ୍ଥଳରେ ବୈରୀ ଥାନା ପୋଲିସ ପହଞ୍ଚି ଯିବାରୁ ଚୋରା ପଥର କାଟୁଥିବା ଲୋକମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏଥିନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି ।

# ଶରଣକୁଳକୁ ବ୍ଲକ୍ ଘୋଷଣା ପାଇଁ ଦାବି




ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳକୁ ବ୍ଲକ୍ ମାନ୍ୟତା ପ୍ରଦାନ ଦାବି ଉଠିଛି। ସ୍ଥାନୀୟ ଜନସାଧାରଣ ଓ କ୍ରିୟାନୁଷ୍ଠାନ କମିଟି ବ୍ଲକ ପ୍ରତିଷ୍ଠା ନେଇ ଦାବି ପ୍ରଦର୍ଶନ କରିଛନ୍ତିଛ ଓଡ଼ଗାଁ ବ୍ଲକ୍ ରେ ୩୬ଗୋଟି ପଞ୍ଚାୟତ ଥିବା ବେଳେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଛି। ସେଥିରେ ଶରଣକୁଳକୁ ବ୍ଲକ୍ ମାନ୍ୟତା ପ୍ରଦାନ କରିବାକୁ ଆଜି ଲଡୁବାବାଙ୍କ ମନ୍ଦିର ଆଗରେ କ୍ରିୟାନୁଷ୍ଠାନ କମିଟି ସେବାୟତ ଓ ସ୍ଥାନୀୟ ବାସିନ୍ଦା ନାରାବାଜୀ ଏକାଠି ହୋଇଛନ୍ତ। ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଲୋକ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମଦନ ମୋହନ ନନ୍ଦ, ସେବାୟତ ସଂଘ ସଂପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମହାପାତ୍ର, ଶତ୍ରୁଘନ ରାଉତ, ସମାଜସେବୀ ବୁଢା ମହାପାତ୍ର ଆଦି ଯୋଗଦେଇ ବଜାର ପରିକ୍ରମା କରିଥିଲେଛ ଏଥିରେ ଶରଣକୁଳ ବ୍ଲକ୍ ଆମର ଦାବି ସରକାର ତୁମେ ମାନିନିଅ, ଆଦି ନାରା ଦେଇଥିଲେ। ସବୁ କ୍ଷେତ୍ରରେ ଶରଣକୁଳ ବ୍ଲକ୍ ମାନ୍ୟତା ପାଇବାକୁ ହକଦାର ବୋଲି କହିଥିଲେଛ ତେଣୁ ଶରଣକୁଳ ଉପଯୁକ୍ତ ସ୍ଥାନ ବୋଲି କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏଥିରେ ଦୁଇଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ଥିଲେ।

# କୁଆଁରିଆ ମହୋତ୍ସବ ଉଦ୍‌ଘାଟିତ




ଦଶପଲ୍ଲା, (ସ୍ବ୍ୟୁ) : ଦଶପଲ୍ଲା ର ଐତିହାସିକ ଲଙ୍କାପୋଡି ଯାତ୍ରା ର ମୁଖ୍ୟ ଉତ୍ସବ ରାବଣବଦ୍ଧ ପରେ ଆରମ୍ଭ ହୋଇଛି କୁଆଁରିଆ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା । ତିନିଦିନ ହେବାକୁ ଥିବା ଏହି ମହୋତ୍ସବକୁ ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଉଦଘାଟକ ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ଅନ୍ୟତମ ସମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଧାୟକ ରମେଶ ଚନ୍ଦ୍ର ବେହେରା ,ସାହିତ୍ୟିକ ଡ଼ଃ କୃଷ୍ଣ କେଶବ ଷଡଙ୍ଗୀ, ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବ ସଭାର ପ୍ରାରମ୍ଭ ରେ ଜାମୁ କାଶ୍ମୀର ର ପଲଗାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ ଭାରତୀୟ ନାଗରିକ ମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦଶପଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିବା ସହ କଳା ସାହିତ୍ୟ ଓ ସଂସ୍କୃତି ର ମିଳନ ସ୍ଥଳ କୁଆଁରିଆ ମହୋତ୍ସବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହାସହ ଦଶପଲ୍ଲା ର ଜୀବନରେଖା କୁଆଁରିଆ ନାମ ରେ ଦଶପଲ୍ଲା ମହୋତ୍ସବ ର ନାମ କୁଆଁରିଆ ମହୋତ୍ସବ ରଖାଯାଇ ଥିବାରୁ ଅତିଥିମାନେ କମିଟି ର ସମସ୍ତ ସଦସ୍ୟ ଓ ଦଶପଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏ ଅବସର ରେ ବିଭିନ୍ନ କ୍ଷେତ୍ର ରେ ସଫଳ ହୋଇଥିବା ସଫଳ ବ୍ୟକ୍ତିତ୍ୱ ଅଲେଖ ସାହୁ, ଶରତ ଚନ୍ଦ୍ର ସାହୁ,ରାକେଶ ମହାନ୍ତି, ଯୋଗେଶ୍ୱର ଦାସ ଇତ୍ୟାଦିଙ୍କୁ କମିଟି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜସେବୀ ସୁରେଶ କୁମାର ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ ଗପରେ ଗପରେ ରାମାୟଣ ପୁସ୍ତକ କୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଉଦଘାଟନୀ ଉତ୍ସବକୁ ଗିରିଶ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ଶେଷରେ ବିଭିନ୍ନ ଜିଲ୍ଲା ରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏହାକୁ ଦେଖିବାକୁ ବହୁ ଜନ ସମାଗମ ହୋଇଥିଲା ।

# ଇପିଏଫ ପେନସନର୍ସ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଫୁଲନଖରା : ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଇଂ.ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଟକ,ଖୋର୍ଦ୍ଧା, ଜଗତସିଂହପୁର,କେନ୍ଦ୍ରାପଡ଼ା, ଯାଜପୁର,ବାଲେଶ୍ୱର ଓ ପୁରୀ ପ୍ରଭୃତି ଜିଲ୍ଲା ମାନଙ୍କରୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସର୍ବନିମ୍ନ ପେନସନ ୯୦୦୦ଟଙ୍କାକୁ ବୃଦ୍ଧିସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନ କରିବା ଦ୍ୱାରା ଓଡିଶା ସହ ସାରା ଦେଶର ୮୦ ଲକ୍ଷରୁ ଉର୍ଦ୍ଧ ଇପିଏଫ ପେନସନ ଧାରୀ ବରିଷ୍ଠ ନାଗରିକ ମାନଙ୍କ ପ୍ରତି କେନ୍ଦ୍ରସରକାରଙ୍କ କ୍ରମାଗତ ଅବିଚାର ଓ ଅବହେଳା ବାବଦରେ ଉପସ୍ଥିତ କର୍ମକର୍ତ୍ତା ମାନେ ବକ୍ତବ୍ୟ ରଖିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ କର୍ତ୍ତୃପକ୍ଷ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଘୋର ନିନ୍ଦା ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ଏତାଦୃଶ ବୈମାତୃକ ମନୋଭାବ ପାଇଁ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାଇ ଚଳିତ ମାସ ୨୯ ତାରିଖରେ ଓଡିଶାର ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଗଲା । କେନ୍ଦ୍ର ସରକାରଙ୍କ ଇପିଏଫ ପେନସନର୍ସଙ୍କ ପ୍ରତି ଏତାଦୃଶ ମନୋଭାବ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ସ୍ଥିର କରାଗଲା। ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ୨୪ – ୨୫ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ବୈଠକରେ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ,ଅଗାଧୁ ପ୍ରଧାନ,ପ୍ରକାଶ କୁମାର ପଟ୍ଟନାୟକ,ଅନାଦି ବେହେରା, ମାୟାଧର ନାୟକ,କୃଷ୍ଣଚନ୍ଦ୍ର ମହାନ୍ତି,ବିକ୍ରମ ଛୋଟରାୟ ସରୋଜକାନ୍ତ ମଲ୍ଲିକ,ବସନ୍ତ ଦାସ, ଗୀତାଞ୍ଜଳି ପାତ୍ର,ଉର୍ବଶୀ ମିଶ୍ର, କୈଳାଶ ଚନ୍ଦ୍ର ସାହୁ,ଧୀରେନ୍ଦ୍ର ପ୍ରତାପ,ଅଲେଖ ରାଉତ,ବିଜୟ ନାୟକ,ଦେବେନ୍ଦ୍ର କୁମାର ସାହୁ, ରଘୁନାଥ ବରାଳ,ଅକ୍ଷୟ କୁମାର ରାଉତ ପ୍ରମୁଖ ୩୦ଜଣ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ବୁଲେଇ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନକଲି ନୋଟ ପ୍ରସ୍ତୁତକାରୀ ଦଳ ଗ୍ରାମବାସୀଙ୍କ ଦ୍ୱାରା ଅଟକ

## କାର, ନୋଟ ଛାପାଯନ୍ତ୍ର, ମାରଣାସ୍ତ୍ର ଜବତ

ଡେଲାଙ୍ଗ, (ସବ୍ୟୁ) : ଅସଲି ଟଙ୍କା ଲକ୍ଷେ ଦିଅ, ତିନି ଲକ୍ଷ ନକଲି ଟଙ୍କା ନିଅ । ଏହାଥିଲା ନକଲି ନୋଟ ପ୍ରସ୍ତୁତକାରି ବ୍ୟକ୍ତିଙ୍କ ସ୍ଥାନୀୟ ଲୋକଙ୍କୁ ପ୍ରଲୋଭନ । ହେଲେ ଚତୁର ଗ୍ରାମବାସୀ କୌଶଳରେ ଏହି ଦଳଙ୍କୁ ଏକ ଘରେ ଅଟକ ରଖି ପୋଲିସକୁ ଖବର ଦେଇ ଧରା ପକେଇଦେଇଛନ୍ତି । ଏହି ଘଟଣା ଘଟିଛି ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ସାଦପଡା ଗ୍ରାମରେ । ଘଟଣାର ବିବରଣୀ ଅନୁସାରେ ନକଲି ନୋଟ ପ୍ରସ୍ତୁତକାରି ଏକ ତିନି ଜଣିଆ ଦଳ ଗୁରୁବାର ରାତିରେ ସାଦପଡା ଗ୍ରାମରେ ପହଂଚି ଜଣେ ସ୍ଥାନୀୟ ଯୁବକ ସହାୟତାରେ ନକଲି ନୋଟ କାରବାର କରିବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀ ଏମାନଙ୍କୁ ଏକ ଘରେ ଅଟକ ରଖି ବାହାରୁ ତାଲା ପକାଇଦେଇଥିଲେ । ଶୁକ୍ରବାର ଭୋର ସମୟରେ ପୋଲିସ ସଦଳବଳ ପହଂଚି ଅଟକ କୋଠରୀରୁ ବାହାର କରି ଥାନାକୁ ଆଣି ପଚାର ଉଚୁରା କରିଛନ୍ତି । ସେମାନେ ବ୍ୟବହାର କରିଥିବା ମୋଟର କାର, ନୋଟ ଛାପା ଯନ୍ତ୍ର, ଛାପା ହୋଇନଥିବା ତିନି ବଣ୍ଡଲ ନୋଟ କାଗଜ, ତିନି ଟି ମୋବାଇଲ ଫୋନ, ଗ୍ୟାସ ସ୍ପ୍ରେୟାର, ରାସାୟନିକ ପାଉଡର, ଛୁରି, ବ୍ୟାଗ ଆଦିକୁ ପୋଲିସ ଜବତ କରିଛି । ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଚନ୍ଦନପୁରର ଜଣେ, ବଡ଼ଗଡ଼ର ୨ ଜଣ, ସାଦପଡା ର ଜଣେ ମୋଟ ଚାରି ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି । ତଦନ୍ତ ବ୍ୟାହତ ଆଶଙ୍କା କରି ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି । ଶୁକ୍ରବାର ଅପରାହ୍ନରେ ଏହି ଚାରି ଜଣ ଅଭିଯୁକ୍ତଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପିପିଲି ଅଦାଲତ୍‌ରେ ହାଜର କରାଇଥିବା ଏକ ସୂତ୍ରରୁ ସୂଚନା ମିଳିଛି । ତେବେ ଡେଲାଙ୍ଗ ଅଂଚଳରେ ନକଲି ପାଞ୍ଚଶହ ଟଙ୍କିଆ ନୋଟ ବଜାର କୁ ଛଡ଼ାଯାଇଥିବାରୁ, ଜନସାଧାରଣ ଟଙ୍କା ଡେଣ ନେଣ ସମୟରେ ସତର୍କ ରହିବାକୁ ନିବେଦନ କରାଯାଇଛି ।

## ଆଦର୍ଶ ଗୁହାଳ ନିର୍ମାଣ କରି ହିତାଧିକାରୀ ହନ୍ତସନ୍ତ

ଖଣ୍ଡପଡା ,(ସବ୍ୟୁ) : ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମର ପ୍ରତାପ କୁମାର ପଣ୍ଡା ଓ ରାକେଶ କୁମାର ସେଠୀ ପ୍ରମୁଖ ୨ ଜଣ ହିତାଧିକାରୀ ଆଦର୍ଶ ଗୁହାଳ ନିର୍ମାଣ କରିବାର ୪ ବର୍ଷ ପରେ ବି ଗୁହାଳ ନିର୍ମାଣ ବାବଦ ବକେୟା ବିଲ ପାଉନଥିବା ଜଣାପଡିଛି । ଗୁହାଳ ନିର୍ମାଣ ବାବଦ ବିଲ ପାଇବାରୁ ବଂଚିତ ୨ ହିତାଧିକାରୀ କୁମ୍ଭାରପଡା ପଂଚାୟତ କର୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଖଣ୍ଡପଡା ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ୨ ହିତାଧିକାରୀଙ୍କୁ ଗତ ୨୦୨୧–୨୨ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜରିଆରେ ଆଦର୍ଶ ଗୁହାଳ ନିର୍ମାଣ ବାବଦରେ କେନ୍ଦ୍ରୀୟ ଅନୁଦାନ ଅର୍ଥ ୧.୧୩ ଲକ୍ଷ ଟଙ୍କା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଉଭୟେ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୬ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଥିବା ଜଣାପଡିଛି । ତେବେ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବକେୟା ବିଲ ଏବେବି ବ୍ଲକ ପ୍ରଶାସନ ନିକଟରେ ପଡି ରହିଛି । ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବିଲ ମିଳୁନଥିବାରୁ ଉକ୍ତ ୨ ହିତାଧିକାରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଧାର ଉଧାର କରି ଆଦର୍ଶ ଗୁହାଳ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ବିଲ ପ୍ରଦାନ ନିମନ୍ତେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ କୁମ୍ଭାରପଡା ଗ୍ରାମବାସୀ ଦାବି କରିଛନ୍ତି ।

## ପଞ୍ଚାୟତିରାଜ ଦିବସ

ବାରଙ୍ଗ, (ସବ୍ୟୁ) : ଗୁରୁବାର ବାରଙ୍ଗ ବ୍ଲକ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସଙ୍କ ନେତୃତ୍ୱରେ ୩୨ନଂ ଜୋନର ମଧୁପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି।ଏଥିରେ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଭିଭାଷଣ ରଖି ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ମହିଳା ସଂଗଠନର ମହିଳାମାନେ ବହୁ ମାତ୍ରାରେ ଯୋଗଦେଇଥିଲେ।।

# ସାକ୍ଷୀଗୋପାଳଙ୍କ ଷଡଭୁଜ ଗୌରାଙ୍ଗ ବେଶ

ସାକ୍ଷୀଗୋପାଳ ,(ସବ୍ୟୁ) : ବୈଶାଖ କୃଷ୍ଣ ଏକାଦଶୀ ତିଥି ଅବସରରେ ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଷଡଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଥିଲାଛ ଦୈନନ୍ଦିନ ଦେବନୀତି ମଧ୍ୟରେ ପ୍ରତ୍ୟୁଷରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତୀ, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୁପ, ବୀର କେଶରୀ ବଲ୍ଲଭ ଭୋଗ ସମାପନ କରାଯାଇଥିଲାଛ ଅପରାହ୍ନରେ ଦ୍ୱିପହର ଧୁପ ବେଶରେ ସାକ୍ଷୀଗୋପାଳ ଠାକୁରଙ୍କୁ ଷଡଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବେଶର ଠାକୁର ନୂତନ ଶୁକ୍ଳ ବସ୍ତ୍ର, ଦୋଶଡା ପରିଧାନ କରିଥିଲେଛ ଅଣ୍ଟାରେ ବେଙ୍ଗ ପାଟିଆ ମାଳ, ଚର୍ତୁଭୁଜ, ଗୌରାଙ୍ଗ ବେଶରେ ଚତୁର୍ଭୁଜରେ ଜପାମାଳ, କମଣ୍ଡଳୁ, ଧନୁ, ତୀର ଓ ସୁବର୍ଣ୍ଣ ବଂଶୀ ଶୋଭା ପାଉଥିଲା। ୯ ଗଳାରେ ତୁଳସିମାଳା ଧାରଣ କରିବା ସହିତ ମୁଖମଣ୍ଡଳ ଓ ଶ୍ରୀ ଭୁଜକୁ ଚନ୍ଦନରେ ଆଚ୍ଛାଦିତ କରାଯାଇଥିଲା। ମସ୍ତକରେ ଶୁକ୍ଳ ବର୍ଣ୍ଣ ଫୁଲ ପାଖୁଡ଼ା ରେ ହରିତିଳକ ଶୋଭା ପାଉଥିବା ବେଳେ ଦୁଇ ପାର୍ଶ୍ୱରେ ନିତାଇ ନିତାଇ ଗୌରାଙ୍ଗଙ୍କ ପ୍ରତିମା ଦଣ୍ଡାୟମାନ ହୋଇଥିଲା। ବେଶ ସମାପନ ପରେ ଦ୍ୱିପହର ଧୁପ ଓ ଆଳତି ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟାଧୂପ ବେଶ ରାତି ୮ ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ରତ୍ନ ସିଂହାସନରେ ସାକ୍ଷୀଗୋପାଳ ଙ୍କୁ ଏହି ନିଆରା ବେଶ ଦର୍ଶନ କରିଥିଲେ। ଏହି ବେଶ ଶ୍ରୀରାମଚନ୍ଦ୍ରପୁର ଶାସନର ସ୍ୱର୍ଗତ ବ୍ରଜବନ୍ଧୁ ନନ୍ଦ ଙ୍କ ପରିବାର ପକ୍ଷରୁ କରାଯାଉଛି।

# ପହଲଗାମରୁ ସତ୍ୟବାଦୀ ଫେରିଲେ ୮ ପର୍ଯ୍ୟଟକ



ସାକ୍ଷୀଗୋପାଳ ,(ସବ୍ୟୁ) : ଜାମ୍ମୁ କାଶ୍ମୀରର ପହଲଗାମ ପରିଦର୍ଶନରେ ସତ୍ୟବାଦୀର ଦୀପକ ଶତପଥୀ, ପ୍ରଶାନ୍ତ ପାଣି, ତୋଫାନ ବେହେରା, ସ୍ୱରୂପ ଜେନା,ପୂଜା ସୁନ୍ଦରାୟ, ବର୍ଷାରାଣୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ସାତଭିକ ଜେନା ପ୍ରମୁଖ ଗତ ୨୨ ତାରିଖ ଦିନ ପହଲଗାମ ପରିଦର୍ଶନ କରୁଥିଲେ । ଦିନ ୧୧ ଟା ହଠାତ ବର୍ଷା ହୋଇଥିଲା । ଏହି ସାତଭିକ ଜେନା( ୩ )ଙ୍କର ମଧ ହଠାତ ବାନ୍ତି ହୋଇଥିଲା । ଫଳରେ ଏହି ପର୍ଯ୍ୟଟକ ମାନେ ହୋଟେଲକୁ ଫେରିବା ସମୟରେ ଗୁଳି ଫୁଟିବା ଶବ୍ଦ ଓ କ୍ରନ୍ଦନ ରୋଳ, ଚିତ୍କାର ସେନାବାହିନୀର ସାଇରନ ଧାଁ ଧାଉଡ଼ ଦେଖିଥିଲେ । ଭୟଭୀତ ହୋଇ ହୋଟେଲକୁ ଯାଇଥିଲେ ।ଗାଡି ଚାଳକ ଅନନ୍ତ ନାଗ, ସ୍ପୋପିୟାନ, ରାଯୌରୀ ଓ ପୁଞ୍ଚ ଦେଇ ୧୬ ଘଣ୍ଟା ପରେ ରାତି ୩ ଟା ସମୟରେ ଜାମ୍ମୁ ରେଳ ଷ୍ଟେସନରେ ପହଞ୍ଚିଥିଲେ । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହାୟତାରେ ଜାମ୍ମୁରୁ ରେଳ ଯୋଗେ ଦିଲ୍ଲୀରେ ଗତକାଲି ଅର୍ଥାତ ୨୩ ତାରିଖ ରାତି ୯ ଟା ସମୟରେ ପହଞ୍ଚିଥିଲେ ।ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ବାସଭବନରେ ରହିଥିଲେ। ସାଂସଦ ଶ୍ରୀଯୁକ୍ତ ପାତ୍ରଙ୍କ ସହିତ ବିମାନରେ ଭୁବନେଶ୍ୱରରେ ପହଞ୍ଚିଥିଲେ ୯ ଭୁବନେଶ୍ୱରରୁ ପୁରୀ ଯାଇଥିଲେ । ପୁରୀ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସାକ୍ଷୀଗୋପାଳ ଫେରିଥିଲେ ।

# ମୁଗଭଙ୍ଗା ଗ୍ରାମରେ ଶ୍ରୀରାମଲୀଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଫୁଲନଖରା : କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ନମ୍ବର ୱାର୍ଡସ୍ଥିତ ମୁଗଭଙ୍ଗା ଗ୍ରାମରେ ଆସନ୍ତା ମେ ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ୧୧ତମ ବାର୍ଷିକ ମା'ଖରାଖାଇ ଶ୍ରୀରାମ ଲୀଳା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଭାଗ୍ୟଧର ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସବୁ ବର୍ଷପରି ଚଳିତ ର୍ଷ ମଧ ମହା ଆଡ଼ମ୍ବରରେ ସହକାରେ ପାଳନ କରାଯିବ ବୋଲି ଗ୍ରାମର ବରିଷ୍ଠ ନାଗରିକ ନବ କିଶୋର ଦଳାଇ ପ୍ରକାଶ କରିଥିଲେ। ପ୍ରଥମ ରାତିରେ ସୀତା ଚୋରି,ଜେନା ଦେଇ ରାମଲୀଳା ଯୁବ ପରିଷଦ,ଧୁରୁଷିଆ,ଆଠଗଡ଼, ଦ୍ୱିତୀୟ ରାତିରେ ଇନ୍ଦ୍ରଜିତ ଧ,ଶ୍ରୀ ଶ୍ରୀ ରାମଲୀଳା ପ୍ରଚାର ସମିତି, ଫୁଲ ପୋଖରୀ, ବାରଙ୍ଗ । ତୃତୀୟ ରାତିରେ ରାବଣ ବଧ,ମା'ଜାଗୁଳାଇ ରାମଲୀଳା ପ୍ରଚାର ସମିତି ଖୋର୍ଦ୍ଧା ପରିବେଷଣ କରିଯିବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଅଞ୍ଚଳର ଗୁଣୀଙ୍କ ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯି ବୋଲି ହେମନ୍ତ କୁମାର ଦଳାଇ ସୂଚନା ଦେଇଛନ୍ତି। ବୈଠକରେ ବିଚିତ୍ରାନନ୍ଦ ଦଳାଇ, ଭୀମସେନ ଭୂୟାଁ,ସଚି ଦଳାଇ, ଦୀପକ ଦଳାଇ,ମନୋଜ ଦଳାଇ,ମୁକେଶ ସ୍ୱାଇଁ,ଅଞ୍ଜନ ଦଳାଇ, ଦିଲୀପ ଦଳାଇ,ପ୍ରଭାତ ଦଳାଇ,ଚିନ୍ମୟ ଦଳାଇ,ସଞ୍ଜିବ ବସ୍ତିଆ ପ୍ରମୁଖ ଉପସ୍ଥିତି ଥିବାବେଳେ ମା'ଖରାଖାଇ ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଛାତ୍ର ଛାତ୍ରୀ ମାତୃଭାଷା ଶିକ୍ଷାରୁ ବଞ୍ଚିତ

କାକଟପୁର ,(ସବ୍ୟୁ) : କାକଟପୁର ବ୍ଲକ ଶିକ୍ଷାବିଭାଗ ଅଧୀନ ରେ ଥିବା କଟକଣା ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ନିଜ ମାତୃଭାଷା ଶିକ୍ଷା ଗ୍ରହଣ ରୁ ବଞ୍ଚିତ ହୋଇଛନ୍ତି । ଚଳିତ ବର୍ଷ ଏହି ବିଦ୍ୟାଳୟ ରେ ସର୍ବ ମୋଟ୭୯ ଜଣ ଛାତ୍ର ଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେଥିରୁ ୭୫ଜଣ ଛାତ୍ର ଛାତ୍ରୀ ମାତୃଭାଷା ଉର୍ଦ୍ଦୁ ଶିକ୍ଷା ଗ୍ରହଣ କରିଥାନ୍ତି । ଏଠାରେ ନିଯୁକ୍ତି ପାଇଥିବା ଉର୍ଦ୍ଦୁ ଶିକ୍ଷକ ଗତ ୩୧/୮/ ୨୦୨୨ ରୁ ଅବସର ନେବାପରେ ତ୍କାଳୀନ ଶିକ୍ଷାଧିକାରୀ ଜଣେ ଶିକ୍ଷକ ନିଯୁକ୍ତି କରିଥିଲେ । ଏବେ ସେ ଦାୟିତ୍ୱ ନେବାପରେ ଛାତ୍ର ଛାତ୍ରୀ ମାନଙ୍କର ମାତୃଭାଷା ଶିକ୍ଷାରେ ଡୋରି ବନ୍ଧା ହୋଇଛି । ତୁରନ୍ତ ଏହି ବିଦ୍ୟାଳୟ କୁ ଜଣେ ସ୍ଥାୟୀ ଶିକ୍ଷକ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ମାନେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଓ କାକଟପୁର ବ୍ଲକ ଶିକ୍ଷାଧିକାରୀ ଙ୍କ ନିକଟରେ ଦାବି କରିଛନ୍ତି ।

# ବେଆଇନି ପଥର ଖନନ : କୋର୍ଟ ପରିସରରୁ ୧ ଗିରଫ

ଦଶପଲ୍ଲା, (ସ୍ବ୍ୟୁ): ବେ ଆଇନି ପଥର ଖନନ ଅଭିଯୋଗ ରେ ପୂର୍ବରୁ ପୋଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ଦିନ କୋର୍ଟ କାର୍ଯ୍ୟରେ କୋର୍ଟ କୁ ଆସିଥିବା ବେଳେ ପୋଲିସ ଅନ୍ୟ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ଙ୍କ ନାଁ ସୁରେଶ ରାଉତ ଓ ତାଙ୍କ ଘର ପୋଇବାଡି ଗ୍ରାମରେ ବୋଲି ପୋଲିସ ସୂତ୍ର ରୁ ଜଣାପଡିଛି । ସୂଚନା ଯୋଗ୍ୟଯେ , ରାଜ୍ୟ ସରକାର ବେଆଇନି ଖଣି ଉପରେ ଚଢ଼ାଉ ପାଇଁ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ଦଶପଲ୍ଲା ପୋଲିସ ପକ୍ଷରୁ ଦଶପଲ୍ଲାର ବିଭିନ୍ନ ପଥର ଖଣି ଉପରେ ନଜର ରଖାଯାଇଥିବା ବେଳେ ୯ ତାରିଖ ଦିନ ପୋଲିସ ପକ୍ଷରୁ ପଙ୍କାଳ ସାହି ସ୍ଥିତ ପଥର ଖଣି ଉପରେ ଚଢ଼ାଉ କରାଯାଇଥିଲା ।ଏହି ଚଢ଼ାଉ ସମୟ ରେ ପଙ୍କାଳ ସାହି ପଥର ଖଣିରୁ ବେଆଇନି ପଥର ଖନନ କରୁଥିବା ଆନ୍ଧ୍ରପ୍ରଦେଶ ଅନନ୍ତପୁର ଥାନା ଅନନ୍ତପୁର ଗ୍ରାମର ଡି.ଅନକାନା(୨୬),ସ୍ଥାନୀୟ ଅନ୍ଧାର କୋଟ ଗ୍ରାମର ସୁରେଶ ଯାନୀ(୩୫) ଓ ସାକେନି ଗ୍ରାମର ନାରାୟଣ ବାରିକ କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପରେ ପଥର ମାଫିଆ ଲଲିପି ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଚଢ଼ାଉ ସମୟ ରେ ପୋଲିସ ବେ ଆଇନି ପଥର ଖନନ ରେ ବ୍ୟବହୃତ ଦୁଇଟି କଂପ୍ରେସର ମେସିନ ,ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟ୍ରକ ଜବତ କରିଛି ।

# ଲଙ୍କାପୋଡି ଯାତ୍ରାକୁ ମିଳିବ ସରକାରୀ ସ୍ୱୀକୃତି




ଦଶପଲ୍ଲା ,(ସବ୍ୟୁ) : ଶେଷ ହୋଇଛି ଚଳିତ ଲଙ୍କାପୋଡି ଲଙ୍କାପୋଡି ଯାତ୍ରା ର ମୂଖ୍ୟ ପର୍ବ ରାବଣ ବଦ୍ଧ ଉତ୍ସବ । ଏହି ଉତ୍ସବ ରେ ଅତିଥି ଭାବେ ରାଜ୍ୟ ବିଧାନସଭା ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର, ଉଚ୍ଚ ଶିକ୍ଷା ବିଭାଗ ଓ କଳା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ,ବିଧାୟକ ଉମାଚରଣ ମଲ୍ଲିକ,ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ , ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ଲଙ୍କାପୋଡି ଯାତ୍ରା କମିଟି ପକ୍ଷରୁ ସ୍ୱାଗତ କରାଯିବା ସହ ଦଶପଲ୍ଲା ର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ଙ୍କୁ ଦର୍ଶନ କରିଥିଲେ। ବାଚସ୍ପତି ଶ୍ରୀମତି ପାଢ଼ୀ ଓ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ଓ ସମସ୍ତ ଅତିଥି ବୃନ୍ଦ ଛ ପରେ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ରେ ଅତିଥି ମାନଙ୍କୁ ମହାବୀର ମନ୍ଦିର ଠାରୁ ମହାବୀର କ୍ଷେତ୍ର କୁଞ୍ଜବନ କଳା ଗ୍ରାମ ଗେଟ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ସେଠାରେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗେଟ ଉପରେ ନିର୍ମିତ ୧୬ ଫୁଟ ଉଚ୍ଚତା ବିଶିଷ୍ଟ ହନୁମାନ ଙ୍କ ପ୍ରତିମୂର୍ତ୍ତି କୁ ଅନାବରଣ କରିଥିଲେ । ପରେ ଅତିଥି ମାନଙ୍କୁ ମହୋତ୍ସବ ମଞ୍ଚକୁ ପାଛୋଟି ନିଆଯାଇଥିବା ବେଳେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଛ ଯାତ୍ରା କମିଟି ସଭାପତି ତଥା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଶପଲ୍ଲାର ଐତିହାସିକ ଲଙ୍କା ପୋଡି ଯାତ୍ରାକୁ ଖୁବ ଶୀଘ୍ର ସରକାରୀ ମାନ୍ୟତା ପ୍ରଦାନ ସହ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଉଦଘାଟକ ବାଚସ୍ପତି ଶ୍ରୀମତି ପାଢ଼ୀ ଓ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୂର୍ଯ୍ୟମଣି ସୁରଜ ପ୍ରତିଶୃତି ଦେଇଥିଲେ ।ଏହାସହ ବାଚସ୍ପତି ଶ୍ରୀମତି ପାଢ଼ୀ ବିକାଶ କ୍ଷେତ୍ର ରେ ବୃତଙ୍ଗ ଜଳସେଚନ କଥା ପ୍ରକାଶ କରିଥିବା ବେଳେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଦଶପଲ୍ଲା ର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ଙ୍କୁ ଦେଖି ମୁଁ ଅଭିଭୂତ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ପ୍ରକାଶ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ବୌଦ୍ଧ ଜିଲ୍ଲା ଓ ଦଶପଲ୍ଲା କୁ ମିଶାଇ ଏକ ଆଧାତ୍ମିକ ଟୁରିଜିମ କରାଯାଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ସଭାରେ କମିଟି ସମ୍ପାଦକ ସୂର୍ଯ୍ୟମଣି ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ , ମହୋତ୍ସବ କମିଟି ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ପ୍ରଦୋଷ କୁମାର ଜେନା ମଞ୍ଚସୀନ ଥିବା ବେଳେ ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ଓ ଆଇନିଜୀବୀ ଦିଲ୍ଲୀପ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ବିଧାୟକଙ୍କ ଦ୍ୱାରା ସୁବିଧା କେନ୍ଦ୍ର ଉଦ୍‌ଘାଟିତ



କଣ୍ଟାପଡ଼ା, (ସବୁ) : କଣ୍ଟାପଡ଼ା ପଞ୍ଚାୟତ କାର୍ଯାଳୟରେ ନବ ନିର୍ମିତ ସୁବିଧା କେନ୍ଦ୍ରକୁ ବିଧାୟକ ଇଂ.ଛବି ମଲିକ ଉଦଘାଟନ କରିଛନ୍ତି। ଏହି କେନ୍ଦ୍ର ସ୍ଥାପନ ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ବିଧବା, ବୃଦ୍ଧ, ବୃଦ୍ଧା ଏବଂ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରିବେ। ଏଠାରେ ସେମାନଙ୍କ ବସିବା ଓ ବିଶ୍ରାମ ପାଇଁ ସୁବିଧା କରାଯିବା ସହିତ ଥଣ୍ଡା ପାନୀୟ ଜଳର ମଧ ବ୍ୟବସ୍ଥା ରହିଛି। କଣ୍ଟାପଡ଼ା ବ୍ଲକର ଏହି ଅଗ୍ରଣୀ ପଞ୍ଚାୟତରେ ଭତ୍ତାଧାରୀ ଓ ଅନାନ କାର୍ଯ୍ୟରେ ପଞ୍ଚାୟତ କାର୍ଯାଳୟକୁ ଆସୁଥିବା ଲୋକମାନେ ଏପରି ସୁବିଧା କେନ୍ଦ୍ର ପାଇ ଖୁସି ବ୍ୟକ୍ତ କରିଛନ୍ତି। ଆଜିର ଏହି ଉଦଘାଟନ କାର୍ଯକ୍ରମ ଅବସରରେ ଉପସ୍ଥିତ ଥିବା କେତେକ ବୃଦ୍ଧ ବୃଦ୍ଧାଙ୍କୁ ଥଣ୍ଡା ପାନୀୟ ଓ ଶୁଖିଲା ଖାଦ୍ୟ ବଣ୍ଟନ ହୋଇଥିଲା। ଅନ୍ୟମାନଙ୍କ ମଧରେ ସରପଞ୍ଚ ନିର୍ମଳକୁମାର ସାହୁ, ସମିତି ସଭ ପବିତ୍ର ମୋହନ ସ୍ୱାଇଁ, ଯୁବ ସଂଗଠକ ବିପିନ ବେହେରା ଏବଂ ବହୁ ସଂଖ୍ୟକ ଦଳୀୟ କର୍ମୀ ତଥା ସମର୍ଥକ ଯୋଗଦେଇଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୪/୨୩)
–କ୍ଷେତ୍ର–ଗୁଣତ୍ରୟ ବିଭାଗଯୋଗଃ–
(ଶ୍ରୀଭଗବାନୁବାଚ )

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ।।୨୩।।**

ଯେଉଁ ବ୍ୟକ୍ତି ଉଦାସୀନ ପରି ଅବସ୍ଥାନ କରେ, ଗୁଣକାର୍ଯ୍ୟ ଦ୍ୱାରା ବିଚଳିତ ହୁଏ ନାହିଁ, ବରଂ ସତ୍ତ୍ୱାଦିଗୁଣ ସବୁ ନିଜ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି–ଏହିପରି ମନେକରି ଯେ ଅବସ୍ଥାନ କରେ ଏବଂ କାହିଁରେ ବିଚଳିତ ହୁଏ ନାହିଁ, ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି ।।୨୩।।

# ଦୁର୍ଦ୍ଦଶାରେ ପାକିସ୍ତାନ

**ସମ୍ପାଦକୀୟ**

ପହଲଗାମର ନରସଂହାର ପରେ ଆତଙ୍କବାଦର ଏନ୍ତୁଡ଼ିଶାଳ ଭାବେ ପରିଚିତ ପାକିସ୍ତାନର ଦୁର୍ଦ୍ଦଶା ବଢ଼ି ଚାଲିବ, ଏଥିରେ ସନ୍ଦେହ ନାହିଁ । ଗତ ଏପ୍ରିଲ ୨୨ (୨୦୨୫)ରେ ନୀରିହ ପର୍ଯ୍ୟଟକଙ୍କୁ କେଉଁ ଧର୍ମାବଲମ୍ବୀ ବୋଲି ପଚାରି ଗୁଳି କରି ହତ୍ୟା କରିବା ଘଟଣାରେ ସମଗ୍ର ବିଶ୍ୱରେ ପାକିସ୍ତାନ ନିନ୍ଦିତ ହୋଇଛନ୍ତି । ଗୁରୁବାର ନୂଆଦିଲ୍ଲୀରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଯେଉଁ ସର୍ବଦଳୀୟ ସଭା ଅନୁଷ୍ଠିତ ହୋଇଥିଲା, ଭାରତର ନିରାପତ୍ତା ତ୍ରୁଟିବିଚ୍ୟୁତିକୁ ସରକାର ସ୍ୱୀକାର କରିଥିଲେ ମଧ୍ୟ ଆତଙ୍କବାଦୀଙ୍କର ଏପରି ବର୍ବରୋଚିତ ହତ୍ୟାକାଣ୍ଡରେ ବିରୋଧୀଦଳ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଆତଙ୍କବାଦୀଙ୍କ ବିରୋଧରେ ସରକାରଙ୍କର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ସମର୍ଥନ କରିଛନ୍ତି ।

ବିରୋଧୀ ଦଳ ଓ ସରକାରଙ୍କ ମଧ୍ୟରେ ଦେଶର ସୁରକ୍ଷା ପାଇଁ ଏପରି ମିଳିତ ପଦକ୍ଷେପ ନିଶ୍ଚିତ ଭାବେ ଫଳପ୍ରଦ ହୋଇ ପାରିବ ଏବଂ ଆତଙ୍କବାଦୀଙ୍କୁ ଜନ୍ମ ଦେଉଥିବା ପାକିସ୍ତାନକୁ ଏହାର ପରିଣାମ ଭୋଗ କରିବାକୁ ପଡିବ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦୀଙ୍କୁ ସମୂଳେ ନିପାତ କରିବାକୁ ବିହାରର ରାଜଧାନୀ ପାଟଣାରେ ଯେପରି ଆହ୍ୱାନ ଦେଇଛନ୍ତି । ଆତଙ୍କବାଦୀ ଦେଶ ପାକିସ୍ତାନର ଦୁର୍ଦ୍ଦଶାକୁ ଯେ ଦ୍ୱିଗୁଣିତ କରିବ, ଏଥିରେ ସନ୍ଦେହ ନାହିଁ ।

ଏକ ସମୟରେ ଭାରତ ଓ ପାକିସ୍ତାନ ଜନ୍ମ ହୋଇଥିଲେ ମଧ୍ୟ ଭାରତ ଶାନ୍ତିର ମାର୍ଗ ଅନୁସରଣ କରି ଏବେ ବିଶ୍ୱରେ ଆପଣାର ମର୍ଯ୍ୟାଦା ଓ ସୁନାମ ବଢାଇ ଚାଲିଛି । ଗତ କରୋନା ମହାମାରୀ ସମୟରେ ଭାରତବାସୀଙ୍କ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରକୁ ଟୀକା ଓ ଔଷଧ ବିତରଣ କରି ଭାରତ ସେମାନଙ୍କର ବିଶ୍ୱାସଭାଜନ ହୋଇପାରିଛି । ବିଶ୍ୱର ଅନ୍ୟାନ୍ୟ ଇସଲାମିକ ରାଷ୍ଟ୍ରମାନେ ଭାରତକୁ ଭଲ ପାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହିତ ସୁସମ୍ପର୍କ ରଖିଛନ୍ତି । ମାତ୍ର ପାକିସ୍ତାନରେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିଛି । ସାମରିକ ଶାସକମାନେ ସେଠାରେ ଅଧିକାଂଶ ସମୟରେ ଶାସନ କ୍ଷମତା ହାତକୁ ନେଇଛନ୍ତି ପୁଣି ଅପକର୍ମ କରି ଅଦାଲତଙ୍କ ଦ୍ୱାରା ଦଣ୍ଡିତ ହୋଇ ଜେଲ୍ ମଧ୍ୟ ଯାଇଛନ୍ତି କିମ୍ବା ଲଣ୍ଡନ ଓ ଆମେରିକାରେ ଆତ୍ମଗୋପନ କରି ରହି ଆସିଛନ୍ତି । ସେମାନଙ୍କର ଆର୍ଥିକ ଅବସ୍ଥା ବି ଭଲ ନାହିଁ । ଏପରି ସମୟରେ ଧର୍ମ ନାମରେ ଆତଙ୍କବାଦକୁ ପ୍ରଶ୍ରୟ ଦେବା ପାକିସ୍ତାନର ମତିଭ୍ରମ ହୋଇଛି ବୋଲି କୁହାଯାଇ ପାରେ ।

ପାକିସ୍ତାନ ଲୋକଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ି ଚାଲିଯିବା ଲାଗି ଗତ ବୁଧବାର ଭାରତ ସରକାର ଆଦେଶ ଦେଇ ସେମାନଙ୍କର ଭିସା ବାତିଲ କରିବା, ନୂଆଦିଲ୍ଲୀର ପାକିସ୍ତାନ ଦୂତାବାସରୁ ଅଦରକାରୀ କର୍ମଚାରୀଙ୍କୁ ତଡ଼ିଦେବା, ପାକିସ୍ତାନରୁ ତିନି ସେନାର ପରାମର୍ଶଦାତାଙ୍କୁ ପ୍ରତ୍ୟାହାର କରିବା, ଅଟାରୀ–ୱାଘା ଚେକ୍ ପୋଷ୍ଟକୁ ବନ୍ଦ କରିଦେବା, ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପରି କଠୋର ପଦକ୍ଷେପ ଭାରତ ନେଇଛି । ଏହାଦ୍ୱାରା ଭାରତ ନୁହେଁ, ପାକିସ୍ତାନ ହିଁ ହଇରାଣ ହେବ ।

ଅପର ପକ୍ଷରେ, ପାକିସ୍ତାନ 'ସିମଳା ଚୁକ୍ତି'କୁ ବାତିଲ କରିବା ଏକ ଗୌଣ ପଦକ୍ଷେପ ବୋଲି ମନେହୁଏ । ୧୯୭୨ ମସିହା ଜୁଲାଇ ୨ ତାରିକରେ ଉଭୟ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରକ୍ଷା ପାଇଁ ଯେଉଁ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ତାହାର କୌଣସି ମୂଲ୍ୟ ନାହିଁ । ଏହି ଚୁକ୍ତିରେ ସ୍ୱାକ୍ଷର କରିଥିବା ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନର ରାଷ୍ଟ୍ରପତି ଜୁଲଫିକର ଅଲ୍ଲୀ ଭୁଟୋ ଏବେ ଆଉ ନାହାନ୍ତି, କିନ୍ତୁ ପାକିସ୍ତାନ ହିଁ ଏହି ଚୁକ୍ତିକୁ ସବୁବେଳେ ଉଲ୍ଲଂଘନ କରି ଆସିଛି । ଏହି ଚୁକ୍ତି ଅନୁଯାୟୀ ଉଭୟ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା ଦୃଷ୍ଟିରୁ ଉଭୟ ଦେଶ ପରସ୍ପର ମଧ୍ୟରେ ଝଗଡ଼ା କି ମୁକାବିଲା କରିବେ ନାହିଁ । ଏହି ଚୁକ୍ତିରେ ବାଙ୍ଗଲାଦେଶକୁ ପାକିସ୍ତାନ ସ୍ୱୀକୃତି ଦେଇଥିଲା ଏବଂ ଉଭୟ ଦେଶ ମଧ୍ୟରେ ଥିବା ମତଭେଦରେ ଅନ୍ୟ କୌଣସି ତୃତୀୟ ପକ୍ଷ ପ୍ରବେଶ କରିବେ ନାହିଁ ବୋଲି ମଧ୍ୟ ଉଲ୍ଲେଖ କରା ଯାଇଥିଲା ।

ପାକିସ୍ତାନ ଆକାଶ ପଥରେ ଯିବାକୁ ଭାରତକୁ ବାରଣ କଲେ ଆର୍ଥିକ ଦୃଷ୍ଟିରୁ ପାକିସ୍ତାନ ବେଶ୍ କ୍ଷତିଗ୍ରସ୍ତ ହେବ, ଏଥିରେ ସନ୍ଦେହ ନାହିଁ ।

ସିନ୍ଧୁ ଜଳଚୁକ୍ତିକୁ ସ୍ଥଗିତ ରଖିବାପାଇଁ ଭାରତ ଯେପରି ଏହି ଆତଙ୍କବାଦୀ ଆକ୍ରମଣ ପରେ କଠୋର ପଦକ୍ଷେପ ନେଇଛି, ତଦ୍ଦ୍ୱାରା ପାକିସ୍ତାନ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବ ।

ଦେଶର ଏହି ବିପତ୍ତି ସମୟରେ ଭାରତର ସମସ୍ତ ବିରୋଧୀ ଦଳ ସରକାରଙ୍କ ସହ ଏକଜୁଟ ହୋଇ ପାକିସ୍ତାନ ବିରୋଧରେ ପଦକ୍ଷେପ ନେବା ଲାଗି ସମ୍ମତି ଜଣାଇବା ଭାରତ ପାଇଁ ନିଶ୍ଚୟ ଏକ ଶୁଭ ଲକ୍ଷଣ ।

## ସଙ୍କଳ୍ପ

**ମିଶୁ ମୋର ଦେହ**
**ଏ ଦେଶ ମାଟିରେ,**
**ଦେଶବାସୀ**
**ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ**
**ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି**
**ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**


# ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ

ରାଜ କିଶୋର ପାଣିଗ୍ରାହୀ



ଆ ।ଜି ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବିନ୍ଧାଣୀ, ଚୀର ସ୍ମରଣୀୟ ତଥା ଚିର ବନ୍ଦନୀୟ, ପୁଣ୍ୟଶ୍ଳୋକ, ପୁଣ୍ୟାତ୍ମା ଉତ୍କଳ ପୁରୁଷ ମହାରାଜା ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ । ଇଂରେଜମାନଙ୍କ ସହ ଲଢ଼ି ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ପରିଚିତ ଏହି ମହାପୁରୁଷ ଜଣକ ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ରୂପେ ୧୮୯୨ ମସିହା ଇଂରାଜୀ ମାସ ଏପ୍ରିଲ୍ ୨୬ ତଥା ବୈଶାଖ ଅମାବାସ୍ୟାରେ ପାରଳାଖେମୁଣ୍ଡି ଠାରେ ହିଁ ଜନ୍ମଗ୍ରହଣ କରିଥିଲେ । ମହାରାଜାଙ୍କ ବାଲ୍ୟ ଶିକ୍ଷାଗୁରୁ ଥିଲେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ । ପ୍ରାଥମିକ ଶିକ୍ଷା ସମାପ୍ତ ପରେ ମହାରାଜା ଉଚ୍ଚଶିକ୍ଷା ଲାଗି ମାନ୍ଦ୍ରାଜର ନ୍ୟୁଇଂଟନ ଆବାସିକ ମହାବିଦ୍ୟାଳୟକୁ ଯାତ୍ରା କଲେ ଯେଉଁଠି ମରିସନ୍ ସାହେବ ଅଭିଭାବକ ଟ୍ୟୁଟର ଥିଲେ ଓ ମିଷ୍ଟର ଡେଲା ହୈ ମଧ୍ୟ କୃଷ୍ଣଚନ୍ଦ୍ରଙ୍କର ଅନ୍ୟଏକ ଟ୍ୟୁଟର ଥିଲେ । ନ୍ୟୁଇଂଟନ କଲେଜରୁ ପାଠପଢ଼ା ଶେଷପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶ ଅର୍ଥାତ୍ ନିଜରାଜ୍ୟ ପାରଳାଖେମୁଣ୍ଡିକୁ ପ୍ରତ୍ୟାବର୍ତ୍ତନ କରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିବା ସହ ରାଜ୍ୟ ଶାସନ ଭାର ବି ଗ୍ରହଣ କରିଥିଲେ । ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ, ଇତିହାସରେ ରାଜା, ମହାରାଜାଙ୍କ ଯେତିକି ଜୀବନୀ ଆମେ ଆମ ଶିକ୍ଷା କ୍ଷେତ୍ରରେ ଭେଟି ଆସିଛେ ଅଧିକାଂଶ ରାଜା ମହାରାଜାଙ୍କ ଜୀବନୀ କେତେ ବିଳାସପୂର୍ଣ୍ଣ ଥିଲା ଏବଂ ପ୍ରଜାଙ୍କ ମଙ୍ଗଳ ବିଷୟରେ ଥରେ ବି ଚିନ୍ତା ନ କରି ପ୍ରଜାଙ୍କ ଠାରୁ ଆଦାୟ ଅର୍ଥରେ କେମିତି ଅତିରୁ ଅତ୍ୟଧିକ ଭୋଗ ବିଳାସରେ ଜୀବନ ବିତେଇ ହେବ ସେଥିପ୍ରତି ସେମାନେ ଚିନ୍ତିତ ଥିଲେ । ତେବେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଜୀବନ କେବଳ ଆମ ଓଡ଼ିଶା ରାଜ୍ୟ ପାଇଁ କେତେ ପରିମାଣର ଉତ୍ସର୍ଗୀକୃତ ଥିଲା ତାହାର ଏକ ହିସାବ ନିମ୍ନରେ ପ୍ରଦତ୍ତ ଆଲେଖ୍ୟକୁ ପାଠ କଲେ ଆମ ଆଗାମୀ ପିଢ଼ିଙ୍କ ପାଇଁ ତାହା ପ୍ରେରଣାପ୍ରଦ ହୋଇପାରିବ ।

କଲେଜରେ ପଢ଼ିଲାବେଳେ କିଶୋର କୃଷ୍ଣଚନ୍ଦ୍ର ସର୍ବଦା ପାରଳାଖେମୁଣ୍ଡି ଏବଂ ଓଡ଼ିଆ ଜାତିର ଉନ୍ନତି ବିଷୟରେ ଚିନ୍ତା କରୁଥିଲେ । ଏଣେ କୋର୍ଟ ଅଫ ବର୍ଡ଼ସଙ୍କ ପ୍ରରୋଚନାରେ କୃଷ୍ଣଚନ୍ଦ୍ରଙ୍କର ପିତୃବ୍ୟ ପଦ୍ମନାଭ ଗଜପତି ପାରଳାଖେମୁଣ୍ଡିରେ ପ୍ରତିଷ୍ଠା କରିଥିବା ମହାବିଦ୍ୟାଳୟକୁ ଖର୍ଚ୍ଚ କାଟ କରିବା ଆଳରେ ଉଠାଇଦେବାକୁ ମସୁଧା କରିବା ଜାଣି କୃଷ୍ଣଚନ୍ଦ୍ର ଏହାର ଘୋର ବିରୋଧ କରିଥିଲେ । ଫଳରେ ସେହି କଲେଜ ନ ଉଠି ରହିଗଲା । ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟରେ ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ସେ ଦାନ କରିଥିଲେ । ଏହି ଅର୍ଥ ପାଇବା ପରେ ଗୋପବନ୍ଧୁ ଦାସ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା' ଛଡ଼ା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ । ତାଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମଧୁସୂଦନ ଦାସଙ୍କ ନାରୀଶିକ୍ଷା ପ୍ରତି ଗୁରୁତ୍ୱ ଦେଇ କୃଷ୍ଣଚନ୍ଦ୍ର ପାରଳାଖେମୁଣ୍ଡିରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ପ୍ରତିବର୍ଷ ପାଠପଢ଼ାରେ ଭଲ କରୁଥିବା ଝିଅମାନଙ୍କୁ ସୁନା ଓ ରୂପା ଗହଣା ସହିତ ଶାଢ଼ୀ ପୁରସ୍କାର ଦେଉଥିଲେ ।



ସେ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧୀନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତି ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ । ତଦନୁସାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କାର୍ଯ୍ୟ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡିଠାରେ ୧୯୧୨ରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଥିଲେ, ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବା ପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । କୃଷ୍ଣଚନ୍ଦ୍ରଙ୍କର ଏଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟେଷ୍ଠ ନେତା ମଧୁବାବୁଙ୍କୁ ମଧ୍ୟ ଚକିତ କରି ଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସେ ତିନିଥର ଲଣ୍ଡନ ଯାଇଥିଲେ । ଶୁଣାଯାଏ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଉତ୍କଳ ଗଠନ ନେଇ ବାରମ୍ବାର ଲଣ୍ଡନ ଯିବାଫଳରେ ସେ ଅର୍ଥନୈତିକ ଚାପରେ ପଡ଼ି ରାଜପ୍ରାସାଦର ବହୁ ମୂଲ୍ୟବାନ ଅଳଙ୍କାର ପ୍ରଜାଙ୍କ ମଙ୍ଗଳ ପାଇଁ ବିକ୍ରି କରିଥିଲେ ।

ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା – ପାରଳାଖେମୁଣ୍ଡି ରେଳପଥକୁ ଗୁଣପୁର ଯାଏଁ ସମ୍ପ୍ରସାରିତ କରିଥିଲେ । କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳ ସେଚନର ସୁବିଧା ପାଇଁ ୭ ଗୋଟି ସାଗର ଖୋଳେଇ ଜଳସେଚନର ପ୍ରକୃଷ୍ଟ ବ୍ୟବସ୍ଥା ଚାଷୀଭାଇମାନଙ୍କ ପାଇଁ କରିଥିଲେ ।

ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରିଥିଲେ । ମହାରାଜାଙ୍କ ମନ୍ତ୍ରିତ୍ୱ ଥିବାଯାଏଁ ତାଙ୍କର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳ ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ପଞ୍ଚମ ଖଣ୍ଡର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିର ପ୍ରସିଦ୍ଧ । ଯାହାକି ସହରର ଅବସ୍ଥିତ ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେହୁଏ ।

ମହାରାଜା ପାରଳାଖେମୁଣ୍ଡି ସହରରେ ପ୍ରତିଷ୍ଠା କରିଥିଲେ ଏକ ଶିଳ୍ପଶିକ୍ଷା କେନ୍ଦ୍ର । ଏହା ଦ୍ୱାରା ଅନେକ ଯୁବକ ବୃତ୍ତି ଭିତ୍ତିକ ଶିକ୍ଷାଲାଭ କରି ଉପାର୍ଜନକ୍ଷମ ହୋଇପାରୁଥିଲେ । ଗୋଟିଏ ତନ୍ତବସ୍ତ୍ର ଉତ୍ପାଦନ କେନ୍ଦ୍ର, ଗୋଟିଏ ଶିଙ୍ଗଶିଳ୍ପ ଶାଳା, ଗୋଟିଏ କାଷ୍ଠଶିଳ୍ପ ଶାଳା ଓ ଗଜପତି ନାମରେ ଗୋଟିଏ ଇସ୍ପାତ କାରଖାନା, ଗୋଟିଏ ଧାନ ତଥା ତେଲକଳ ମଧ୍ୟ ମହାରାଜା ପ୍ରତିଷ୍ଠା କରିଥିଲେ ।

ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜତ୍ୱ ସମୟରେ ଏକ ଶବର ଶିକ୍ଷାନୁଷ୍ଠାନ ପାରଳାଖେମୁଣ୍ଡିରେ ପ୍ରତିଷ୍ଠିତ ଥିଲା । ଏଥିରେ କେବଳ ଶବର ସଂପ୍ରଦାୟର ପିଲାମାନଙ୍କୁ ଶଉରା ଓ ଓଡ଼ିଆ ଉଭୟ ଭାଷାଜ୍ଞାନ ଥିବା ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଥିଲା । **ମାତୃଭାଷାରେ ଶିକ୍ଷାଦେବା ବ୍ୟବସ୍ଥା, ଯାହା ଉପରେ ବର୍ତ୍ତମାନ ଜୋର ଦିଆଯାଉଛି ମହାରାଜାଙ୍କ ଅମଳରେ ତାହା ପାରଳାଖେମୁଣ୍ଡିରେ କାର୍ଯ୍ୟକାରୀ ହେଉଥିଲା ।**

ମହାରାଜା ଥିଲେ ମହାନ୍ ସାହିତ୍ୟାନୁରାଗୀ । ସେ ସାହିତ୍ୟର ପୃଷ୍ଠପୋଷକତା କରୁଥିଲେ । ବିଦ୍ୟାର୍ଥୀ ଓ ସାହିତ୍ୟିକମାନଙ୍କ ପାଇଁ ସେ ନିଜ ରାଜପ୍ରାସାଦରେ ପ୍ରତିଷ୍ଠା କରିଥିଲେ ଏକ ଉଚ୍ଚକୋଟୀର ଗ୍ରନ୍ଥାଗାର । ଏହି ଗ୍ରନ୍ଥାଗାରର ସମସ୍ତ ବହି ସେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟକୁ ଦାନ କରିଦେଇଥିଲେ ।

ଏହା ସହିତ ସେ ଉତ୍କଳ ସମ୍ମିଳନୀ ଓଡ଼ିଶା, ରୟାଲ ଏଗ୍ରିକଲଚରାଲ କମିଶନ, ଜଷ୍ଟିସ ପାର୍ଟି, ମାନ୍ଦ୍ରାଜ, ରୟାଲ ସୋସାଇଟି ଅଫ ଆର୍ଟସ ଓ ରୟାଲ ଏସିଆଟିକ ସୋସାଇଟି, ଲଣ୍ଡନ, ଭାରତୀୟ ସମ୍ବିଧାନ ସଭା (୧୯୪୭ରୁ ୧୯୫୦) ଓ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ ମଧ୍ୟ ଥିଲେ ।

୧୯୩୨ରେ ତାଙ୍କୁ ଓଡ଼ିଶା ସରକାର ମହାରାଜା ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେସିଆଇ ଉପାଧି ମଧ୍ୟ ଦେଇଥିଲେ । ପରବର୍ତ୍ତୀ ସମୟରେ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ୧୯୯୨ରେ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ପାରଳାଖେମୁଣ୍ଡି ମହାରାଜାଙ୍କ ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହେଲା । ସ୍ୱାଧୀନତା ପରବର୍ତ୍ତୀ କାଳରେ ୧୯୫୪ ମସିହାରେ ସେ ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରୂପେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ପ୍ରତ୍ୟକ୍ଷ ରାଜନୀତିରୁ ଅପସରି ଯାଇ କୃଷି ଓ ଶିଳ୍ପର ଉନ୍ନତି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

ଆଜି ତାଙ୍କ ଅବର୍ତ୍ତମାନରେ ମହାରାଜାଙ୍କ ଏହି କୀର୍ତ୍ତି ସବୁର ସ୍ମୃତିକୁ ଖାଲି ଯାହା ରୋମନ୍ଥନ କରିବା କଥା । ଓଡ଼ିଶାର ଅସ୍ତିତ୍ୱ ବଞ୍ଚି ରହିପାରିଛି, କେବଳ ସେହି ଦୂରଦ୍ରଷ୍ଟା କୃଷ୍ଣଚନ୍ଦ୍ର ଗଜପତିଙ୍କ ଲାଗି । ପାରଳା ମହାରାଜାଙ୍କ ଅବଦାନ ଓଡ଼ିଶାର ପ୍ରତିଟି ଅଂଚଳ, ପ୍ରତିଟି ବିଷୟରେ ରହିଛି । ନିଜ ଅସ୍ମିତାକୁ ଜଣେ ଦୂରଦ୍ରଷ୍ଟା ବିବେକବାନ ହିଁ ମୁଖ୍ୟସ୍ରୋତକୁ ଆଣିବାରେ ସଫଳ ବିନ୍ଧାଣୀ ହୋଇପାରିଛନ୍ତି, ସେ ହେଲେ ପାରଳା ମହାରାଜା । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ଜଳସେଚନ, ରାଜସ୍ୱ ଏବଂ ସର୍ବୋପରି ପ୍ରଶାସନିକ ଜ୍ଞାନର ଜଣେ ଧୂରୀଣ ପଣ୍ଡିତ ସେ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାରାଜାଙ୍କ ଆହୁରି ଅନେକ ଅବଦାନକୁ ଏ ଜାତି ସ୍ୱୀକୃତି ଦେଇନାହିଁ । ଅନ୍ତତଃପକ୍ଷେ ସ୍କୁଲ ଓ କଲେଜ ପାଠ୍ୟଖସଡ଼ାରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ବୃତ୍ତାନ୍ତ ବ୍ୟାପକ ଭାବେ ସ୍ଥାନିତ କରାଯିବା ପାଇଁ ସରକାର ଯତ୍ନବାନ ହେବା ଉଚିତ । ଏହା ହିଁ ଆଜିର ଜନ୍ମଦିନ ଅବସରରେ ଆମର କାମନା ।

**ସତ୍ୟଭାମା, ଗଣ୍ଡମୁଣ୍ଡା, ଭୁବନେଶ୍ୱର**

# ବିବାଦୀୟ ସିନ୍ଧୁ ଜଳ ଚୁକ୍ତି

ଡକ୍ଟର ଲକ୍ଷ୍ମଣ ସାହୁ

ଜାମ୍ମୁ କାଶ୍ମୀରରେ ପହଲଗାମ ଆକ୍ରମଣର ତୁରନ୍ତ ପରେ ଭାରତ ପାକିସ୍ତାନ ଉପରେ ନିଜର ଆଭିମୁଖ୍ୟକୁ କଡାକଡି କରିଛି । ୧୯୬୦ ମସିହାରୁ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖାଯାଇଛି ଏବେ । ୧୯୬୦ ଠାରୁ ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ଭାରତ ଏହାର ସମ୍ପୂର୍ଣ୍ଣ ଅଂଶକୁ ବ୍ୟବହାର କରିବାରେ ସକ୍ଷମ ନୁହେଁ । କାରଣ ଯେତେବେଳେ ବି ଭାରତ ଜଳର ଅଂଶକୁ ବ୍ୟବହାର କରିବାକୁ ଚେଷ୍ଟା କରେ, ସେତେବେଳେ ପାକିସ୍ତାନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ । ୨୦୧୫ ମସିହାରେ ପାକିସ୍ତାନ ଭାରତର କିଶଙ୍ଗଙ୍ଗା ଏବଂ ଜଳ ବିଦ୍ୟୁତ ପ୍ରକଳ୍ପ ଉପରେ ଦୃଢ ଆପତ୍ତି ଜଣାଇଥିଲା ଓ ଏହାକୁ ଆପତ୍ତିଜନକ କୋର୍ଟରେ ନେବାକୁ ପ୍ରସ୍ତାବ ଦେଇଥିଲା । ବର୍ତ୍ତମାନ ଭାରତର ଏକ ସ୍ପଷ୍ଟ ଆଭିମୁଖ୍ୟ ରହିଛି ଯେ ଯଦି ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନକରେ ତେବେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବ ।

ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ତାଲୁଜ, ବିସ୍ ଓ ରବି ନଦୀର ଜଳ ପାକିସ୍ତାନ ଯାଇଥିବାବେଳେ ଚେନାବ, ଜେଲୁମ୍ ଓ ସିନ୍ଧୁ ଜଳ ପାକିସ୍ତାନର ଏକ ଅଂଶ । ଏହି ନଦୀଗୁଡ଼ିକର ସମୁଦାୟ ୧୬.୮ କୋଟି ଏକ ଫୁଟ ଜଳ ମଧ୍ୟରୁ ଭାରତକୁ ଦିଆଯାଇଥିବା ତିନି ନଦୀରୁ ୩.୩ କୋଟି ଏକର କଟା ଜଳ ପାଇଥାଏ । ଯାହାକି ସମୁଦାୟ ଜଳର ୨୦ ପ୍ରତିଶତ ଅଟେ । ଭାରତ ଏହି ଜଳର ପ୍ରାୟତଃ ୩–୯୪ ପ୍ରତିଶତ ବ୍ୟବହାର କରେ ଓ ଏହାର ଅଧା ପାକିସ୍ତାନକୁ ପ୍ରବାହିତ ହୁଏ । ଜଳର ଅଂଶକୁ ଉପଯୋଗ କରିବା ପାଇଁ ଭାରତ ଖୁବ ଶୀଘ୍ର ପଞ୍ଜାବରେ ଶାହପୁର କାଳନ୍ଦୀ ଡ୍ୟାମ ପ୍ରକଳ୍ପ, ସୁତଲଜ–ବ୍ୟାସ୍‌ର ଦ୍ୱିତୀୟ ଲିଙ୍କ ପ୍ରୋଜେକ୍ଟ ଓ ଜାମ୍ମୁ କାଶ୍ମୀରରେ ପ୍ରସ୍ତାବିତ ଜାଜ ଡ୍ୟାମ ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛି । ଯଦି ଏହି ତିନୋଟି ପ୍ରକଳ୍ପ ସମାପ୍ତ ହୁଏ, ତେବେ ଭାରତ ଏହି ଜଳର ଅଂଶ ବ୍ୟବହାର କରିବା ଆରମ୍ଭ କରିବ ଓ ପାକିସ୍ତାନ ଏହାକୁ ବ୍ୟବହାର କରିବା ଆରମ୍ଭ କରିବାକୁ ହେଲେ ତାକୁ ଅତିରିକ୍ତ ଜଳ ପାଇବା କଷ୍ଟକର ହେବ । ଇଣ୍ଡସ୍ ହେଉଛି ବିଶ୍ୱର ବୃହତ୍ତମ ନଦୀ ମଧ୍ୟରୁ ଗୋଟିଏ ଓ ଏହାର ଲମ୍ବ ୩୦୦୦ କିଲୋମିଟରରୁ ଅଧିକ । ଜଳସେଚନ ତଥା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଜଳ ବ୍ୟବହାର କରିବା ପାଇଁ ପାକିସ୍ତାନ ଏହା ଉପରେ ଅନେକ ବନ୍ଧ ନିର୍ମାଣ କରିଛି ଯାହା ବହୁ ପରିମାଣରେ ବିଦ୍ୟୁତ ଉତ୍ପାଦନ କରିଥାଏ୨ । ପାକିସ୍ତାନର ୨୬ ନିୟୁତ ଏକର କୃଷି ଜମି ଜଳସେଚନ ଏହି ନଦୀଗୁଡ଼ିକର ଜଳ ଉପରେ ନିର୍ଭର କରେ । ସିନ୍ଧୁ ଜଳ ଚୁକ୍ତି ପାରସ୍ପରିକ ସଦ୍‌ଭାବନା, ଶୁଭେଚ୍ଛା ଉପରେ ଆଧାରିତ । ଏହି ଜଳ ଚୁକ୍ତି ଆଧୁନିକ ଜଗତର ଇତିହାସରେ ସବୁଠାରୁ ଉଦାର ଜଳ ବଣ୍ଟନ ଚୁକ୍ତି ବୋଲି କୁହାଯାଇଥାଏ । ଏହା କେବଳ ଭାରତର ଉଦାର ମନୋଭାବ ହେତୁ ସମ୍ଭବ ହୋଇଥିଲା । ଏହା ଜାଣିବା ଜରୁରୀ ଯେ ଭାରତ ଏବଂ ପାକିସ୍ଥାନ ମଧ୍ୟରେ ଥିବା ସିନ୍ଧୁ ଜଳ ଚୁକ୍ତିନାମା ୧୯୬୦ ସେପ୍ଟେମ୍ବର ୧୯ ରେ କେବଳ ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତା ଦ୍ୱାରା ଦିଆଯାଇଥିଲା ।

ସିନ୍ଧୁ ଜଳ ଚୁକ୍ତି ବୁଝିବା ପାଇଁ ଦୁଇଟି କଥା ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ । ଗୋଟିଏ, ରାଜନୈତିକ ବିଭାଜନକୁ ଦୃଷ୍ଟିରେ ରଖି ସିନ୍ଧୁ ନଦୀ ପ୍ରଣାଳୀ ପରିକଳ୍ପନା କରାଯାଇ ନାହିଁ । ସେଥିପାଇଁ ଭୌଗୋଳିକ ବିଭାଜନ ପରେ ପାକିସ୍ତାନକୁ ୧୮ ନିୟୁତ ଏକର ଜଳସେଚନ ଜମି ଏବଂ ଭାରତକୁ ୫ ନିୟୁତ ଏକର ଜଳସେଚନ ଜମି ମିଳିଥିଲା । ସେତେବେଳେ ଭାରତର ସିନ୍ଧୁ ନଦୀ ଅଞ୍ଚଳରେ ୨୦ ନିୟୁତ ଜନସଂଖ୍ୟା ଥିବାବେଳେ ପାକିସ୍ତାନର ଜନସଂଖ୍ୟା ୨୨ ନିୟୁତ ଥିଲା । ଦ୍ୱିତୀୟରେ, ଏହି ସିନ୍ଧୁ ନଦୀ ଅଞ୍ଚଳରେ ସମୁଦାୟ ସାତୋଟି ନଦୀ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରୁ ସିନ୍ଧୁ ସ୍ୱୟଂ ପଶ୍ଚିମ ଓ କାବୁଲ ଓ ଏହାର ପାଞ୍ଚଟି ଉପନଦୀ – ଯଥା ଜେଲୁମ୍, ଚେନାବ, ରବି, ସୁତଲେଜ୍ ଓ ବ୍ୟାସ୍ ପୂର୍ବରେ ଅବସ୍ଥିତ । ଏଥିମଧ୍ୟରୁ କାବୁଲ, ଇନ୍ଦୁ, ଜେଲମ୍ ଓ ଚେନାବ ବ୍ୟତୀତ ମୁଖ୍ୟତଃ ପାକିସ୍ତାନରେ ପ୍ରବାହିତ ହୁଏ । ସେମାନେ ସିନ୍ଧୁ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଜଳ ନେଇଯାଆନ୍ତି । ଅନ୍ୟ ପଟେ, ରବି ଓ ସୁତଲଜ ମୁଖ୍ୟତଃ ଓ ବ୍ୟାସ୍ ସମଗ୍ର ଭାରତରେ ପ୍ରବାହିତ ହେଉଛନ୍ତି ।

ଚୁକ୍ତିନାମା ଅନୁଯାୟୀ ଭାରତକୁ ଏହି ୬ଟି ନଦୀର ୮୦ ପ୍ରତିଶତ ଜଳ ପାକିସ୍ତାନକୁ ଦେବାକୁ ପଡିବ । କିନ୍ତୁ ଭାରତ ମାତ୍ର ୧୯.୪୮ ପ୍ରତିଶତ ଜଳ ପାଇବ । ସୂଚନାଯୋଗ୍ୟ ଯେ ପଞ୍ଜାବର ରାଜନୈତିକ ବିଭାଜନ ହେତୁ କେନାଲ ଜଳ ବିବାଦ ଉପୁଜିଥିଲା । ଏହି ବିବାଦ ୧୯୪୮ ଏପ୍ରିଲ ୧ରେ ହୋଇଥିଲା ଯେତେବେଳେ ଭାରତର ପଞ୍ଜାବ ପ୍ରଦେଶ ସରକାର ଜଳ ଦେୟ ନ ଦେଇ ପାକିସ୍ତାନ ଯାଉଥିବା ଜଳକୁ ବନ୍ଦ କରିଦେଇଥିଲେ । କିନ୍ତୁ ଏହାକୁ ଏକ ଆଇନଗତ ପ୍ରସଙ୍ଗ କରିବା ପରିବର୍ତ୍ତେ ଉଭୟ ସରକାର ୧୯୪୮ ମେ ୪ରେ ଦ୍ୱିପାକ୍ଷିକ ଉପାୟ ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିଥିଲେ । ଯାହା କେବଳ ଚୁକ୍ତିନାମା ଅନୁଯାୟୀ ସମାଧାନ ହୋଇଛି । କିନ୍ତୁ କିଛି ସମୟ ପରେ ପୁଣିଥରେ ବିବାଦ ଦେଖାଦେଇଥିଲା । ଭାରତ ଏହାକୁ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଉ ନାହିଁ ବୋଲି ପାକିସ୍ତାନ ଅଭିଯୋଗ କରିଛି । ଅନ୍ୟପକ୍ଷରେ ଭାରତ ପାକିସ୍ତାନର ପଞ୍ଜାବ ପ୍ରଦେଶର ବିକାଶ ପାଇଁ ଏହାର ସମ୍ବଳ ବ୍ୟବହାର କରୁଥିବା ଅଭିଯୋଗ କରିଛି ।

ଏଠାରେ ଜାଣିବା ଜରୁରୀ ହେଉଛି ଯେ ଏହି କେନାଲଗୁଡିକ ଅର୍ଥନୈତିକ ଦୃଷ୍ଟିକୋଣରୁ ନିର୍ମିତ ହୋଇଥିଲା ଯେଉଁ ସମୟରେ ଭାରତ ବିଭାଜନର ଧାରଣା କାହାର ମନରେ ନଥିଲା । କିନ୍ତୁ ଭାରତ ବିଭାଜନ ପରେ କେନାଲ ଜଳର ଅସନ୍ତୁଳିତ ବଣ୍ଟନ ସାମ୍ନାକୁ ଆସିଲା । ପଞ୍ଜାବର ପାଞ୍ଚଟି ନଦୀ ମଧ୍ୟରୁ ସତଲେଜ ଏବଂ ରବି ଦୁଇ ଦେଶର ମଧ୍ୟଭାଗ ଦେଇ ପ୍ରବାହିତ ହେଉଛି । ଜେଲୁମ୍ ଓ ଚେନାବ ପାକିସ୍ତାନର ମଧ୍ୟଭାଗ ଦେଇ ପ୍ରବାହିତ ହୁଏ । ବ୍ୟାସ୍ ସମ୍ପୂର୍ଣ୍ଣ ଭାରତରେ ପ୍ରବାହିତ ହୁଏ କିନ୍ତୁ ଭାରତ ବିଭାଜନ ପରେ ସେହି ତିନୋଟି ମୁଖ୍ୟାଳୟ ଭାରତ ଅଧୀନରେ ଆସିଥିଲା । ଯେଉଁଠାରୁ ଉଭୟ ଦେଶର କେନାଲକୁ ଜଳ ଯୋଗାଇ ଦିଆଯାଉଥିଲା । ପାକିସ୍ତାନର ପଞ୍ଜାବ ଓ ସିନ୍ଧୁ ପ୍ରଦେଶ ଜଳସେଚନ ପାଇଁ ଏହି କେନାଲ ଉପରେ ନିର୍ଭରଶୀଳ । ବିଭାଜନ ପରେ ପାକିସ୍ତାନ ମନରେ ଏକ ଭୟ ସୃଷ୍ଟି ହେଲା ଯେ ଭାରତ ଯେତେବେଳେ ଚାହିଁବ ଜଳ କାଟି ଏହାକୁ ଅନାହାରରେ ମାରି ଦେଇପାରେ । ତେଣୁ ବିଭାଜନ ପରେ ସେ କେନାଲ ଜଳକୁ ନେଇ ବିବାଦ ଆରମ୍ଭ କରିଥିଲେ ।

ଏହି ପରିପ୍ରେକ୍ଷୀରେ, ଆମେରିକାର ଜଣେ ବିଶିଷ୍ଟ ବିଶେଷଜ୍ଞ ଡେଭିଡ ଲିଲିଏଣ୍ଥାଲ ୧୯୫୧ ମସିହାରେ ଭାରତ ଗସ୍ତରେ ଯାଇ କହିଥିଲେ ଯେ ସିନ୍ଧୁ ଜଳର ୨୦ ପ୍ରତିଶତରୁ କମ୍ ଜଳ ବ୍ୟବହାର କରାଯାଇଛି । ଏପରିକି ଏହି ନଦୀର ଜଳସ୍ତର ଦେଇ ଯାଇଥିବା ୬ଟି ନଦୀରୁ ଏହି ଜଳ ଆରବ ସାଗରରେ ଯାଇ ପଡୁଛି । ତେଣୁ ଦୁଇ ଦେଶ ମଧ୍ୟରେ ବଢୁଥିବା ତିକ୍ତତାକୁ ଦୃଷ୍ଟିରେ ରଖି ସେ ଉଭୟଙ୍କୁ ପରାମର୍ଶ ଦେଇଛନ୍ତି । ଉଭୟ ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଏହି ସମସ୍ୟାକୁ ରାଜନୈତିକ ସ୍ତରରୁ ହଟାଇବା ଓ ବୈଷୟିକ ତଥା ବ୍ୟବସାୟ ସ୍ତରରେ ଏହାର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ । ଏଥିପାଇଁ ସେ ବିଶ୍ୱ ବ୍ୟାଙ୍କରୁ ସାହାଯ୍ୟ ନେବାକୁ ପରାମର୍ଶ ଦେଇଥିଲେ ।

ଏହି ପରିପ୍ରେକ୍ଷୀରେ, ୧୯୫୧ ସେପ୍ଟେମ୍ବର ମାସରେ ବିଶ୍ୱ ବ୍ୟାଙ୍କର ସଭାପତି ଇଉଜିନ୍ ବ୍ଲେକ୍ ମଧ୍ୟସ୍ଥତା ଗ୍ରହଣ କରିଥିଲେ । କିନ୍ତୁ ପାକିସ୍ତାନ କିଛି ଆପତ୍ତି ଉଠାଇଥିଲା । ଏହା ସତ୍ତ୍ୱେ, ୟୁଗେନ ବ୍ଲେକ୍ ଏବଂ ପରେ ଶ୍ରୀ ଇଲ୍ଲିଙ୍କ ସହାୟତାରେ ବର୍ଷ ବର୍ଷ ଧରି ବୁଝାମଣା ପରେ ୧୯୬୦ ସେପ୍ଟେମ୍ବର ୧୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ପ୍ରଶ୍ନ ଉପରେ ଏକ ଚୁକ୍ତିନାମା ହୋଇଥିଲା । ଏହି ଚୁକ୍ତିନାମାକୁ ଭାରତୀୟ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ପାକିସ୍ତାନୀ ରାଷ୍ଟ୍ରପତି ଆୟୁବ ଖାନ୍ନା ସ୍ୱାକ୍ଷର କରିଛନ୍ତି । ଅତଏବ ଏହି ଚୁକ୍ତିନାମାର ସର୍ତ୍ତାବଳୀ ୧୯୬୧ ଜାନୁୟାରୀ ୧୨ରେ କାର୍ଯ୍ୟକାରୀ କରାଯାଇଥିଲା । ଯାହା ଦ୍ୱାରା ଦୁଇ ଦେଶ ମଧ୍ୟରେ ବିବାଦ ଶେଷ ହୋଇଥିଲା । କିନ୍ତୁ ଭାରତ ଏହି ଅଞ୍ଚଳରେ ପ୍ରବାହିତ ସମୁଦାୟ ଜଳର ମାତ୍ର ୨୦ ପ୍ରତିଶତ ପାଇଛି, ଯାହା ୨୬ ମିଲିୟନ ଏକର ଜଳସେଚିତ ଜମି ପାଇଁ ପର୍ଯ୍ୟାପ୍ତ ନୁହେଁ । ଏହି ଚୁକ୍ତି ଯୋଗୁଁ ଭାରତ କ୍ଷତି ସହୁଛି । ବର୍ତ୍ତମାନ ଭାରତ ପାଇଁ ଏହି ଚୁକ୍ତିନାମା ସ୍ଥଗିତ ରଖିବା ସମ୍ଭବ ନୁହେଁ, କିନ୍ତୁ ଆତଙ୍କବାଦ ମାଧ୍ୟମରେ ଭାରତକୁ କିପରି ହଇରାଣ କରାଯାଇଛି, ଏହି ଚୁକ୍ତିନାମାକୁ ସ୍ଥଗିତ ରଖିବା ତେଣୁ ଆବଶ୍ୟକ ଥିଲା ।

**ତାରା ନିଳୟ , ପ୍ଲଟ: ୮୫୪/ଏ**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା –୦୫୫, ସଂପର୍କ: ୯୦୪୦୧୫୧୪୭୫**

# ମଣପୁରମ ଫାଇନାନ୍ସ ଲିମିଟେଡ ସଶସ୍ତ୍ର ଡକାୟତି ଘଟଣା
# ଲୁଟ୍ ଅଳଙ୍କାର, ଟଙ୍କାରେ ବନ୍ଧୁକ କିଣିଥିଲେ ଲୁଟେରା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ବୁଢାରଜା ସ୍ଥିତ ମଣପ୍ପୁରମ ଫାଇନାନ୍ସ ଲିମିଟେଡ ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଛି । ସେମାନେ ବିହାର ବୈଶାଳୀର ବିକାଶ କୁମାର(୨୫) ଓ ସଞ୍ଜିବ କୁମାର ପାଶୱାନ(୨୪), ପାଟନାର ଯଶ ଆନନ୍ଦ(୨୮) ଓ ପିୟୁଷ ରାଜ(୨୫) ବୋଲି ଜଣାପଡିଛି । ଏମାନଙ୍କ ଠାରୁ ୧୪ଟି ବିଦେଶୀ ବନ୍ଧୁକ ଜବତ ହୋଇଛି । ବାହାର ଦେଶର ବନ୍ଧୁକ କିଣାରେ ଲୁଟ ଅଳଙ୍କାର ଓ ଟଙ୍କା ବିନିଯୋଗ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି । ତେବେ ଏହି ଘଟଣାରେ ମୋଟ ୮ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବ । ସେମାନଙ୍କ ତଥ୍ୟ ଆଧାରରେ ଲୁଟ ସାମଗ୍ରୀ ଜବତ କରିବାକୁ ପୋଲିସ ଉଦ୍ୟମ କରିବ ବୋଲି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତ ବିକାଶ ଓ ପିୟୁଶ ଦୁହେଁ ରାଜସ୍ଥାନ ଜୟପୁରରୁ ୨୫କିଗ୍ରା ଏବଂ ମଧ୍ୟପ୍ରଦେଶ କଟନୀରୁ ୧୭କିଗ୍ରା ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି । ଏହି ୨ଟି ଘଟଣାରେ ଏମାନେ ଗିରଫ ହୋଇନଥିବା ବେଳେ ବନ୍ଧୁକ ଚୋରାଚାଲାଣ ବେଳେ ଦିଲ୍ଲୀ ପୋଲିସ ଗିରଫ କରିଛି । ସୂଚନାଯୋଗ୍ୟ, ସମ୍ବଲପୁର ବୁଢାରଜା ସ୍ଥିତ ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ କମ୍ପାନୀରୁ ଗତ ଜାନୁଆରୀ ୩ତାରିଖ ପୂର୍ବାହ୍ନ ୯ଟା୫୦ରେ ସଶସ୍ତ୍ର ଲୁଟ୍ ହୋଇଥିଲା । ଲୁଟିଆ ମାନେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ୨୭.୫୨କିଗ୍ରା ସୁନା ଅଳଙ୍କାର ଓ ୪ଲକ୍ଷ୮୧ହଜାର୩୮୨ ଟଙ୍କା ଲୁଟି ନେଇଥିଲେ । ସ୍ପଷ୍ଟ ଦିବାଲୋକରେ ୨ଟି ବାଇକ ଯୋଗେ ଲୁଟିଆ ମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏହି ଘଟଣାର ତଦନ୍ତ କରି ପୋଲିସ ବିହାର ହାଜିପୁର ଜିଲ୍ଲାର ପଙ୍କଜ ପାଶୱାନ, ଅଜୟ ପାଶୱାନ ଓ ଉତ୍ତମ ପାଶୱାନଙ୍କୁ ଗିରଫ କରିଥିଲା । ମାତ୍ର ଲୁଟ୍ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇ ପାରିନଥିଲା । ତେବେ ତଦନ୍ତ ବେଳେ ଏହି ଘଟଣାର ମାଷ୍ଟର ମାଇଣ୍ଡ ସୁବୋଧ ସିଂ ବୋଲି ପୋଲିସ ଜାଣିବାକୁ ପାଇଥିଲା । ସୁବୋଧ ଜେଲରେ ରହି ଷଡଯନ୍ତ୍ର କରି ଏହି ଘଟଣା ଘଟାଇଥିବା ଜଣାପଡିଥିଲା। ବିହାର ଜେଲରୁ ତାଙ୍କୁ ସମ୍ବଲପୁର ଆଣିବା ସହ ଗତ ୨୮ମାର୍ଚ୍ଚ, ୨୦୨୫ରେ ସମ୍ବଲପୁର ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା । ତଥ୍ୟ ଓ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ପୋଲିସ ତଦନ୍ତ କରୁଥିବା ବେଳେ ଦିଲ୍ଲୀ ପୋଲିସ ବିଦେଶୀ ବନ୍ଧୁକ ସହ ୪ଜଣଙ୍କୁ ଗିରଫ କରିଛି । ଏମାନେ ଏହି ଲୁଟ୍ ଘଟଣାରେ ସାମିଲ ଥିବା ଜଣାପଡିବା ପରେ ଅଧିକ ତଦନ୍ତ ପାଇଁ ସମ୍ବଲପୁର ଅଣାଯାଇଛି ।



## ୧୪ଟି ବିଦେଶୀ ବନ୍ଧୁକ ସହ ୪ଗିରଫ

# ବିନା ଅନୁମତିରେ କାଜୁ, ଆମ୍ବ ଗଛ କଟା ଅଭିଯୋଗ

ଭୁବନେଶ୍ୱର,୨୫।୪ (ସବ୍ୟୁ) : ତିର୍ତ୍ତୋଲ ବ୍ଲକ୍‌ରେ ଥିବା ଉଦ୍ୟାନ ବିଭାଗର ଫର୍ମରେ ଆମ୍ବ ଓ କାଜୁ ଗଛ ଗୁଡିକୁ ବିନା ଅନୁମତିରେ ଛୁଟି ଦିନରେ କଟାଯାଇଥିବା ନେଇ ଅଭିଯୋଗ ହୋଇଛି । ଗେଟ୍‌ରେ ତାଲା ପକାଇ କିଛି ବେପାରୀଙ୍କୁ ଡାକି ଅଧିକାରୀମାନେ ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆସିଛି । ପୂର୍ବରୁ ଏଭଳି କାର୍ଯ୍ୟ କରି ନିଲମ୍ବିତ ହୋଇଥିବା ଜୈନିକ ଅଧିକାରୀ ମଧ ବିନା ଭୟରେ ଏଭଳି କାର୍ଯ୍ୟ କରିଚାଲିଛନ୍ତି । କାଜୁ ଗଛ ଟେଣ୍ଡର ପୂର୍ବରୁ ସବୁ କାଜୁକୁ ତୋଳା ଯାଇ ଫର୍ମ ଭିତରେ ଶୁଖା ଯାଇ ବାହାରକୁ ପଠାଯାଇଥିବା ନେଇ ଆଲୋଚନା ହୋଇଛି । ଉଦ୍ୟାନ ନିର୍ଦ୍ଦେଶକ ଏଥି ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି ।



## ବିଶ୍ରା ଅଞ୍ଚଳରେ ପୋଲିସର ଡବଲ ଏନକାଉଣ୍ଟର

ରାଉରକେଲା,(ସବ୍ୟୁ): ରାଉରକେଲା ବିଶ୍ରା ଅଞ୍ଚଳରେ ପୋଲିସର ଡବଲ ଏନକାଉଣ୍ଟର । ପୋଲିସର ଗୁଳିମାଡରେ ଦୁଇ ଦୁର୍ବୃତ୍ତ ଆହତ ହୋଇଛନ୍ତି । ଢାବାରେ ଡକାୟତି କରିବା ପାଇଁ ଆସି ଢାବା ମାଲିକଙ୍କୁ ଗୁଳିମାଡ କରିଥିଲେ ଦୁର୍ବୃତ୍ତ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ସମୟରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଗୁଳିମାଡ କରିଥିଲେ ।ପୋଲିସର ପାଲଟା ଗୁଳିମାଡ଼ରେ ଦୁଇ ଦୁର୍ବୃତ୍ତ ଆହତ ହୋଇଛନ୍ତି । ଆହତ ଢାବା ମାଲିକଙ୍କ ସହ ଦୁଇ ଦୁର୍ବୃତ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁଇ ଆହତ ଦୁର୍ବୃତ୍ତଙ୍କ ସହ ମୋଟ ତିନି ଜଣ ଦୁର୍ବୃତ୍ତ ପୋଲିସ କବଜାରେ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିର୍ମାଣ...

କହିଛନ୍ତି ଯେ ଜମ୍ମୁ-କାଶ୍ମୀରକୁ ସୀମାପାର ଆତଙ୍କବାଦୀମାନେ ଟାର୍ଗେଟ୍ କରିଛନ୍ତି । ସେମାନେ ମୁଖ୍ୟତଃ କାଶ୍ମୀରରେ ରହି ଅପରେଟ୍ କରୁଛନ୍ତି । ତେଣୁ ଭାରତର ଅଧିକାର ରହିଛି ସିନ୍ଧୁ ନଦୀ ଜଳ ଚୁକ୍ତିକୁ ବାତିଲ କରିବା ପାଇଁ । ଏହି ଚୁକ୍ତି ଏକ ଭଲ ବିଶ୍ୱାସ ନେଇ କରାଯାଇଥିଲା । ପାକିସ୍ତାନ ସୀମାପାର ଆତଙ୍କବାଦ ବନ୍ଦ କରିବ ବୋଲି ଆଶା ରଖିଥିଲା । ବର୍ତ୍ତମାନ ଏହାକୁ ସ୍ଥଗିତ କରାଯାଇଛି । ପାକିସ୍ତାନ ପକ୍ଷରୁ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ନିଷ୍ପତ୍ତିକୁ ପ୍ରତ୍ୟାକ୍ଷାନ କରାଯାଇଛି । ପାକିସ୍ତାନ ପକ୍ଷରୁ ଏହା ଏକ ଯୁଦ୍ଧ ଭଳି କାର୍ଯ୍ୟ । ୯ ବର୍ଷ କାଳ ଆଲୋଚନା ହେଲା ପରେ ୧୯୬୦ ସେପ୍ଟେମ୍ବରରେ ସୀମାପାର ନଦୀ ନେଇ ଜଳ ବଣ୍ଟନ ସମ୍ପର୍କରେ ଯୁକ୍ତି ହୋଇଥିଲା । ଏହାକୁ ବାତିଲ କରିବା ପାକିସ୍ତାନ ବିରୋଧରେ ଏକ ସାସ୍ତ୍ର ଭଳି ପଦକ୍ଷେପ । ସେହିଭଳି ପାକିସ୍ତାନ ନାଗରିକଙ୍କ ଭିସା ବାତିଲ ମଧ ଏକ ଅନୁରୂପ ପଦକ୍ଷେପ । ତେବେ ଚୁକ୍ତି ସ୍ଥଗିତ ପରେ ଏହାର ପ୍ରଭାବ ପାକିସ୍ତାନର କୃଷି ଅର୍ଥନୀତି ଉପରେ ପଡିବ । ବିଶ୍ୱ ବ୍ୟାଙ୍କ ମଧ ପୂର୍ବାଞ୍ଚଳରେ ଥିବା ନଦୀ ନେଇ ଚୁକ୍ତି ସମ୍ପର୍କରେ ସଚେତନ ଥିଲା । ବାର୍ଷିକ ପ୍ରାୟ ୧୩୫ ଏମ୍‌ଏଏଫ୍ ଜଳ ପାକିସ୍ତାନକୁ ପ୍ରଦାନ କରାଯାଉଥିଲା । ଭାରତ ପକ୍ଷରୁ ୩ଟି ଯୋଜନା ପ୍ରସ୍ତୁତ କରାଯାଇଛି । ତେବେ ଏହି ପରିପ୍ରେକ୍ଷୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଜଳ ସମ୍ପଦ ମନ୍ତ୍ରୀ କହିଛନ୍ତି ଯେ ପାକିସ୍ତାନକୁ ବୁନ୍ଦେ ପାଣି ଦିଆଯିବ ନାହିଁ । ଏଥିଲାଗି କ୍ଷୁଦ୍ର, ମଧ୍ୟମ ଓ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ ହୋଇଛି ।

### ଓଡ଼ିଶାରେ...

ସମସ୍ତ ଆଇନଗତ ପଦକ୍ଷେପ ଅନୁସରଣ କରାଯାଉଛି । ଯେଉଁମାନେ ଦୀର୍ଘ ମିଆଦି ଭିସାରେ ରହୁଥିଲେ ସେମାନଙ୍କ ସମ୍ପର୍କରେ ତଥ୍ୟା ଦେବା ସହ ଯାତାୟତ କଟକଣା ଜାରି କରିବାକୁ କୁହାଯାଉଛି । ସୁରକ୍ଷା ଦୃଷ୍ଟିକୋଣରୁ ଚିହ୍ନଟ ହୋଇଥିବା ବ୍ୟକ୍ତି ଓ ରହୁଥିବା ସ୍ଥାନକୁ ପ୍ରଘଟ କରାଯାଉନାହିଁ । ସ୍ଥାନୀୟ ପୋଲିସ ଏବଂ ଅନୁପ୍ରବେଶ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ରଖିଛନ୍ତି ।

ବିଭିନ୍ନ ରାଜ୍ୟରେ ଥିବା ପାକିସ୍ତାନ ନାଗରିକଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ କରି ସେମାନଙ୍କୁ ତୁରନ୍ତ ଦେଶ ଛାଡିବାକୁ ପଦକ୍ଷେପ ନେବା ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ବୈଠକ କରିଛନ୍ତି । ଦିନକ ପରେ ସବୁ ପାକିସ୍ତାନୀ ନାଗରିକଙ୍କ ଭିସାର ସମୟସୀମା ଶେଷ ହୋଇଯିବ । ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହାର ନାଗରିକମାନଙ୍କୁ ତାଙ୍କ ଦେଶକୁ ପଠାଇବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ କହିଛନ୍ତି ।

ମୁଖ୍ୟମନ୍ତ୍ରୀମାନଙ୍କ ସହ ଶ୍ରୀ ଶାହା ଆଜି ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ଏଥିରେ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ ।ପହଲଗାମ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନୀ ନାଗରିକମାନଙ୍କୁ ୨୭ ତାରିଖରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେଣୁ ଯେଉଁମାନେ ମେଡ଼ିକାଲ ଭିସାରେ ଆସିଛନ୍ତି ସେମାନଙ୍କୁ ୨୯ ତାରିଖ ଯାଏଁ ମହଲତ ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସୁରକ୍ଷା ସମ୍ପର୍କକୀତ କ୍ୟାବିନେଟ ବୈଠକରେ ପାକିସ୍ତାନୀ ମାନଙ୍କ ଭିସା ବାତିଲ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଭାରତ ପକ୍ଷରୁ ମଧ ଦେଶର ନାଗରିକମାନଙ୍କୁ ପାକିସ୍ତାନ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ପହଲଗାମରେ ନରସଂହରା କରିଥିଲେ ।

### ଆତଙ୍କବାଦୀଙ୍କ...

ସେହିଭଳି ପ୍ରକୃତ ନିୟମନ୍ତ୍ରଣ ରେଖା ନିକଟରେ ପାକିସ୍ତାନ ସେନା ପକ୍ଷରୁ ଗୁଳିମାଡ କରାଯାଇଥିଲା । ଏହାର ଜବାବରେ ଭାରତ ମଧ ପାଲଟ ଗୁଳିଚାଳନା କରିଛି । ପାକ୍ ସୀମାରେ ଗତକାଲି ରାତି ସାରା ଗୁଳି ବିନିମୟ ହେଉଛି । ଏହି ଘଟଣାରେ କେହି ମୃତହାତ ହୋଇଥିବା ସୂଚନା ମିଳିନାହିଁ ।

### ଶ୍ରୀନଗରରେ...

ସେମାନଙ୍କ ପରିବାରଙ୍କ ସହ ସମଗ୍ର ଦେଶ ଛିଡା ହୋଇଛି ବୋଲି କହିଛନ୍ତି । ରାହୁଲ ଉଲ୍ଲେଖ କରିଛନ୍ତି ଯେ ଏହା ଏକ ଭୀଷଣ ଦୁଃଖଦାୟକ । ଏଠାକୁ ଆସି ପରିସ୍ଥିତି ବୁଝିବା ସମ୍ପର୍କରେ ସେମାନଙ୍କୁ ସାହାର୍ଯ୍ୟ କରିବାକୁ ଆସିଛି । ଜମ୍ମୁ-କାଶ୍ମୀରର ଜନତା ଏହି ଭୟାନକ ଆକ୍ରମଣକୁ ନିନ୍ଦା କରୁଛନ୍ତି । ଦେଶ ମଧ ଏହାକୁ ସମର୍ଥନ କରୁଛି । ଆହତମାନଙ୍କୁ ସାକ୍ଷାତ କରିଛି । ଯେଉଁମାନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଦେଶର ନାଗରିକଙ୍କ ଏକତା ସମ୍ପର୍କରେ ଉଲ୍ଲେଖ କରି ରାହୁଲ ଦେଶବାସୀଙ୍କୁ ନିବେଦନ କରିଛନ୍ତି ଯେ କାଶ୍ମୀର ଜନତାଙ୍କୁ ଆକ୍ଷପ କରନାହିଁ । ଆତଙ୍କବାଦ ବିରୋଧରେ ଏକାଠି ହୁଅ । ଏହା ଅତ୍ୟନ୍ତ ଦୁଃଖଦ ବିଷୟ ଯେ କିଛି ଲୋକ କାଶ୍ମୀର ଭାଇ ଭଉଣୀଙ୍କ ଆକ୍ରମଣ କରୁଛନ୍ତି । ଏକାଠି ଠିଆ ହୋଇ ଏହି ଭୟାନକ ଆକ୍ରମଣକୁ ବିରୋଧ କରିବା ସହ ଆତଙ୍କବାଦ ବିରୋଧରେ ଲଢ଼ିବା । ତେବେ ଛାତ୍ର ଓ ବ୍ୟବସାୟୀମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।

### ଇସ୍ପାତ ...

କଥା ହୋଇଥିଲେ । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମଧ ଅନ୍ୟ ଶିଳ୍ପ କ୍ଷେତ୍ରର ଅଂଶୀଦାରମାନଙ୍କ ସହ ଆଲୋଚନା କରିଥିଲେ । ଆଇସିସିର ପ୍ରତିନିଧିମାନେ କେମିକାଲ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅଗ୍ରଣୀ କେମିକାଲ କମ୍ପାନୀ ଗୁଡିକର ପ୍ରତିନିଧିମାନେ ସାମିଲ ହୋଇଥିଲେ । ଇଣ୍ଡିଆନ୍ ଡ୍ରଗ୍ ମାନ୍ୟୁଫେକ୍ଟର ଆସୋସିଏସନ୍ ପକ୍ଷରୁ ମଧ ଫାର୍ମାସ୍ୟୁଟିକାଲ ଉତ୍ପାଦନ ଉପରେ ଆଲୋଚନା କରାଯାଇଥିଲା । ଏହି ଆସୋସିଏସନ୍ ପକ୍ଷରୁ ଭାରତ ଶାହା ଓଡ଼ିଶାରେ ଫାର୍ମାସୁଟିକାଲ ଶିଳ୍ପର ସମ୍ଭାବନା ନେଇ ଆଲୋଚନା କରିଥିଲେ ।

### ଯବାନଙ୍କ...

ସରକାର ହେଲିକପ୍ଟର ଯୋଗେ ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଉଛନ୍ତି। କିନ୍ତୁ ୪୦ ଜଣ ଯବାନ ପ୍ରବଳ ଗରମରେ ଚାଲିବା ଯୋଗୁଁ ଅଚେତ ହେବା ଫଳରେ ସେମାନଙ୍କୁ ତୁରନ୍ତ ହେଲିକପ୍ଟର ଯୋଗେ ଭଦ୍ରାଞ୍ଚଳମ ହସପିଟାଲରେ ଭର୍ତ୍ତି କରାଯାଇଛି।

୩ ଦିନ ଧରି ଗୁଳିବାରୁଦର ଶବ୍ଦ ଶୁଣିବା ସହ ଗାଁ ଛାଡ଼ି କୁଆଡେ ନଯିବା ପାଇଁ ନିର୍ଦ୍ଦେଶ ଦେଇଛି ପୁଲିସ। ଅନ୍ୟଦିଗରେ ଛତିଶଗଡ଼ର ଗୃହମନ୍ତ୍ରୀ ବିଜୟ ଶର୍ମା ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ଶେଷ ସୁଯୋଗ ଦେଇଛନ୍ତି। ଆତ୍ମସମର୍ପଣ ନକଲେ ମାଓବାଦୀ ନିପାତ କରାଯିବ ବୋଲି କଡ଼ା ଚେତାବନୀ ମଧ ଦେଇଛନ୍ତି।

ଏହି ଅପରେସନ ଯଦି ସଫଳ ହୁଏ ମାଓ ସଂଗଠନ ଏକ ପ୍ରକାର ଭୁଶୁଡ଼ିଯିବା କଥା ମଧ କୁହାଯାଉଛି। ଏହି ଜଂଗଲରେ ମାଓବାଦୀମାନେ ବର୍ଷ ବର୍ଷ ଧରି ସୁରକ୍ଷିତ ଭାବେ ରହିବା ପାଇଁ ବଙ୍କର ପରି ଅନେକ ପଦ୍ଧତି ଆପଣାଇଛନ୍ତି। ଏବେ ମାଓବାଦୀ ଏହି ଅପରେସନରେ ଭୟଭୀତ ହୋଇ ପୁଣି ପ୍ରେସ୍ ନୋଟ୍ ଜାରି କରିଛନ୍ତି। ଦକ୍ଷିଣ ବସ୍ତର ସବଜୋନାଲ କମିଟିର ସଚିବ ରୂପେଶ ଅପରେସନକୁ ତୁରନ୍ତ ବନ୍ଦ କରି ଶାନ୍ତିବାର୍ତ୍ତା ପାଇଁ ସରକାର ଆସିବା ଦରକାର ବୋଲି କହିଛି ।

# କାଳବୈଶାଖୀରେ ଉପୁଡ଼ିଗଲା ବିଶାଳ ଗଛ
# ଚାପି ହୋଇ ଅଟୋ ଚାଳକ-ଯାତ୍ରୀ ମୃତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅଧୀନ ଆଠଗାଁ ରାସ୍ତାର କଂସବାହାଲ ଛକରେ ଯାତ୍ରୀବାହୀ ଅଟୋ ଉପରେ ବିଶାଳକାୟ ନିମ୍ବ ଗଛ ପଡ଼ିଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯାତ୍ରୀ ହେଲେ ନନ୍ଦୀ ନନ୍ଦ । ଚାଳକଙ୍କର ପରିଚୟ ମିଳିପାରି ନାହିଁ। କାଳବୈଶାଖୀର ତାଣ୍ଡବ ଲୀଳାରେ ଜୀବନ ହାରିବାକୁ ପଡ଼ିଛି।



ସୂଚନା ଅନୁସାରେ ବଲାଙ୍ଗିର ସହର ନିକଟ ଆଠଗାଁ ରାସ୍ତାର କଂସବାହାଲ ଦେଇ ତଣ୍ଡାମୁଣ୍ଡାର ନନ୍ଦୀ ନନ୍ଦଙ୍କୁ ନେଇ ଅଟୋ ଚାଳକ ଆଗକୁ ବଢୁଥିଲେ। ଅଟୋଟି କଂସବାହାଲ ନିକଟରେ ପହଞ୍ଚିବା ପୂର୍ବରୁ କାଳବେଶାଖୀର ତାଣ୍ଡବ ଆରମ୍ଭ ହୋଇଯାଇଥିଲା। ଅଟୋରେ ଡ୍ରାଇଭର ଓ ଜଣେ ଯାତ୍ରୀ ଆସୁଥିବା ସମୟରେ ହଠାତ ଜୋରରେ ପବନ ବହିଥିଲା। ଏହି ସମୟରେ ରାସ୍ତାକଡ଼ରେ ଥିବା ଏକ ବଡ଼ ନିମ୍ବ ଗଛ ଉପୁଡ଼ି ଥିଲା। ନିମ୍ବଗଛଟି ଅଟୋ ଉପରେ ପଡ଼ିଥିଲା। ଫଳରେ ଅଟୋଟି ଚେପା ହୋଇଯାଇଥିଲା। ଅଟୋ ଉପରେ ଗଛ ପଡ଼ିଯିବା ପରେ ଏଥିରେ ଥିବା ନନ୍ଦ ନନ୍ଦୀ ଓ ଯାତ୍ରୀ ଚିତ୍କାର କରୁଥିଲେ। କାଳବେଶାଖୀ ଶାନ୍ତ ପଡ଼ିଲା ପରେ ସ୍ଥାନୀୟ ଲୋକେ ଘଟଣା ସଂପର୍କରେ ପୁଇଁତଳା ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିମ୍ବଗଛକୁ କାଟି ଅଟୋ ଭିତରୁ ନନ୍ଦଙ୍କ ସମେତ ୨ଟି ମୃତଦେହ ଉଦ୍ଧାର କରିଥିଲେ । ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଅଟୋ ଚାଳକଙ୍କର ପରିଚୟ ମିଳିନାହିଁ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ଅପ୍ରୀତିକର ଅଘଟଣ ପରେ ଦୀର୍ଘ ସମୟ ଧରି ଯାତାୟତ ପ୍ରଭାବିତ ହୋଇଥିଲା ।

# ଗ୍ରୀଷ୍ମକାଳୀନ କୋଚିଂ କ୍ୟାମ୍ପ ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ): ଶୁକ୍ରବାର ଅପରାହ୍ନ ଘ.୪.୩୦ ସମୟରେ ସ୍ଥାନୀୟ ମଲ୍ଟି ପର୍ପଜ୍ ଇନଡୋର ଷ୍ଟାଡିୟମ ଠାରେ ଗ୍ରୀଷ୍ମକାଳୀନ କୋଚିଂ କ୍ୟାମ୍ପର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ମନୋଜ କୁମାର ପଣ୍ଡା, ସଭାପତି ଚିନ୍ମୟ ବିଶ୍ୱାଳ ଏବଂ ଅନେକ ଅଭିଭାବକ ଓ କ୍ରୀଡ଼ା ପ୍ରେମୀ ଉପସ୍ଥିତ ଥିଲେ। ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ସମସ୍ତେ ଏହି କୋଚିଂ କ୍ୟାମ୍ପର ଆବଶ୍ୟକତା ଓ ଏହାର ଦୀର୍ଘକାଳୀନ ଲାଭ ଉପରେ ଆଲୋଚନା କରିଥିଲେ। ଏହି ଗ୍ରୀଷ୍ମକାଳୀନ କୋଚିଂ କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ଯୁବ ଓ ଉଦୀୟମାନ ଖେଳାଳିମାନଙ୍କୁ ବ୍ୟାଡମିଣ୍ଟନ ଖେଳରେ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ସେମାନଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା। ଏହା ସହିତ, ଏହି କ୍ୟାମ୍ପ ଯୁବକମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ଶାରୀରିକ ସୁସ୍ଥତା ଏବଂ ଦଳଗତ କାର୍ଯ୍ୟର ମନୋଭାବକୁ ପ୍ରୋତ୍ସାହନ ଦେବ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଉଦ୍ଘାଟନୀ ଭାଷଣରେ କ୍ରୀଡ଼ାର ଗୁରୁତ୍ୱ ଏବଂ ଏହା ଯୁବ ସମାଜରେ ଆଣିପାରୁଥିବା ଇତିହାସ ସୃଷ୍ଟିକାରୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଖେଳାଳିମାନଙ୍କୁ କଠିନ ପରିଶ୍ରମ ଓ ଅଧ୍ୟବସାୟର ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ମନୋଜ କୁମାର ପଣ୍ଡା ଏବଂ ଚିନ୍ମୟ ବିଶ୍ୱାଳ ମଧ ଉପସ୍ଥିତ ଅଭିଭାବକ ଓ ଖେଳାଳିମାନଙ୍କୁ ସମ୍ବୋଧିତ କରି କ୍ୟାମ୍ପର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଓ ଉତ୍ସାହକୁ ଗୁରୁତ୍ୱ ଦେଇଥିଲେ ।

## ଓଡିଶା କ୍ଷେତ ମଜଦୂର ୟୁନିଅନ ପକ୍ଷରୁ ବିଡିଓଙ୍କୁ ଦାବୀପତ୍ର

ଖଇରା,(ସବ୍ୟୁ): ଓଡିଶା କ୍ଷେତ ମଜଦୂର ୟୁନିଅନ ବାଲେଶ୍ୱର ଜିଲ୍ଲା ଖଇରା ଶାଖା ପକ୍ଷରୁ ବୁଧବାର ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ,ଗ୍ରାମାଞ୍ଚଳରେ ସମସ୍ତ ଶ୍ରମିକ ପରିବାରଙ୍କୁ ଘରଡିଅ ଓ ବାସଗୃହ ପ୍ରଦାନ,୩ଶହ ୟୁନିଟ ମାଗଣା ବିଦ୍ୟୁତ,ଭାଗଚାଷୀମାନଙ୍କୁ ସରକାରୀ ସହାୟତା,ଗ୍ୟାସ ଓ ତୈଳଦର ହ୍ରାସ,ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ୩ହଜାରକୁ ବୃଦ୍ଧି କରିବା ଭଳି ୧୦ ଦଫା ଦାବି ପୂରଣ ଉପରେ ଏହି ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।


**AFFIDAVIT**

By virtue of an affidavit sworn before the Executive Magistrate Baripada, Dist- Mayurbhanj.I, Rasabihari Dhada, Aged (45), S/o- Late Pratapchandra Dhada, Resident of Village- Tikarpada, Po- Uthaninuagaon, Ps – Badasahi, Pin-757024, Dist-Mayurbhanj,declare that this affidavit no. 2673, dated. 23.04.2025. Unfortunately, my name, my father's name, and my address have been wrongly recorded in my Aadhaar card as my name is Bhola Nath Dhada, S/o-Ramesh Chandra Dhada, H.No. 11-2, Balaji Nagar Bollaram, Aie Bollaram, Medak, Telangana-502325. That, now I want to rectification of my name, father's name and address in my aadhar card as Rasabihari Dhada, S/o – Pratapchandara Dhada, At-Tikarpada, Po-Uthaninuagaon, Ps-Badasahi, Dist-Mayurbhanj, Pin-757024, State-Odisha. Henceforth, I shall be known as Rasabihari Dhada for all purposes.

**Sd/- Rasabihari Dhada.**

**AFFIDAVIT**

I'Saumashree mitrabhanu sahoo,S/o -Sarbeswar swain , mother's name -Manjulata swain, resident of At-Balarampur, Po-panchapalli,P.S-Erasama, Dist-Jagatsinghpur, Pin-754110 Odisha declare by this affidavit No. 110 dtd.-24-04-2025 that now onwards I shall be known as Saumyashree mitrabhanu sahoo, S/o - Sarbeswar swain, mother's name -Manjulata swain, resident of At-Balarampur, Po-panchapalli, P.S -Erasama, Dist-Jagatsinghpur, Pin-754110 Odisha for all future purposes.

**AFFIDAVIT**

**I ARUNANCHALA DASH, S/O-DAMODAR DASH,PLOT NO-83/2711,RAJARANI COLONY, BEHIND HATIASUNI TEMPLE,TANKA PANI ROAD, BHUBANESWAR-751014, ODISHA DECLARE BY THIS AFFIDAVIT NO 3151, dt-23.04.2025 THAT NOW ONWARDS I SHALL BE KNOWN AS ARUNANCHAL DASH FOR ALL FUTURE PURPOSES.**

**NOTICE OF LOSS OF SALE DEED**

It is hereby notified that the original Sale Deed No.: 466/1993, dated 08.04.1993, registered at SRO: Pedagantyada, Visakhapatnam, in the name of **Sri J. Srinivas (Ex-Employee),** which was deposited with **Union Bank of India, Jeypore Branch** on 23.09.1994 against a housing loan sanctioned on 27.11.1992, has been misplaced during the branch shifting in the year 2015 from Rajanagar to Main Road, Jeypore. The said loan was closed on 04.07.2024. An FIR has been lodged at Jeypore Town Police Station under GD No. 014, dated 05.04.2025. If anyone finds the above document, kindly contact: **9437206636.**

**Sd/- Tapan Kumar Sarkar, Senior Branch Manager**
**Union Bank of India, Jeypore**

**ZILLA SWASTHYA SAMITI, KORAPUT**
**(DISTRICT PROGRAMME MANAGEMENT UNIT)**
**NATIONAL HEALTH MISSION**
E-40
**E-mail : nhmkpt@gmail.com Phone : 06852-252340**
**No. 742 / DPMU/NHM/KPT** **Date : 22.04.25**

**Tender Call Notice**

Sealed tenders are invited from registered suppliers/ agencies for Procurement of Ophthalmic Operating Microscope and A-Scan. Details regarding the item, terms & conditions and formats for submission of tender may be downloaded from the website : **https://koraput.odisha.gov.in.** The tenders should reach the office of the undersigned by 14.05.2025 till 5.00 P.M. The tender will be opened at 11.00 A.M. on 15.05.2025. The undersigned reserves the right to reject any or all the tenders without assigning any reason thereof.

**Sd/- CDM & PHO - cum-**
**District Mission Director, Koraput**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ବାରିପଦା
ଏମ୍‌କେସି ହାଇ ସ୍କୁଲ ସମ୍ମୁଖ, ଲାଲ ବଜାର, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧

**ସୁନା ନିଲାମ ବିଜ୍ଞପ୍ତି**

**ବନ୍ଧକ ଥିବା ସ୍ୱର୍ଣ୍ଣ ଅଳଙ୍କାର / ଆର୍ଟିକିଲ୍ସର ସର୍ବସାଧାରଣ ନିଲାମ ପାଇଁ ନୋଟିସ୍**

ଏତଦ୍‌ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) **ତା.୧୬.୦୫.୨୦୨୫ରିଖ, ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡିକୁ **ତା.୧୭.୦୫.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ** ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣ ଖୋଲା ନିଲାମ ଡାକ ମାଧ୍ୟମରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶୟ ଦେବ ନାହିଁ। ନିଲାମରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଅମାନତ ଜମା ରୂପେ **ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର)** ନିଲାମ ତାରିଖ ପୂର୍ବରୁ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ଠାରେ ଦାଖଲ କରିବା ଉଚିତ। ଅନ୍ତିମ ନିଲାମ ଡାକରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ୨୪ ଘଣ୍ଟା ମଧ୍ୟରେ ସମସ୍ତ ନିଲାମ ରାଶି ଦାଖଲ କରିବେ, ଅନ୍ୟଥା ସେମାନେ ବ୍ୟାଙ୍କରେ ଦାଖଲ କରିଥିବା ଅମାନତ ରାଶି ବାଜ୍ୟାପ୍ତି କରାଯିବ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରୀକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମ୍‌ରେ) | ନେଟ୍ ଓଜନ (ଗ୍ରାମ୍‌ରେ) | ୨୧.୦୪.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଏବଂ ଦେୟ ବ୍ୟତୀତ) |
|---|---|---|---|---|---|
| ପୁରୁଣା ବାରିପଦା ଶାଖା, ସା/ପୋ: ପୁରୁଣା ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍ - ୭୫୭୧୦୨ | | | | | |
| ୧. | ୫୪୭୩୭୭୬୧୦୦୦୦୨୨୭ | **ସୁପ୍ରଭା ମହାକୁଡ୍,** ସା: ରାଇପଡ଼ା, ପୋ.: ଚାତୁରି, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୧୦୨ | ୧୯.୮୩ | ୧୪.୮୭ | ଟ.୪୬,୧୩୦.୧୫ |
| ବାଲିଆପାଳ ଶାଖା, ସା: କାଚୁପଡା, ବୋ.: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର-୭୫୬୦୨୬, ଭୂଚିହ୍ନ: ବ୍ଲକ ଛକ | | | | | |
| ୧. | ୫୪୯୮୭୭୬୧୦୦୦୦୬୫୬ | **ଲକ୍ଷ୍ମୀକାନ୍ତ ମଲିକ,** ପିତା: ଶଙ୍କର ମଲିକ, ସା: ଖଗଡ଼ପାଳ, ପୋ.: ବଡ଼ସିମୁଳିଆ, ଜିଲ୍ଲା: ବାଲେଶ୍ୱର | ୨୩.୬୫ | ୨୧.୨୮ | ଟ.୮୧,୮୯୧.୦୬ |
| ଠାକୁରମୁଣ୍ଡା ଶାଖା, ସା/ପୋ.: ଡାକୁରମୁଣ୍ଡା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୩୮ | | | | | |
| ୧. | ୫୪୬୫୭୭୬୧୦୦୦୦୦୧୫ | **ମଞ୍ଜୁ ପରେଇ,** ସ୍ୱାମୀ: ବ୍ରଜମୋହନ ପରେଇ, ସା/ପୋ.: ଦିଗଦର, ଥାନା: ଠାକୁରମୁଣ୍ଡା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୩୮ | ୨.୪୦ | ୨.୨୦ | ଟ.୧୧,୨୧୯/- |

ସ୍ଥାନ: ବାରିପଦା, ତାରିଖ: ୨୫.୦୪.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଅରୁନ୍ଧତୀ ଜୁଏଲର୍ସଙ୍କୁ ଦୁଇ ଦୁଇଟି ଜାତୀୟ ସମ୍ମାନ




ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ଜାତୀୟ ସ୍ତରରେ ଓଡିଶାର ଗୌରବର୍ଦ୍ଧନ କରୁଥିବା ଅରୁନ୍ଧତୀ ଜୁଏଲର୍ସ ମୁମ୍ବାଇ ସ୍ଥିତ ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଣ୍ଟରରେ ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲରୀ ଡୋମେଷ୍ଟିକ୍ କାଉନ୍‌ସିଲ୍ ତରଫରୁ ସମ୍ମାନୀୟ ପ୍ରିଫଡ୍ ରିଟେଲ୍‌ର ଅଫ୍ ଇଣ୍ଡିଆ ୨୦୨୫ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ସମାରୋହରେ ଯୋଗଦାନ କରି ଏହି ସମ୍ମାନକୁ ଗ୍ରହଣ କରିଥିଲେ। ସମାନ୍ତରାଳ ଭାବେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଶ୍ରୀମାନ ପ୍ରତୀକ ମେହେର ସମ୍ମାନୀୟ ଜିଜେସି ନେକ୍ସଟ ଜେନେରେସନ୍ ଫିଉଚର୍ ଅଫ୍ ଜୁଏଲରୀ ଇଣ୍ଡଷ୍ଟ୍ରି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରଥମ ଥର ପାଇଁ ଦୁଇଟି ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବା ଓଡିଶାର ପ୍ରଥମ ବ୍ରାଣ୍ଡ ଭାବରେ ଅରୁନ୍ଧତୀ ଏହି ଗୌରବର ଅଧିକାରୀ ହୋଇପାରିଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ପାଇଥିବା ଦୁଇଟି ଜାତୀୟ ସମ୍ମାନ ଅରୁନ୍ଧତୀକୁ ଦୀର୍ଘ ବର୍ଷ ଧରି ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଦେଇ ବଳିଷ୍ଠ କରିଥିବା ପ୍ରତ୍ୟେକଟି ଓଡିଶାବାସୀଙ୍କୁ ସମର୍ପିତ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକଙ୍କ ପ୍ରତି ବିନମ୍ର ସେବା ମନୋଭାବ, ଗ୍ରାହକଙ୍କ ଚାହିଦା ମୁତାବକ ନୂତନ ଡିଜାଇନର ଅଳଙ୍କାର ଯୋଇଦେଇ ସର୍ବାଦୃତି ହୋଇଥିବା ଅରୁନ୍ଧତୀ ତାର ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସ୍ୱଚ୍ଛତା, ଗହଣଶ ମାନରେ ଶୁଦ୍ଧତା, ସୃଜନଶୀଳତା ଓ ଦୁରଦୃଷ୍ଟି ସମ୍ପର୍ଣ୍ଣ ଅଭିଜ୍ଞତା ପରିପୂର୍ଣ୍ଣ ବ୍ୟବସାୟ ଅରୁନ୍ଧତୀକୁ ଗୋଟିଏ ମଞ୍ଚରେ ଦୁଇ ଦୁଇଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର ଲାଭ କରିବାରେ ସହାୟକ ହୋଇଛି। ବିଗତ ଦିନରେ ମଧ ଅରୁନ୍ଧତୀ ନିଷ୍ଠାପର ସେବା ଯୋଗାଇଦେବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ହାସଲ କରି ରାଜ୍ୟ ତଥା ରାଜ୍ୟବାସୀଙ୍କୁ ଗୌରବମଣ୍ଡିତ କରିଛି ।

## ଆଇଡିପି ଏଜୁକେଶନ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ସଶକ୍ତ ନିମନ୍ତେ ଅନ୍ତର୍ଜାତୀୟ ଶିକ୍ଷାମେଳା

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତୀୟ ଶିକ୍ଷାସେବାରେ ବିଶ୍ୱସ୍ତରୀୟ ଅନୁଷ୍ଠାନ ଆଇଡିପି ଏଡୁକେଶନ ଭୁବନେଶ୍ୱରରେ ବଡ଼ ଆନ୍ତର୍ଜାତୀୟ ଶିକ୍ଷା ମେଳା ଆୟୋଜନ କରିଛି। ୨୫ ଏପ୍ରିଲ ୨୦୨୫ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆମେରିକା, ୟୁକେ ପ୍ରଭୃତି ବଡ଼ବଡ଼ ସହରର ଶିକ୍ଷାନୁଷ୍ଠାନ ସହ ୧୩ଟି ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନରେ ଶିକ୍ଷାଲାଭ ପାଇଁ ଚାହୁଁଥିବା ପ୍ରାର୍ଥୀଙ୍କ ଲାଗି ସମର୍ଥନ ଯୋଗାଇବ। ଏହି ଆନ୍ତର୍ଜାତୀୟ ଶିକ୍ଷାମେଳାରେ ଛାତ୍ର ଓ ଅଭିଭାବକମାନଙ୍କୁ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ବିଷୟରେ ଧାରଣା ପ୍ରଦାନ କରିବା ଅଂଶଗ୍ରହଣକାରୀମାନେ ସେମାନଙ୍କ ଶିକ୍ଷାଗତ ଓ ବୃତିଗତ ଭବିଷ୍ୟତ ବିଷୟରେ ନିଷ୍ପତି ନେଇପାରିବେ। ମେଳା ବିଷୟରେ ଦକ୍ଷିଣ ଏସିଆ, କାନାଡ଼ା ଓ ଲାଟିନ ଆମେରିକାର ଆଂଚଳିକ ନିର୍ଦ୍ଦେଶକ ପୀୟୁଷ କୁମାର, ଆଇଡିପି ଏଡୁକେଶନ କହିଛନ୍ତି ଯେ ଭୁବନେଶ୍ୱର ଆନ୍ତର୍ଜାତୀୟ ଶିକ୍ଷା ଲାଗି ଏକ ପ୍ରମୁଖ ବଜାର। ପିଲାମାନଙ୍କ ଚାହିଦା ପୂରଣ ପାଇଁ ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସେମାନଙ୍କୁ ମାର୍ଗଦର୍ଶନ ଲାଗି ଆମେ ପ୍ରୟାସ କରୁଛୁ ।

## ୨୮ରେ ରାଜ୍ୟ କଂଗ୍ରେସ ପାଳିବ ସମ୍ବିଧାନ ବଞ୍ଚାଅ ଦିବସ

# ଜାତିଗତ ଜନଗଣନା ପାଇଁ ଗାଁ କୁ ଯିବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ସଡ଼କରୁ ନେଇ ସଂସଦ ଯାଏଁ ଭାରତୀୟ ଜାତୀୟ କଂଗ୍ରେସ ଏବଂ ନେତା ରାହୁଲ ଗାନ୍ଧୀଙ୍କ ଜାତିଗତ ଜନଗଣନା ତଥା ଦେଶର ଅନୁସୂଚିତ ଜାତି, ଜନଜାତି ଓ ଓବିସିବର୍ଗଙ୍କୁ ତାଙ୍କର ନାର୍ଯ୍ୟ ଦାବି ପାଇଁ ଲଢ଼େଇ କରୁଥିବାବେଳେ ଆକ୍ରୋଶମୂଳକ ଭାବେ ମୋଦି ସରକାର



ଇଡି ଦ୍ୱାରା ତାଙ୍କୁ ହଇରାଣ କରି ତାଙ୍କର ମନୋବଳ ଭାଙ୍ଗିବା ପାଇଁ ଯେଉଁ ରାଜନୈତିକ ଷଡ଼ଯନ୍ତ୍ର କରୁଛନ୍ତି ସେଥିରେ ସେ କେବେ ସଫଳ ହେବେ ନାହିଁ। ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଉପସ୍ଥିତିରେ କହିଥିଲେ ଯେ ରାଜ୍ୟରେ ସମ୍ବିଧାନ ଦିବସ ପାଳନ କରିବା ପାଇଁ ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ । ଓଡ଼ିଶାରେ ମୟୁରଭଞ୍ଜ ଜିଲ୍ଲା ସମେତ ଅନ୍ୟ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ବିଜେପିର କମ୍ପାନୀ ପ୍ରୀତି ପାଇଁ ସାଧାରଣ ଆଦିବାସୀଙ୍କର ଭିଟାମାଟି ଏବଂ ଜଙ୍ଗଲ, ଜଳ, ଜମିହଡ଼ପ କରିବା ପାଇଁ କରାଯାଉଥିବା ଚକ୍ରାନ୍ତ ବିରୁଦ୍ଧରେ ରାଜ୍ୟ କଂଗ୍ରେସ ଜୋରଦାର ଆନ୍ଦୋଳନ ଆରମ୍ଭ କରିବ। ଓଡ଼ିଶା ଫରେଷ୍ଟ ଆଇନ ଅନୁସାରେ ଆଦିବାସୀ ମାନଙ୍କୁ ଜମିପଟ୍ଟା ଦେବାର ବ୍ୟବସ୍ଥା ଥିବାବେଳେ ବିଜେପି ସରକାର ତାଙ୍କର ଜମି ହଡ଼ପ କରିବା ଅତ୍ୟନ୍ତ ନିନ୍ଦନିୟ। ରାଷ୍ଟ୍ରପତି ନିଜେ ମୟୁରଭଞ୍ଜ ଜିଲ୍ଲାର ବାସିନ୍ଦା ହୋଇଥିବାବେଳେ ସେହି ଜିଲ୍ଲାରେ ଆଦିବାସୀମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ଓ ଅବିଚାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆସନ୍ତା ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବା ସହିତ ଆସନ୍ତା ମେ ମାସ ୩ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏ କାର୍ଯ୍ୟକ୍ରମ କରାଯିବ। ମେ ମାସ ୧୧ ତାରିଖରୁ ୧୭ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏ କାର୍ଯ୍ୟକ୍ରମକୁ ପାଳନ କରାଯିବା ସହିତ ମେ' ମାସ ୨୦ ତାରିଖରୁ ୩୦ ତାରିଖ ଯାଏଁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତ୍ୟେକ ଗାଁର ଘରକୁ ଘର ଯାଇ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରିବା ସହିତ ଲୋକଙ୍କ ପାଖକୁ ଯାଇ ତାଙ୍କର ନାର୍ଯ୍ୟ ଦାବି ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇବେ। ଏଥିରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଅସୁରକ୍ଷିତ। ଆଦିବାସୀଙ୍କ ଉପରେ ହେଉଥିବା ସରକାରୀ ଆକ୍ରମଣ ବିରୁଦ୍ଧରେ କଂଗ୍ରେସ ସେହି ଅଂଚଳରେ ଜୋରଦାର ଆନ୍ଦୋଳନ କରିବା ସହିତ ତାଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବ।

## ଆତଙ୍କବାଦୀ ଆକ୍ରମଣକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ଦୃଢ ନିନ୍ଦା

# ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ନିବେଦନ

ଖୋର୍ଦ୍ଧା: (ସବ୍ୟୁ): ଅଖିଳ ଭାରତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରେସ-ମିଡ଼ିଆ ସଚିବ ମୌଲାନା କେ.ତାରିକ ଅହମଦ କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହି ଘଟଣାରେ ୨୭ ଜଣ ମୂଲ୍ୟବାନ ଜୀବନ ହରାଇଛନ୍ତି ଏବଂ ଅନେକ ନର୍ଦ୍ଦୋଷ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଆକ୍ରମଣ କେବଳ ମାନବାଧିକାରର ଖୋଲା ଉଲ୍ଲଂଘନ ନୁହେଁ ବରଂ ଧର୍ମ,ନୈତିକତା ଏବଂ ମାନବିକତାର ମୂଲ୍ୟବୋଧର ବିରୁଦ୍ଧ ଅଟେ । ଅହମଦୀୟା ମୁସଲିମ ସମ୍ପ୍ରଦାୟ ଏହି ଦୁଃଖଦ ଘଟଣା ଉପରେ ଗଭୀର ଦୁଃଖ ଏବଂ ଶୋକ ପ୍ରକଟ କରୁଛି ଏବଂ ପୀଡ଼ିତ ପରିବାରଙ୍କ ପ୍ରତି ସମବେଦନା ଜଣାଉଛି। ତଥା ଆହତମାନଙ୍କ ଶୀଘ୍ର ଅରୋଗ୍ୟ ପାଇଁ ପ୍ରାର୍ଥନା କରୁଛି । ଅହମଦୀୟା ମୁସଲିମ ସମ୍ପ୍ରଦାୟ ସମସ୍ତ ପ୍ରକାରର ଆତଙ୍କବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଦୃଢ ଭାବରେ ଛିଡ଼ା ହୋଇଛି । ଏବଂ ସବୁବେଳେ ଶାନ୍ତି, ସହନଶୀଳତା ଏବଂ ମାନବତାର ସୁରକ୍ଷା ପାଇଁ ସ୍ୱର ଉଠାଇ ଆସିଛି । ସମ୍ପ୍ରଦାୟର ଏହା ଦୃଢ ବିଶ୍ୱାସ ଯେ ଆତଙ୍କବାଦର ଇସଲାମ ସହିତ କୌଣସି ସମ୍ପର୍କ ନାହିଁ । ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୋରାନରେ ସ୍ପଷ୍ଟ ଭାବେ କହିଛନ୍ତି, ଯିଏ ଜଣେ ବ୍ୟକ୍ତିକୁ ହତ୍ୟା କଲା ଅଥବା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିଛି ସେ ଏପରି ବ୍ୟକ୍ତି ଯେପରିକି ସେ ସକଳ ମାନବ ଜାତିକୁ ହତ୍ୟା କରିଛି । ଉକ୍ତ ପଂକ୍ତିଟି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ ବଳିଷ୍ଠ ପ୍ରତିଫଳିତ କରୁଛି । ଜଣେ ନିର୍ଦ୍ଦୋଷଙ୍କ ଜୀବନ ନେବା ସମଗ୍ର ମାନବଜାତି ଉପରେ ଆକ୍ରମଣ ବୋଲି ବିବେଚନା କରାଯାଏ ।

ଅହମଦୀୟା ମୁସଲିମ ସମ୍ପ୍ରଦାୟ ପୁଣି ଥରେ ପହଲଗାମରେ ହୋଇଥିବା ଏହି ଘୃଣ୍ୟ ଆତଙ୍କବାଦୀ ଆକ୍ରମଣର ଦୃଢ ନିନ୍ଦା କରୁଛି । ପୀଡ଼ିତଙ୍କ ପରିବାର ପାଇଁ ଗଭୀର ସବବେଦନା ପ୍ରକଟକ କରୁଛି ଏବଂ ଆହତଙ୍କ ଆରୋଗ୍ୟ କାମନା କରୁଛି । ସର୍ବଶକ୍ତମାନ ଅଲ୍ଲାଃ ଆମ ଦେଶ ଏବଂ ଏହାର ଲୋକମାନଙ୍କୁ ସମସ୍ତ ପ୍ରକାରର କଳହ ଏବଂ ଅଶାନ୍ତିରୁ ସୁରକ୍ଷିତ ରଖନ୍ତୁ । ଏହା ହିଁ ଆମର କାମନା ବୋଲି ସେ କହିଛନ୍ତି ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ଜାତୀୟ ସେମିନାରି

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ମେକାନିକାଲ, ସିଭିଲ୍ ଓ ଏଗ୍ରିକଲ୍‌ଚର ଇଂଜିନିୟରିଂ ବିଭାଗର ମିଳିତ ଆନୁକୂଲ୍ୟରେ ଆଡ଼ଭାନ୍‌ସେସ୍ ଇନ୍ ଗ୍ରୀନ୍ ଟେକ୍ନୋଲୋଜି ଫର୍ ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଶିର୍ଷକ ଦୁଇଦିନିଆ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ରୋର ପୂର୍ବତନ




ବୈଜ୍ଞାନିକ ଅଶୋକ କୁମାର ରଥ ସମ୍ମାନୀୟ ଅତିଥୀ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡଃ. ରାଜେଶ ରୋସନ ଦାସ, ଓଡ଼ିଶା ପରିବେଶ ସମାଜର ସମ୍ପାଦକ ଡଃ. ଜୟକୃଷ୍ଣ ପାଣିଗ୍ରାହୀ, ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ଡଃ. ରବିନ୍ଦ୍ର କୁମାର ପଣ୍ଡା ଓ ଓୟୁଏଟିର ପ୍ରଫେସର ଡଃ. କଳ୍ପନା ରାୟଗୁରୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ୬୪ଟି ଗବେଷଣାତ୍ମକ ନିବନ୍ଧ ପ୍ରକାଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗିଫ୍ଟର ଅଧକ୍ଷ ଡଃ. ତ୍ରିଲୋଚନ ସାହୁ, ବିଭାଗୀୟ ମୁଖ୍ୟ ଡଃ. ଅମର କୁମାର ଦାସ, ସୁରଜିତ ପଟ୍ଟନାୟକ ଓ ଡଃ. ଏମ୍‌ଡି. ଖଲିଦ୍ ଖାନ୍ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଡଃ. ବିଶ୍ୱଜିତ୍ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ବେକକାଟି ଅଳଙ୍କାର ଲୁଟ୍ ଘଟଣାର ଅଭିଯୁକ୍ତ ଗିରଫ୍

# ଲୁଟ୍ ଅଳଙ୍କାର ଜବତ

ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଆଗ୍ରାହାଟ ପଂଚାୟତର ବ୍ରାହ୍ମଣ ସାହିରେ ଅପରାହ୍ନରେ ଜଣେ ମହିଳାଙ୍କ ଘରେ ଦୁଇଜଣ ଦୁର୍ବୃତ୍ତ ପଶି ତାଙ୍କ ଗଳା କାଟି ସୁନାଅଳଙ୍କାର ଲୁଟ୍ କରିଥିବା ଘଟଣାରେ ମହିଳାଙ୍କ ଶଶୁର ଶରତ କୁମାର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାର ତଦନ୍ତ କରି ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ ଏକ ସ୍ପେଶାଲ ସ୍କ୍ୱାର୍ଡ଼ ଗଠନ କରି ଏହି ଘଟଣାର ଅଭିଯୁକ୍ତ ବାଲିଚନ୍ଦ୍ରପୁର ଜନକ ଗ୍ରାମର ଆଶୁତୋଷ ଜେନାକୁ ଗିରଫ କରିଛି । ଚୋରି ହୋଇଥିବା ଅଳଙ୍କାରକୁ ତରଳାଇ ରଖିଥିବା ବାଲିଚନ୍ଦ୍ରପୁରର ପ୍ରକାଶ ଚନ୍ଦ୍ର ସାହୁଙ୍କୁ ମଧ୍ୟ ପୋଲିସ ଗିରଫ୍ କରି କୋର୍ଟ ଚାଲାଣ କରିଛି । ଗିରଫ୍ ଅଭିଯୁକ୍ତ ଜଣକ ମହିଳାଙ୍କର ସମ୍ପର୍କୀୟ ହୋଇଥିବା ନେଇ ଥାନା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଥିବା ବେଳେ ଫେରାର ଅନ୍ୟ ଜଣେ ଅଭିଯୁକ୍ତକୁ ଯଥାଶୀଘ୍ର ଗିରଫ୍ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ନୃସିଂହ ସାହୁଙ୍କ ସ୍ମୃତିସଭା



କଟକ, (ସ୍ୱପ୍ର): ୨୨ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସ୍ୱର୍ଗତ ନୃସିଂହ ଚରଣ ସାହୁଙ୍କ ଦରଖାପାଟଣା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନାଗରିକ ପରିଷଦ ତରଫରୁ ପରିଷଦର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ଏକ ସର୍ବଧର୍ମ ସମନ୍ୱୟ ସ୍ମୃତିଚାରଣ ସଭା ସ୍ଥାନୀୟ ମହାନଦୀବିହାର ସ୍ଥିତ ମହାନଦୀଭବନରେ ଶୁକ୍ରବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମଡିଏର ପୂର୍ବତନ ଉପଦେଷ୍ଟା ରବି ଶତପଥି ସଭା ପରିଚାଳନା କରିଥିଲେ । ମହାନଦୀବିହାର ଜଗନ୍ନାଥ ମନ୍ଦିର ପୂଜକ ସୁଲଭ ଶତପଥୀ ଗୀତାପାଠ, ଶୁକଦେ ସିଂ ଓ ମହମ୍ମଦ ଫରିଦ ନିଜନିଜର ଧର୍ମର ଧର୍ମଗ୍ରନ୍ଥ ପାଠ କରିଥିଲେ। ଅତିଥି ଭାବେ ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ମହାନଗର ପୂଜା କମିଟିର ସାଧାରଣ ସଂପାଦକ ପ୍ରଭାତ ତ୍ରିପାଠୀ, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ଏମଡିଏ ସଭାପତି ସଞ୍ଜୟ ଜେନା, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ସୌଭାଗିନୀ ଜେନା ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ ସର୍ବାଧିକାରୀ ସ୍ୱର୍ଗତ ସାହୁଙ୍କ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ରହି ସର୍ବାଧିକାରୀ ସ୍ୱର୍ଗତ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ରେନଲ୍ଟର ନୂତନ ଡ଼ିଜାଇନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ) : ରେନଲ୍ଟ ଇଣ୍ଡିଆ, ଯାହାକି ରେନଲ୍ଟ ଗ୍ରୁପର ଏକ ସମ୍ପୂର୍ଣ୍ଣ ନିଜସ୍ୱ ପ୍ରତିଷ୍ଠାନ, ଏହାର ଭାରତ-କୈନ୍ଦ୍ରିକ ରୂପାନ୍ତରୀକରଣ ରଣନୀତି ରେନଲ୍ଟ ପୁନଃ-ବିଚାର ସହିତ ଚେ଼ନ୍ନାଇଠାରେ ରେନଲ୍ଟ ଡ଼ିଜାଇନ କେନ୍ଦ୍ରର ଉଦ୍‌ଘାଟନ କରିଛି । ଉଦ୍‌ଘାଟିତ ଏହି ନୂତନ ରେନଲ୍ଟ ଡ଼ିଜାଇନ କେନ୍ଦ୍ର ରୂପାନ୍ତରୀକରଣ ଏବଂ ଡ଼ିଜାଇନ ଇନ ଇଣ୍ଡିଆ ଭଳି ରେନଲ୍ଟର ଉଚ୍ଚାଭିଳାଷାକୁ ତ୍ୱରାନ୍ୱିତ କରିବା ସହିତ ମେକ୍ ଇନ ଇଣ୍ଡିଆର ମୂଳଦୁଆକୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରିବ। ଉତ୍କୃଷ୍ଟତାର ଏକ ହବ୍ ଭାବରେ ଏହା ମଧ୍ୟ ଆଶା ରଖିଛି ଏହାର କାର୍ଯ୍ୟ ଧାରାକୁ ଆଗେଇ ନେବା ପାଇଁ ବିଶେଷ ଭାବରେ ଆରଏନଟିବିସିଆଇ (ରେନଲ୍ଟ ନିଶାନ୍ ଟେକ୍ନୋଲଜି ଏବଂ ବିଜିନେସ ସେଣ୍ଟର ଇଣ୍ଡିଆ)ର ସାନିଧ୍ୟ ଲାଭ କରିବା ପାଇଁ । ଏକ ଉତ୍ସର୍ଗୀକୃତ ଡ଼ିଜାଇନଯୁକ୍ତ ଷ୍ଟୁଡ଼ିଓର ଆବଶ୍ୟକତା ରହିଛି ଏବଂ ଏହାର ମନୋଭାବକୁ ବୁଝିବା ସହିତ ଏହାର ଆବଶ୍ୟକତାକୁ ଉପଲବ୍ଧି କରି ତଥା ଏହାର ଦୃଢ଼ତାକୁ ନେଇ ଏହାକୁ ପ୍ରସ୍ତୁତ କରିବା ପାଇଁ। ଚେ଼ନ୍ନାଇ ଠାରେ ଅବସ୍ଥାପିତ ରେନଲ୍ଟ ଡ଼ିଜାଇନ କେନ୍ଦ୍ର ଯେଉଁ ଦିଗ ପ୍ରତି ଗୁରୁତ୍ୱାରୋପ କରିଛି ସେଗୁଡ଼ିକ ମଧ୍ୟରେ ରହିଛି ମଡ଼େଲ ଗୁଡ଼ିକର ବିକାଶ ଏବଂ ଭାରତୀୟ ବଜାରରେ ଜ୍ଞାନକୌଶଳର ପ୍ରସଙ୍ଗ ତଥା ଏଥିସହିତ ରେନଲ୍ଟ ଗୋଷ୍ଠୀର ବିଶ୍ୱସ୍ତରୀୟ ପ୍ରକଳ୍ପ ଉପରେ ଅଧିକ ଦୃଷ୍ଟି ଆକର୍ଷଣ। ଆଞ୍ଚଳିକ ବୁଦ୍ଧିମତା ଏବଂ ଏହାର ବର୍ହିବିଭାଗର ଉଦ୍ଦେଶ୍ୟ ସାଧନ ଦ୍ୱାରା, କେନ୍ଦ୍ର ରେନଲ୍ଟର ଭବିଷ୍ୟତ ମୋବିଲିଟି ସମାଧାନ ଦିଗରେ ଏହାର ଗଠନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ।

# ସମ୍‌ରେ ହାର୍ଣ୍ଣିଆ ଫେଷ୍ଟ - ୨୦୨୫

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ହସ୍ପିଟାଲ ପରିସରରେ 'ହାର୍ଣ୍ଣିଆ ଫେଷ୍ଟ - ୨୦୨୫' ଆୟୋଜିତ ହୋଇଯାଇଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଜେନେରାଲ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ସର୍ଜନ୍ସ ଅଫ୍ ଇଣ୍ଡିଆ (ଓଡ଼ିଶା ଶାଖା)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏହି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି



କାର୍ଯ୍ୟକ୍ରମ ଦ୍ୱାରା ଯୁବ ଡାକ୍ତରୀ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଉପକୃତ ହେବେ ବୋଲି କହିଥିଲେ ।

ଓଡିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜଗୁଡ଼ିକରୁ ଶହେରୁ ଊର୍ଦ୍ଧ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଡାକ୍ତର, ପ୍ରଫେସର ଯୋଗ ଦେଇଥିଲେ। ହାର୍ଣ୍ଣିଆ ରୋଗର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ତଥା ହାର୍ଣ୍ଣିଆ ରୋଗର ଚିକିତ୍ସା କ୍ଷେତ୍ରରେ ନବସୃଜନ ଓ ନୂତନ ଜ୍ଞାନ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଯୋଗ ଦେଇ କହିଥିଲେ ଯେ ବର୍ତ୍ତମାନ ସମୟରେ ହାର୍ଣ୍ଣିଆ ରୋଗ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଲାଣି। ବିଗତ ୧୦ ବର୍ଷ ମଧ୍ୟରେ ଏହି ରୋଗର ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ସେହିପରି ସମ୍ମାନିତ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର ) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇଥିଲେ ।

ଏହି ଅବସରରେ ଏଏସଆଇ ଓଡିଶା ଚାପ୍ଟରର ସଭାପତି ଡ.ପ୍ରସନ୍ନ କର, ସେକ୍ରେଟାରୀ ଡ.ସୁଧାଂଶୁ ସୁତାର, ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ତୁଷାର ମିଶ୍ର ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ। (ଡାକ୍ତର) ଜିତେନ୍ଦ୍ର ନାରାୟଣ ସେନାପତି ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କିଟ୍‌ରେ ଫେସନ୍ ଶୋ' କୀର୍ତ୍ତି କଳ୍ପନା


ଭୁବନେଶ୍ୱର,(ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟର ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଶୋ' କୀର୍ତ୍ତି କଳ୍ପନାର ୧୩ତମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଫେସନ୍ ଶୋ'କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେଇଥିଲେ । ଏହି ଅବସରରେ ଫେସନ୍ ଟେକ୍ନୋଲୋଜିରେ ୨୦୨୫ ବର୍ଷର ପାସ୍‌ଆଉଟ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାମନ୍ତ କହିଥିଲେ, ଭାରତ ସମେତ ସମଗ୍ର ବିଶ୍ୱରେ କିଟ୍ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟରୁ




ଉଦ୍‌ଘାଟନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳ ସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ, ଫିଲ୍ମ ଆଣ୍ଡ ମିଡ଼ିଆ ଷ୍ଟଡ଼ିଜ୍ ସ୍କୁଲ୍ ଏବଂ ମାସ୍ କମ୍ୟୁନିକେଶନ ସ୍କୁଲ୍‌ର ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଅତିଥି ଭାବେ ଯୋଗ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କର ବିଭିନ୍ନ କ୍ଷେତ୍ରରେ ଗ୍ରହଣୀୟତା ମଧ୍ୟ ରହିଆସିଛି । କିଟ୍ ଫେସନ୍ ଟେକ୍ନୋଲୋଜିର ପାସ୍‌ଆଉଟ୍ ଛାତ୍ରଛାତ୍ରୀମାନେ ଫେସନ୍ ଏବଂ ଟେକ୍ସଟାଇଲ୍ ଟେକ୍ନୋଲୋଜି ଏବଂ ଡ଼ିଜାଇନ୍ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ଓ ସର୍ଜନାଶୀଳତାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ତେବେ ଜୀବନରେ ଯେଉଁଠି ଥାଅ,ଯେତେ ଉପରକୁ ଉଠ ସବୁବେଳେ ଜଣେ ଭଲ ମଣିଷ ହେବାକୁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଫେସନ୍ ଶୋ'ରେ ୨୦୨୫ ପାସ୍‌ଆଉଟ୍ ବ୍ୟାଚର ଛାତ୍ରଛାତ୍ରୀମାନେ ସେମାନଙ୍କ ପରିକଳ୍ପନା ଓ ସର୍ଜନାର ପରିପ୍ରକାଶ କରିଥିଲେ । ବିଭିନ୍ନ ପାରମ୍ପାରିକ ଓ ଆଧୁନିକ ଫେସନ୍‌କୁ ନେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଡ଼ିଜାନର ପୋଷାକରେ ମଡ଼େଲମାନଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ବିଭିନ୍ନ ପରମ୍ପରା,କଳାର ଝଲକ ରହିଥିଲା । ଏହି ଅବସରରେ ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଡ଼ିଜାଇନ୍ ଉପରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରବାହିକ ତାରକା ସୂର୍ଯ୍ୟମୟୀ ମହାପାତ୍ର, ଲିକୁନ୍ ଚୌଧୁରୀ, ଦୀପନ୍ୱିତା ଦାସମହାପାତ୍ର ଏବଂ ଦେବସ୍ମିତା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍‌ର ଉପନିର୍ଦ୍ଦେଶିକା ଜିପ୍ସିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲର ଡ଼ିନ୍ ପ୍ରଫେସର ବାଉରି ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପହଲଗ୍ରାମ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଜାମ୍ମୁ କାଶ୍ମୀରର ପହଲଗ୍ରାମ ଠାରେ ହୋଇଥିବା ଆତଙ୍କବାଦ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକମାନଙ୍କୁ ଆନ୍ନିହାଉସ ଛକ, ଗଣେଶ ବଜାର ବ୍ୟବସାୟୀ ଟ୍ରଷ୍ଟର ସଭାପତି ଲିଙ୍ଗରାଜ



ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥିରେ ବ୍ୟବସାୟୀ ଟ୍ରଷ୍ଟର ଉପ ସଭାପତି- ସୁକାନ୍ତ ମଲ୍ଲିଆ, ସମ୍ପାଦକ - ବାସୁଦେବ ମିଶ୍ର, ପ୍ରଭାସ କୁମାର ସୁନ୍ଦରାୟ, ପ୍ରଦୀପ ପୃଷ୍ଟି, ପ୍ରତାପ ସାହୁ, ପ୍ରଦୀପ ସେବା ଟ୍ରଷ୍ଟର ସ୍ମିତା ମହାନ୍ତି, ସ୍ନେହାଞ୍ଜଳି ସେଠୀ, ସ୍ୱାଗତିକା ରାଓ, ମନିଷ ରାଉତ ଓ ସମସ୍ତ ବ୍ୟବସାୟୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ରକ୍ତର ଜବାବ୍ ରକ୍ତରେ ଦେବାପାଇଁ ମତ ପ୍ରକାଶ ପାଇଥିଲା।

# ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠରେ ପ୍ରତିଷ୍ଠିତ ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ତାଙ୍କ ଭାଷଣରେ କହିଥିଲେ ଯେ, ଶୃଙ୍ଖଳା ହିଁ ଶିକ୍ଷାର ମାନଦଣ୍ଡ । ଉତ୍ସବ ଶେଷରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।




୩୫ ବର୍ଷର ଶିକ୍ଷାନୁଷ୍ଠାନକୁ ଗତ ଦୁଇବର୍ଷ ହେବ ପରିଚାଳନା କରୁଛନ୍ତି ସମ୍ପାଦକ ବିଜନ କୁମାର ଜେନା । ଆଧାତ୍ମିକ ଭାବ ଆଧାରରେ ସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ହେଉଥିବା ସମ୍ପାଦକ ତାଙ୍କ ଅଭିଭାଷଣରେ କହିଥିବା ବେଳେ ପ୍ରିନ୍ସପାଲ ଧ୍ରୁବଚରଣ ମହାପାତ୍ର ମଧ ସେହି କଥା କହିଥିଲେ । ସମ୍ପାଦକ ଶ୍ରୀ ଜେନାଙ୍କ କହିବାନୁଯାୟୀ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ମଧ୍ୟ ରହିଛି । ଚଳିତ ବର୍ଷରୁ ଯୁକ୍ତଦୁଇ ବିଜ୍ଞାନ ଓ କଳା ବିଭାଗର ନାମଲେଖା ହେବ । ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ଲେଫ୍ଟନାଣ୍ଟ କର୍ଣ୍ଣେଲ ନାରାୟଣ ପ୍ରସାଦ ମହାନ୍ତିଙ୍କୁ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ଓ ଯୁଗ୍ମ ସମ୍ପାଦିକା ରଶ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲର ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକମାନେ ଉତ୍ସବରେ ଭାଗ ନେବା ସହ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ ଉପସ୍ଥିତ ରହି ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ । ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜାତିସଂଘର ପରାମର୍ଶ

# ଅଧିକ କ୍ଷତି ହେବାକୁ ନଦେଇ ସଞ୍ଜମତା ରକ୍ଷାକର

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢୁଥିବା ବେଳେ ଚିନ୍ତା ପ୍ରକଟ କରିଛି ଜାତିସଂଘ । ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରେସଙ୍କ ପକ୍ଷରୁ ଉଭୟ ଦେଶକୁ ସଞ୍ଜମତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ଏନେଇ ତାଙ୍କ ପ୍ରବକ୍ତା କହିଛନ୍ତି ଯେ ଅତି ନିକଟରୁ ଏବଂ ଅତ୍ୟନ୍ତ ଚିନ୍ତାର ସହିତ ଆମେ ନିବେଦନ କରୁଛି । ଉଭୟ ସରକାରଙ୍କୁ ଅଧିକରୁ ଅଧିକ ସଞ୍ଜମତା ଅବଲମ୍ବନ ଆହୁରି ଅବନତି ହେବାରୁ ଦୂରେଇ ରହିବାକୁ ଆମେ ନିବେଦନ କରୁଛୁ ବୋଲି ସେ କହିଛନ୍ତି ।

ତେବେ ପହଲଗାମ ଆତଙ୍କବାଦୀ ଘଟଣାକୁ ଗୁଟେରେସଙ୍କ ପ୍ରବକ୍ତା ଷ୍ଟିଫେନ ଡୁଜାରିକ କଡ଼ା ନିନ୍ଦା କରିଛନ୍ତି । ସେ କହିଛନ୍ତି ୨୨ ତାରିଖ ଦିନ ଜମ୍ମୁ ଏବଂ କାଶ୍ମୀରରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଆମେ ସ୍ପଷ୍ଟ ନିନ୍ଦା କରୁଛୁ । ଏଥିରେ ବହୁ ସଂଖ୍ୟକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ସେ ଏପରି କହିଛନ୍ତି ।

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପରେ ବଢୁଥିବା ଉତ୍ତେଜନା ମଧ୍ୟରେ ଗୁଟେରେସ୍ ଭାରତ ଏବଂ ପାକିସ୍ତାନ ସରକାରଙ୍କ ସହିତ କୌଣସି ଯୋଗାଯୋଗ କରିଛନ୍ତି କି ନାହିଁ ବୋଲି ଡୁଜାରିକଙ୍କୁ ପ୍ରଶ୍ନ କରାଯାଇଥିଲା । ଉତ୍ତରରେ ସେ କହିଛନ୍ତି ଯେ ଗୁଟେରେସ୍ କୌଣସି ସିଧାସଳଖ ଯୋଗାଯୋଗ କରି ନାହାଁନ୍ତି, କିନ୍ତୁ ଘଟଣା ଉପରେ ବହୁତ ନିକଟରୁ ଏବଂ ବହୁତ ଚିନ୍ତାର ସହିତ ସେ ନଜର ରଖିଛନ୍ତି । ଏବଂ ଦୁଇ ଦେଶକୁ



ସଞ୍ଜମତା ରକ୍ଷା କରି କରି ପରିସ୍ଥିତି ଖରାପ ନ କରିବାକୁ ପରାମର୍ଶ ଦେଇଛନ୍ତି । ଡୁଜାରିକ କହିଛନ୍ତି ଯେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଯେକୌଣସି ସମସ୍ୟା ଅର୍ଥପୂର୍ଣ୍ଣ ପାରସ୍ପରିକ ସମ୍ପର୍କ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ ବୋଲି ଆମେ ବିଶ୍ୱାସ କରୁଛ । ଏହା ହେବା ଉଚିତ । ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଭାରତର ନିଷ୍ପତ୍ତିକୁ ଡୁଜାରିକ୍ କହିଛନ୍ତି, ମୁଁ ଭାବୁଛି ଏହା ଆମର ଅପିଲ ମଧ୍ୟରେ ରହିବ ଯେ ଆମେ ଅଧିକରୁ ଅଧିକ ସଞ୍ଜମତା ରକ୍ଷା କରିବା, ଏମିତି କୌଣସି କାର୍ଯ୍ୟାନୁଷ୍ଠାନ ନେବା ନାହିଁ ଯେଉଁଥିରେ ସ୍ଥିତି ଆହୁରି ବଗିଡିବ ଓ ଉତ୍ତେଜନାପୂର୍ଣ୍ଣ ସ୍ଥାନରେ ଉତ୍ତେଜନା ଆହୁରି ବଢିବ ।

ଏହା ପୂର୍ବରୁ ପହଲଗାମ ଘଟଣାକୁ ଗୁଟେରେସ କଡ଼ା ନିନ୍ଦା ପ୍ରକାଶ କରିଥିଲେ । ଯେକୌଣସି ପରିସ୍ଥିତିରେ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି କହିଥିଲେ ।

## ପହଲଗାମ ହମ୍‌ଲାର ବଦ୍‌ଲା

# ଗଡ଼ିଲା ପ୍ରଥମ ମୁଣ୍ଡ



ଜମ୍ମୁ: ପହଲଗାମ ନରସଂହାର ପରେ ଆତଙ୍କବାଦ ନିରୋଧ ଅପରେସନକୁ ଜୋରଦାର କରିଥିବା ଭାରତୀୟ ସେନାକୁ ପ୍ରଥମ ସଫଳତା ମିଳିଛି । ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବାର ଟପ କମାଣ୍ଡର ଅଲତାଫ ଲାଲି ନିହତ ହୋଇଛି । ପହଲଗାମ ନରସଂହାର ପଛରେ ଲସ୍କରର ହାତ ରହିଥିଲା । ଏବେ ତା'ର ଟପ କମାଣ୍ଡର ଅଲତାଫ ବାନ୍ଦିପୋରାରେ ହୋଇଥିବା ଏନକାଉଣ୍ଟରରେ ପ୍ରାଣ ହରାଇଛି । ଏବେ କେବଳ ଗୋଟିଏ ମୁଣ୍ଡ ଗଡ଼ି ଥିବା ବେଳେ ଆତଙ୍କବାଦୀଙ୍କୁ ମୂଳପୋ । କରିବାକୁ ସୁରକ୍ଷାକର୍ମୀଙ୍କ ଉଦ୍ୟମ ଜାରି ରହିଛି ।

ଶୁକ୍ରବାର ସକାଳେ ବାନ୍ଦିପୋରାରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା । ପହଲଗାମ ହମଲାକାରୀଙ୍କୁ ଖୋଜୁ ଥିବା ସୁରକ୍ଷାକର୍ମୀ ଏହି ଖବର ମିଳିବା ମାତ୍ରେ ଅପରେସନ ଆରମ୍ଭ କରି ଦେଇଥିଲେ । ଭାରତୀୟ ସ୍ଥଳ ସେନା ଓ ଜମ୍ମୁ-କଶ୍ମୀର ପୋଲିସ୍ ମିଳିତ ଭାବେ ବାନ୍ଦିପୋରାରେ ପହଞ୍ଚିଥିଲା । ସେଠାରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଜଣାପଡ଼ିବା କ୍ଷଣୀ ଗୁଳି ବିନିମୟ ଆରମ୍ଭ ହୋଇଯାଇଥିଲା । ଏଥିରେ ଅଲତାଫ ପ୍ରାଣ ହରାଇଛି । ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି । ସେହିପରି ଅଲତାଫ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି ।

ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା ଯେ ବାନ୍ଦିପୋରା ଏନକାଉଣ୍ଟରେ ଦୁଇ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ଆହତ ସୁରକ୍ଷାକର୍ମୀଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଅନ୍ୟପକ୍ଷରେ ପାକିସ୍ତାନ ସେନା ପକ୍ଷରୁ ଏଲଓସିର ବିଭିନ୍ନ ସ୍ଥାନରେ ଭାରତୀୟ ଆଉଟ ପୋଷ୍ଟକୁ ଟାର୍ଗେଟ କରି ଗୁଳିମାଡ଼ କରାଯାଇଥିଲା । ଭାରତ ପକ୍ଷରୁ ମଧ୍ୟ ଏହାର ଦୃ ଜବାବ ଦିଆଯାଇଛି । ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ସମ୍ପର୍କ ଚରମସୀମାରେ ପହଞ୍ଚି ଯାଇଛି । ଏସବୁ ଭିତରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରୀନଗରରେ ପହଞ୍ଚିଛନ୍ତି । ସେମାନେ ଆତଙ୍କବାଦ ନିରୋଧ ଅପରେସନର ସମୀକ୍ଷା କରିବେ ।

ଏହାବାଦ ସୁରକ୍ଷାକର୍ମୀ ପହଲଗାମ ଆକ୍ରମଣର ଦୁଇ ସନ୍ଦିଗ୍ଧ ଆତଙ୍କବାଦୀ ଆଦିଲ ହୁସେନ ଓ ଆସିଫ ଶେଖର ଘରକୁ ଉଡ଼ାଇ ଦିଆଯାଇଛି । ବିଜବେହାରାରେ ଥିବା ଲସ୍କର ଆତଙ୍କୀ ଆଦିଲର ଘରକୁ ଆଇଇଡିରେ ବିସ୍ଫୋରଣ କରି ଉଡ଼ାଇ ଦିଆଯାଇଥିବା ବେଳେ ତ୍ରାଲରେ ଥିବା ଆସିଫର ଘର ଉପରେ ବୁଲଡୋଜର ଚାଲିଛି । ପାକିସ୍ତାନୀ ଆତଙ୍କବାଦୀ ପହଲଗାମ ନରସଂହାର ପାଇଁ କରିଥିବା ଯୋଜନାରେ ଆଦିଲ ସହାୟତା କରିଥିଲା । ଏପ୍ରିଲ ୨୨ରେ ହୋଇଥିବା ହମଲାରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି ।

# ଭାରତ-ପାକିସ୍ତାନ: କାହାର ସାମରିକ ଶକ୍ତି କେତେ ?

ନୂଆଦିଲ୍ଲୀ: ଭାରତ ପାଖରେ ପୃଥ୍ୱୀ, ଅଗ୍ନି, ବ୍ରହ୍ମୋସ । ପାକିସ୍ତାନ ପାଖରେ ଶାହିନ, ବାବର ରହିଛି । ମିସାଇଲ୍ ପାୱାରରେ କାହାର କେତେ ଦମ୍? ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଶାନ୍ତି ବଢିଥିବା ବେଳେ ଯୁଦ୍ଧ ଆଶଙ୍କା ବି କରାଯାଉଛି । ଏପରିକି ଦୁଇ ଦେଶର ସେନା ଷ୍ଟାଣ୍ଡବାଏ ମୋଡରେ ରହିଛନ୍ତି । ଉଭୟ ଦେଶ ପାଖରେ ପରମାଣୁ ଶକ୍ତି ରହିଛି । ତେବେ ପ୍ରଶ୍ନ ଉଠୁଛି, ଯଦି ଯୁଦ୍ଧ ହୁଏ, ତେବେ କିଏ କାହାକୁ ଦେବ ମାତ? ଭାରତ ନା ପାକିସ୍ତାନ, କାହା ପାଖରେ ରହିଛି ସବୁଠୁ ଶକ୍ତିଶାଳୀ ମିସାଇଲ୍? ଦୁଇ ଦେଶ ମଧ୍ୟରୁ କାହାର ସାମରିକ ବଳ ଅଧିକ?

### କାହାର କେତେ ଦମ୍?

ଭାରତର ଜନସଂଖ୍ୟା ୧୪୦ କୋଟିରୁ ଅଧିକ ରହିଥିବା ବେଳେ ପାକିସ୍ତାନର ଜନସଂଖ୍ୟା ୨୪କୋଟିରୁ ଅଧିକ । ଭାରତରେ ସାଢେ ୬କୋଟି ଲୋକ ସାମରିକ ସେବା ପାଇଁ ଉପଲବ୍ଧ ରହିଥିବା ବେଳେ ପାକିସ୍ତାନରେ ଏହି ସଂଖ୍ୟା ମାତ୍ର ୧କୋଟି । ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁଇ ଦେଶ ମଧ୍ୟରେ ରହିଛି ବଡ଼ ବ୍ୟବଧାନ । ଭାରତ ୨୦୨୩-୨୪ବର୍ଷ ପାଇଁ ମୋଟ୍ ବଜେଟର ୧୩ପ୍ରତିଶତ ପ୍ରତିରକ୍ଷା ପାଇଁ ଆବଣ୍ଟନ କରିଥିଲା । ଏହା ତୁଳନାରେ ପାକିସ୍ତାନର ପ୍ରତିରକ୍ଷା ବଜେଟ୍ ବେଶ୍ କମ୍ । ଗ୍ଲୋବାଲ୍ ଫାୟାର ପାୱାର ଇଣ୍ଡେକ୍ସ ତଥ୍ୟ ଅନୁସାରେ ଭାରତ ପାଖରେ ବିଶ୍ୱର ଦ୍ୱିତୀୟ ବୃହତ ସ୍ଥାୟୀ ସେନା ରହିଛି । ପାକିସ୍ତାନ ସାମରିକ ଶକ୍ତିକୁ ଫୋକସ କରିଆସିଥିଲେ ମଧ୍ୟ ଏହାର ସେନା ଶକ୍ତି ଭାରତ ତୁଳନାରେ କମ୍ ।




### ମିସାଇଲ୍ ପାୱାରକାହାର କେତେ ?

ଭାରତ ପାଖରେ ଦୁନିଆର ଶକ୍ତିଶାଳୀ ତଥା ବିପଜ୍ଜନକ ମିସାଇଲ୍ ରହିଛି । ଏସବୁ ମିସାଇଲର ଗତି ଓ ମାରକ କ୍ଷମତା ବିଶ୍ୱର ବହୁ ବଡ଼ ବଡ଼ ମିସାଇଲଙ୍କୁ ମାତ୍ ଦେବାରେ ସକ୍ଷମ । ପାକିସ୍ତାନ ପାଖରେ ବି ଶକ୍ତିଶାଳୀ ମିସାଇଲ୍ ରହିଛି, ତେବେ ଏସବୁର ରେଞ୍ଜ ଭାରତ ତୁଳନାରେ କମ୍ ରହିଛି । ଭାରତ ପାଖରେ ପୃଥ୍ୱୀ-୩, ବରାକ-୮, କେ-୪ ମିସାଇଲ୍, ଅଗ୍ନି-୫, ବ୍ରହ୍ମୋସ ପରି ଶକ୍ତିଶାଳୀ ମିସାଇଲ୍ ରହିଛି । ସେପଟେ ପାକିସ୍ତାନ ପାଖରେ ବାବର, ସାହିନ-୧, ଘୋରି, ସାହିନ-୨, ସାହିନ-୩ ପରି ମିସାଇଲ୍ ରହିଛି ।

### ସାମରିକରେ ଶକ୍ତିକିଏ ଶକ୍ତିଶାଳୀ?

ଭାରତୀୟ ସେନା ପାଖରେ ଆଧୁନିକ ଓ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର ରହିଛି । ଅର୍ଜୁନ, ପିନାକା, ବ୍ରହ୍ମୋସ କ୍ରୁଜ ମିସାଇଲ୍, ହାଉଇଟଜର, ଭୀମ ଟ୍ୟାଙ୍କ ପରି ଯୁଦ୍ଧାସ୍ତ୍ର ରହିଛି । ଆଧୁନିକୀକରଣରେ ଭାରତ ନିବେଶ କରିଥିବା ବେଳେ ଏହା ସାମରିକ ଭିତ୍ତିଭୂମିକୁ ସୁଦୃଢ କରିଛି । ପାକିସ୍ତାନ ସେନା ପାଖରେ ମଧ୍ୟ ଅଲ୍-ଖାଲିଦ ଟ୍ୟାଙ୍କ ସହ ଚୀନ୍ ଓ ପାଶ୍ଚାତ୍ୟ ଦେଶଙ୍କ ପକ୍ଷରୁ ଯୋଗାଣ ହୋଇଥିବା ଯୁଦ୍ଧାସ୍ତ୍ର ରହିଛି । ତେବେ ଟେକ୍ନୋଲୋଜିର ବ୍ୟବହାର ଦୃଷ୍ଟିରୁ ପାକିସ୍ତାନ ସେନା ଭାରତ ତୁଳନାରେ ପଛରେ ରହିଛି ।

# ନୌସେନା, ବାୟୁସେନାରେ ଭାରତର ଦମ୍

ଭାରତୀୟ ବାୟୁସେନା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ସେନା । ଦେଶରେ ୨ହଜାର ୨୨୯ ଏୟାରକ୍ରାଫ୍ଟ, ୬ଶହ ଫାଇଟର ଜେଟ୍, ୮୩୧ ସହାୟକ ଏୟାରକ୍ରାଫ୍ଟ ଓ ୮୯୯ ହେଲିକପ୍ଟର ରହିଛି । ଏହାସହ ରାଫେଲ, ମିରେଜ୍-୨୦୦୦, ମିଗ୍-୨୯ ଓ ସୁଖୋଇ ପରି ଉଚ୍ଚମାନର ବିମାନ ବି ରହିଛି । ପାକିସ୍ତାନର ବାୟୁସେନା ଛୋଟ ହେଲେ ବି ଶକ୍ତିଶାଳୀ । ଦେଶ ପାଖରେ ଜେଏଫ୍-୧୭ ଥଣ୍ଡର, ଏଫ୍-୧୬ ଫାଇଟିଂ ଫାଲକନ୍ ଓ ମିରେଜ୍ ପରି ବିମାନ ରହିଛି । ସେହିପରି ଭାରତୀୟ ନୌସେନା ମଧ୍ୟ ଶକ୍ତିଶାଳୀ । ଭାରତ ପାଖରେ ୧୩୦ରୁ ଅଧିକ ଯୁଦ୍ଧ ଜାହାଜ ରହିଥିବା ବେଳେ ୬୭ହଜାରରୁ ଅଧିକ ସେନା ରହିଛନ୍ତି । ପରମାଣୁ ଶକ୍ତିସଂପନ୍ନ ଯୁଦ୍ଧ ଜାହାଜ ସହ ୧୮ଟି ସବମରିନ୍ ରହିଛି । ସେହିପରି ଆଇଏନଏସ ବିକ୍ରମାଦିତ୍ୟ ଓ ଆଇଏନଏସ ବିକ୍ରାନ୍ତ ଶତ୍ରୁ ପକ୍ଷକୁ ଚ୍ୟାଲେଞ୍ଜ ଦେବାରେ ସକ୍ଷମ । ଭାରତ ତୁଳନାରେ ପାକିସ୍ତାନର ନୌସେନା ଶକ୍ତି ଅପେକ୍ଷାକୃତ କମ୍ ।

ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ କ୍ଷତି ସହିବ ପାକିସ୍ତାନ । ପାକ୍ ସେନା ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଲମ୍ବା ସମୟ ଧରି ଭାରତୀୟ ସେନାର ସାମନା କରିବା କଷ୍ଟ ହେବ । ସ୍ଥଳ, ଜଳ ଓ ଆକାଶ ପଥରେ ସଶକ୍ତ ସେନା ସହ ବଡ଼ ଅର୍ଥନୀତି ପାଇଁ ଭାରତ ମଜବୁତ ସ୍ଥିତିରେ ରହିଛି । ତେଣୁ ଭାରତ ସାମନାରେ ପାକିସ୍ତାନ ମାତ୍ର କିଛି ସପ୍ତାହ ହିଁ ତିଷ୍ଠି ପାରିବ ବୋଲି ବୈଦେଶିକ ବ୍ୟାପାର ବିଶେଷଜ୍ଞ ଆକଳନ କରିଛନ୍ତି ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ପୀଡ଼ିତଙ୍କୁ ସାକ୍ଷାତ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ।

# ଜଣେ ସନ୍ଦିଗ୍ଧକୁ ଧରିଲା ପୋଲିସ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଘଟଣାରେ ୨୬ ଜଣଙ୍କର ମୃତ୍ୟୁ ହେବା ପରେ ଜାମ୍ମୁ-କାଶ୍ମୀରର ଆତଙ୍କବାଦୀ ସନ୍ଧାନ କାର୍ଯ୍ୟ ଜୋରସୋରେ ଜାରି ରହିଛି । ଜଣେ ମହିଳା ପର୍ଯ୍ୟଟକଙ୍କ ଅଭିଯୋଗ ଆଧାରରେ ଜଣେ ସନ୍ଦିଗ୍ଧକୁ ଅଟକ ରଖିଛି ଗନ୍ଦେରବାଲ ଜିଲ୍ଲା ପୋଲିସ । ମହିଳା ପର୍ଯ୍ୟଟକ ଜଣଙ୍କ ଉକ୍ତ ବ୍ୟକ୍ତିଙ୍କର ଫଟୋ ଦେଖାଇ କହୁଥିଲେ ଯେ ସେ କୁଆଡ଼େ ତାଙ୍କୁ କେଉଁ ଧର୍ମର ବୋଲି ପଚାରୁଥିଲା ଓ ବିନା ରେଜିଷ୍ଟ୍ରେସନରେ ଅମରନାଥ ନେଇଯିବ ବୋଲି କହୁଥିଲେ । ମହିଳା ପର୍ଯ୍ୟଟକଙ୍କ ଭିଡିଓ ଭାଇରାଲ୍ ହେବା ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଅଟକ ରଖିଛି ।

ସନ୍ଦିଗ୍ଧ ବ୍ୟକ୍ତି ଜଣଙ୍କ ହେଲେ ଗନ୍ଦେରବାଲର ଗୋହିପୋରା ରାଇଜାନର ନିବାସୀ ଜିଏଚ୍ ନବି ଜୁଙ୍ଗଲଙ୍କ ପୁଅ ଅୟାଜ ଅହମଦ ଜୁଙ୍ଗଲ । ସେ ସୋନମାର୍ଗର ଥାଜୱାସ୍ ଗ୍ଲେସିୟରରେ ପର୍ଯ୍ୟଟକଙ୍କ ପାଇଁ ଘୋଡ଼ା ଚାଳନା ସର୍ଭିସ ଦିଅନ୍ତି । ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି । ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହିତ ସନ୍ଦିଗ୍ଧର କୌଣସି ସମ୍ପର୍କ ଥିଲା କି ନାହିଁ ସେ ନେଇ ପଚରାଉଚରା ଜାରି ରହିଛି ।

# କଠୁଆରେ ୪ ସନ୍ଦିଗ୍ଧ ଆତଙ୍କୀ ଥିବା ସୂଚନା ଦେଲେ ମହିଳା



ଶ୍ରୀନଗର: ଜମ୍ମୁ-କାଶ୍ମୀରର କଠୁଆ ଜିଲ୍ଲାର ହୀରାନଗର ସେକ୍ଟରରେ ସୁରକ୍ଷା ବାହିନୀ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ । ବଢୁଥିବା ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଛି ।

ଜଣେ ମହିଳା ପୋଲିସକୁ ସୂଚନା ଦେଇଥିଲେ ଯେ ସେ ଅଞ୍ଚଳରେ ଚାରି ଜଣ ସନ୍ଦିଗ୍ଧ ଆତଙ୍କୀଙ୍କୁ ଦେଖିଛନ୍ତି । ମହିଳାଙ୍କ ସୂଚନା ପରେ ସୁରକ୍ଷା ବାହିନୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଓ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି ।

ଜମ୍ମୁ ଓ କାଶ୍ମୀର ପୋଲିସର ସ୍ପେଶାଲ ଅପରେସନ୍ସ ଗ୍ରୁପ୍ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ସ୍ଥାନୀୟ ପୋଲିସ ସହିତ ମିଳିତ ଭାବରେ ଏକ ତଲାସୀ ଅଭିଯାନ ଚଳାଇଛି । ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି ଏବଂ ପ୍ରତ୍ୟେକ ଯିବା ଆସିବାକାରୀଙ୍କ ଉପରେ କଡ଼ା ନଜର ରଖାଯାଇଛି ।

ସୂଚନା ଅନୁଯାୟୀ, ଏହି ଅଞ୍ଚଳଟି ଅନ୍ତର୍ଜାତୀୟ ସୀମା ନିକଟରେ ଅବସ୍ଥିତ ଏବଂ ପୂର୍ବରୁ ମଧ୍ୟ ଏଠାରେ ଅନୁପ୍ରବେଶ ପ୍ରୟାସ ଦେଖାଯାଇଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ସନ୍ଦିଗ୍ଧମାନେ ଏକ ବଡ଼ ଷଡ଼ଯନ୍ତ୍ର କରିବାକୁ ଯୋଜନା କରୁଥିବେ । ପୋଲିସ ଏବଂ ସେନା ଦଳଗୁଡ଼ିକ ଅତ୍ୟନ୍ତ ସତର୍କତା ଏବଂ ରଣନୀତିକ ଭାବରେ ସର୍ଚ୍ଚ ଅପରେସନ୍ କରୁଛନ୍ତି । ଡ୍ରୋନ୍ ଏବଂ ସ୍ନିଫର ଡଗ୍ସଙ୍କ ମଧ୍ୟ ସାହାଯ୍ୟ ନିଆଯାଉଛି ।

ସୂଚନାଥାଉକି, ପହଲଗାମ ଆକ୍ରମଣ ପରେ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନିଜେ ଜମ୍ମୁ-କାଶ୍ମୀରର ଉଧମପୁରରେ ଥିବା ଉତ୍ତର କମାଣ୍ଡ ମୁଖ୍ୟାଳୟରେ ପହଞ୍ଚିଛନ୍ତି । ସେନା ଅଧିକାରୀଙ୍କ ଅନୁଯାୟୀ, ଜେନେରାଲ ଦ୍ୱିବେଦୀଙ୍କୁ ଏଲଓସିରେ ପୁଞ୍ଚ-ରାଜୌରୀ ଜିଲ୍ଲା ଏବଂ ପୀର ପଞ୍ଜାଲ ରେଞ୍ଜର ଦକ୍ଷିଣ ଅଞ୍ଚଳର ସୁରକ୍ଷା ପରିସ୍ଥିତି ବିଷୟରେ ଏକ ବିସ୍ତୃତ ସୂଚନା ଦିଆଯାଇଥିଲା ଚସେ ବର୍ତ୍ତମାନର ପରିସ୍ଥିତିର ସମୀକ୍ଷା କରୁଛନ୍ତି ଏବଂ ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି ।

# ଯୁଦ୍ଧ ଘୋଷଣା କଲା ହିଜବୁଲ ମୁଜାହିଦିନ !

ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରଠୁ ଭାରତର ଜବାବି ଆକ୍ରମଣ ଭୟରେ ପାକିସ୍ତାନ ଥରହରା ଭାରତ ପକ୍ଷରୁ ଆକ୍ସନ ଆଶଙ୍କାରେ ହିଜବୁଲ ମୁଜାହିଦିନ ଯୁଦ୍ଧ ଘୋଷଣା କରିଛି । ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ନିର୍ଦ୍ଦେଶରେ ଏହି ଆତଙ୍କବାଦୀ ସଂଗଠନ ଯୁଦ୍ଧ ଘୋଷଣା କରିଛି । ଭାରତ ବିରୋଧରେ ଇରାନ୍ ମଡେଲକୁ ଆପଣାଇଛି ପାକିସ୍ତାନ ।

ଇରାନର ଅନେକ ଇସଲାମିକ ସଂଗଠନ ଇସ୍ରାଏଲ୍ ବିରୋଧରେ ଯୁଦ୍ଧ ଲଢୁଥିବା ବେଳେ ଭାରତ ବିରୋଧରେ ସମାନ ବାଟରେ ଆଗେଇଛି ପାକିସ୍ତାନ ।

ଏନେଇ ୨୪ତାରିଖରେ ଆତଙ୍କୀ ସଂଗଠନର ସୋସିଆଲ୍ ମିଡିଆ ଆକାଉଣ୍ଟରେ ଭିଡିଓ ଜାରି କରାଯାଇଛି । ଏଥିରେ ହିଜବୁଲ ମୁଜାହିଦିନର ଟପ୍ ଆତଙ୍କୀ ଶମଶେର ଖାନ୍ କାଶ୍ମୀରରେ ଜିହାଦର ଘୋଷଣା କରିଛି ।

ପୂର୍ବରୁ କାରଗିଲ ଯୁଦ୍ଧ ବେଳେ ମଧ୍ୟ ପାକିସ୍ତାନୀ ସେନା ଆତଙ୍କବାଦୀଙ୍କ ସହ ମିଶି ଭାରତ ବିରୋଧରେ ଲଢିଥିଲା । ଏବେ ପୁଣି ପାକିସ୍ତାନ ସମାନ ଫର୍ମୁଲା ଆପଣାଇଛି । ଭିଡିଓରେ ଟପ୍ ଆତଙ୍କବାଦୀ ଶମଶେର ଖାନ୍ ରହିଛି । ଶମଶେରର ଘର କାଶ୍ମୀରର ପୁଞ୍ଛ ଅଞ୍ଚଳରେ । ତେବେ ୯୦ ଦଶକରେ ସେ ପାକିସ୍ତାନ ଯିବା ସହ ସେଠାରେ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲା ।

# ବିଜେପିକୁ କଟାକ୍ଷ କଲେ ସ୍ୱରା ଭାସ୍କର

ମୁମ୍ବାଇ: ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଲୋକମାନେ ସୋସିଆଲ ମିଡିଆରେ ନିଜ ନିଜ ଢଙ୍ଗରେ ନିଜର କ୍ରୋଧ ପ୍ରକାଶ କରୁଛନ୍ତି । ବିଭିନ୍ନ କଳାକାର, କ୍ରିକେଟର ଓ ନେତାମାନେ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି ଏହାର ନିନ୍ଦା କରିଛନ୍ତି । ଏହି ଆକ୍ରମଣକୁ ନେଇ ଭାରତୀୟ ଜନତା ପାର୍ଟି ନେତା ତଥା ସାଂସଦ ନିଶିକାନ୍ତ ଦୁବେ ଏକ୍ସରେ ଏକ ପୋଷ୍ଟ କରିଥିଲେ, ଯାହା ଏବେ ଚର୍ଚ୍ଚାରେ । ତାଙ୍କ ପୋଷ୍ଟରେ ବଲିଉଡ ଅଭିନେତ୍ରୀ ସ୍ୱରା ଭାସ୍କର ଦେଇଥିବା ପ୍ରତିକ୍ରିୟା ଏବେ ଦୁବେଙ୍କ ପୋଷ୍ଟକୁ ଚର୍ଚ୍ଚାକୁ ଆଣିଛି ।

ଲୋକମାନଙ୍କୁ ସେମାନଙ୍କର ଧର୍ମ ପଚାରିବା ପରେ ପହଲଗାମରେ ଆତଙ୍କୀ ଗୁଳି ଚଳାଇଥିଲେ । ଏହି ଖବର ଉପରେ ଦୁବେ ପ୍ରତିକ୍ରିୟା ପ୍ରକାଶ କରି ଟ୍ୱିଟରରେ ଲେଖିଥିଲେ ଯେ, ଅଶହଦୁ ଅଲ୍ଲାହା ଇଲ୍ଲାହ ଇଲ୍ଲାଲ୍ଲାହୁ ୱହ ଦହୁ ଲା ସରିକ୍ ଲହୁ ୱହ ଅଶହଦୁ ଆନ୍ନା ମହମ୍ମଦନ ଅବଦୁହୁ ୱହ ରସୁଲୁହୁ । ଆଜିକାଲି ମୁଁ କଲମା ଶିଖୁଛି । ଜାଣିନାହିଁ କେବେ ଏହାର ଆବଶ୍ୟକତା ପଡ଼ିବ । ତାଙ୍କ ପୋଷ୍ଟ ଉପରେ କଟାକ୍ଷ କରି ଅଭିନେତ୍ରୀ ସ୍ୱରା ଲେଖିଥିଲେ, ମୋତେ କୁହ... ଯେତେବେଳେ କଂଗ୍ରେସ ୬୭ବର୍ଷ ଧରି କ୍ଷମତାରେ ଥିଲା, ସେତେବେଳେ ଏହା କରିବାକୁ ପଡ଼ିନଥିଲା । କିନ୍ତୁ ୨୦୧୪ରେ 'ପ୍ରକୃତ ସ୍ୱାଧୀନତା' ମିଳିବା ପରେ, ପରିସ୍ଥିତି ଏପରି ହୋଇଗଲା । ଏହାର ଉତ୍ତର ଦେଇ ନିଶିକାନ୍ତ ଦୁବେ ଲେଖିଛନ୍ତି, ଧର୍ମ ପରିବର୍ତ୍ତନ କରିଥିବା ମୁସଲମାନମାନେ ମଧ୍ୟ ଏବେ ଜ୍ଞାନ ଦେଉଛନ୍ତି? ତେବେ ସ୍ୱରାଙ୍କ ଏଭଳି ପ୍ରତିକ୍ରିୟା ପରେ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଟ୍ରୋଲ କରିଛନ୍ତି ।

## ୱାକଫ୍ ସମ୍ପତ୍ତି କେବଳ ମୁସଲମାନଙ୍କ ମଧ୍ୟରେ ସୀମିତ ନୁହେଁ

# ସୁପ୍ରିମକୋର୍ଟଙ୍କୁ କହିଲେ ସରକାର



ନୂଆଦିଲ୍ଲୀ: କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ଅନେକ ୱାକଫ ସମ୍ପତ୍ତି କେବଳ ମୁସଲମାନମାନଙ୍କ ମଧ୍ୟରେ ସୀମିତ ନୁହେଁ । ବରଂ ଏଥିରେ ଅନ୍ୟ ସମ୍ପ୍ରଦାୟର ଅଧିକାର ଏବଂ ଦାବି ମଧ୍ୟ ଜଡିତ । ସରକାରଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ ଏହି ସମ୍ପତ୍ତିଗୁଡ଼ିକୁ ନିୟନ୍ତ୍ରଣ କରିବା ଏକ ସାର୍ବଜନୀନ ଶୃଙ୍ଖଳା ସମସ୍ୟା ହୋଇପାରେ କାରଣ ଏପରି ବିବାଦର ବ୍ୟାପକ ପରିଣାମ ହୋଇପାରେ । କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରି କହିଥିଲେ ଯେ 'ସାମ୍ବିଧାନିକତାର ଧାରଣା' ଏହା ସପକ୍ଷରେ ଥିବାରୁ ଏହି ଆଇନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇପାରିବ ନାହିଁ ।

ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏହାର ୧୩୩୨ ପୃଷ୍ଠାର ପ୍ରାରମ୍ଭିକ କାଉଣ୍ଟର-ଆଫିଡାଭିଟରେ, ସରକାର ବିବାଦୀୟ ଆଇନକୁ ସମର୍ଥନ କରି କହିଛନ୍ତି ଯେ ଏହା ଆଶ୍ଚର୍ଯ୍ୟର ବିଷୟ ଯେ ୨୦୧୩ ପରେ, ୱାକଫ ଜମିରେ ୨୦,୯୨,୦୭୨.୫୩୬ ହେକ୍ଟର (୨୦ ଲକ୍ଷ ହେକ୍ଟରରୁ ଅଧିକ) ବୃଦ୍ଧି ଘଟିଛି । ଏହି ସତ୍ୟପାଠରେ କୁହାଯାଇଛି ଯେ ମୋଗଲ-ପୂର୍ବ, ସ୍ୱାଧୀନତା ପୂର୍ବ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରେ ମୋଟ ୧୮,୨୯,୧୬୩.୮୯୬ ଏକର ୱାକଫ ଜମି ଥିଲା । ବ୍ୟକ୍ତିଗତ ଏବଂ ସରକାରୀ ସମ୍ପତ୍ତିକୁ ଜବରଦଖଲ କରିବା ପାଇଁ ପୂର୍ବ ବ୍ୟବସ୍ଥାର ଅପବ୍ୟବହାର ଅଭିଯୋଗ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି ।

# ସ୍କ୍ରାମଜେଟ୍ ଇଞ୍ଜିନର ସଫଳ ପରୀକ୍ଷଣ: ପାକିସ୍ତାନ-ଚୀନର ହଜିବ ନିଦ

ନୂଆଦିଲ୍ଲୀ: ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଲ୍ୟାବୋରେଟରୀ ହାଇପରସୋନିକ୍ ୱେପନ୍ ଟେକ୍ନୋଲଜିରେ ବଡ଼ ଉପଲବ୍ଧି ହାସଲ କରିଛି । ସ୍କ୍ରାମଜେଟ୍ ଇଞ୍ଜିନର ୧ ହଜାର ସେକେଣ୍ଡରୁ ଅଧିକ ସମୟ ଯାଏ ସଫଳତାର ସହ ଭୂପୃଷ୍ଠ ପରୀକ୍ଷଣ କରିଛି । ସରକାରୀ ସୂଚନାରେ କୁହାଯାଇଛି, ଶୁକ୍ରବାର ୧୦୦୦ ସେକେଣ୍ଡରୁ ଅଧିକ ସମୟର ଆକ୍ଟିଭ କୁଲ୍ଡ ସ୍କ୍ରାମଜେଟ୍ କନେକ୍ଟ ସକ୍ଲେଲ୍ କମ୍ୱୋଷ୍ଟର ଗ୍ରାଉଣ୍ଡ ଟେଷ୍ଟିଂ କରାଯାଇଛି । ଡିଆରଡିଏଲ୍ ହାଇଦ୍ରାବାଦରେ ନୂତନ ନିର୍ମିତ ଷ୍ଟେଟ୍-ଅଫ୍-ଦ-ଆର୍ଟ ସ୍କ୍ରାମଜେଟ କନେକ୍ଟ ଟେଷ୍ଟ ଫ୍ୟାସିଲିଟିରେ ଏହାର ସଫଳ ପରୀକ୍ଷଣ ହୋଇଛି । ଏହି ପରୀକ୍ଷଣ ଜାନୁଆରୀରେ ୧୨୦ ସେକେଣ୍ଡର ପ୍ରଥମ ଟେଷ୍ଟର ପରବର୍ତ୍ତୀ ପର୍ଯ୍ୟାୟ ଅଟେ । ସଫଳ ପରୀକ୍ଷଣ ସହ ସିଷ୍ଟମ ଖୁବଶୀଘ୍ର ଫୁଲ୍ ସ୍କେଲ୍ ଫ୍ଲାଇଟ୍ ବର୍ଥି କମ୍ୱୋଷ୍ଟର ଟେଷ୍ଟିଂ ପାଇଁ ପ୍ରସ୍ତୁତ ହେବ ।

ହାଇପରସୋନିକ୍ କ୍ରୁଜ୍ ମିସାଇଲ୍ ଏପରି ଏକ ଅସ୍ତ୍ର, ଯାହା ଧ୍ୱନିର ଗତିଠାରୁ ପାଞ୍ଚ ଗୁଣ ଅଧିକ (୬୧୦୦ କି.ମି/ଘଣ୍ଟା) ବେଗରେ ଦୀର୍ଘ ସମୟ ଯାଏ ଯାତ୍ରା କରିପାରିବ । ଏହାକୁ ଏୟାର ବ୍ରିଦିଂ ଇଞ୍ଜିନରୁ ଶକ୍ତି ମିଳେ । ସୁପରସୋନିକ କମ୍ବସନ ବିଶିଷ୍ଟ ଏୟାର ବ୍ରିଦିଂ ପ୍ରପଲ୍ସନ ସିଷ୍ଟମ ଦୀର୍ଘ ସମୟ ଯାଏ କ୍ରୁଜ୍ କଣ୍ଡିସନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଉଲ୍ଲେଖଯୋଗ୍ୟ ଯେ ହାଇପରସୋନିକ୍ ମିସାଇଲ୍ ଆଧୁନିକ ଯୁଦ୍ଧ ଅତିଆର । ଏହା ଶବ୍ଦର ବେଗଠାରୁ ୫ ଗୁଣା ଅଧିକ ବେଗରେ ଯାତ୍ରା କରେ । ଏହାର ଗତି ପ୍ରାୟ ୬୦୦୦-୧୨୦୦୦ କିଲୋମିଟର ପ୍ରତି ଘଣ୍ଟା ହୋଇଥାଏ । ହାଇପରସୋନିକ୍ ମିସାଇଲର କେବଳ ଗତି ଅଧିକ ନୁହେଁ, ବରଂ ଏହା କମ ଉଚ୍ଚତାରେ ଉଡାଣ ଭରିବା ସହ ଦିଗ ପରିବର୍ତ୍ତନ କରିବାର କ୍ଷମତା ରଖୁଛି । ଏହି କାରଣରୁ ଏହାକୁ ଟ୍ରାକ୍ କରିବା ଓ ରୋକିବା ଅତ୍ୟନ୍ତ କଷ୍ଟସାଧ । ହାଇପରସୋନିକ ପ୍ରଯୁକ୍ତିରେ ସ୍କ୍ରାମଜେଟ୍ ଇଞ୍ଜିନ ବ୍ୟବହାର ହୋଇଥାଏ, ଯାହା ଅଧିକ ଗତିରେ ଯିବା ବେଳେ ପବନରୁ ଅକ୍ସିଜେନ୍ ଆଣି ଇନ୍ଧନକୁ ଜଳାଇଥାଏ ।

ଆଇପିଏଲ୍ ମହାସମର

# ସନ୍‌ରାଇଜର୍ସର ଆଶା ଜୀବିତ
# ଚେନ୍ନାଇ ଅଭିଯାନ ସରିଲା

ଚେନ୍ନାଇ, ୨୫।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ୫ ଥର ବିଜେତା ଚେନ୍ନାଇ ସୁପରକିଙ୍ଗସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇ ରାଜସ୍ଥାନ ରୟାଲ୍ସ ପରେ ଦ୍ୱିତୀୟ ଦଳ ଭାବେ ପ୍ଲେଅଫ୍ସ ଦୌଡ଼ରୁ ବାଦ୍ ପଡ଼ିଛି । ଶୁକ୍ରବାର ଅନୁଷ୍ଠିତ ୪୩ତମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୫ ୱିକେଟରେ ଚେନ୍ନାଇ ସୁପରକିଙ୍ଗସକୁ ଧରାଶାୟୀ କରିଥିଲା । ବିଜୟ ସହ ସନ୍‌ରାଇଜର୍ସ ୯ ମ୍ୟାଚ୍‌ରୁ ୬ ପଏଣ୍ଟ ଲାଭକରି ପ୍ଲେଅଫ୍ ଦୌଡ଼ରେ ଜୀବିତ ରହିଛି । ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ୧୯.୫ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଥିଲା । ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୫ ୱିକେଟ ହରାଇ ୧୫୫ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ସନ୍‌ରାଇଜର୍ସ ୯ ମ୍ୟାଚ୍‌ରୁ ୩ ବିଜୟ ସହ ୬ ପଏଣ୍ଟ ହାସଲ କରିଛି ।

ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପରକିଙ୍ଗସ ଅତି ଖରାପ ଖେଳିଥିଲା । ଦଳୀୟ ସ୍କୋର ବୋର୍ଡ଼ରେ ରନ ହେବା ପୂର୍ବରୁ ୱିକେଟ ଝଡ଼ିଥିଲା । ଓପନର ସେକ୍ ରସିଦ୍ ବିନା ସ୍କୋରରେ ପାଭିଲିଅନ ଫେରିଥିଲେ । ଆୟୁଶ ମନ୍ତ୍ରୀ ୩୦, ସାମ୍ କୁରନ ୯, ରବୀନ୍ଦ୍ର ଜାଡେଜା ୨୧, ଦେୱାଲ୍‌ଦ ବ୍ରେଭିସ ୪୨, ଶିବମ୍ ଦୁବେ ୧୨, ଦୀପକ ହୁଡା ୨୨, ଧୋନୀ ୬ ରନ କରି ଆଉଟ ହେବାରୁ ଚେନ୍ନାଇ ୧୯.୫ ଓଭରରେ ୧୫୪ ରନ କରି ଅଲଆଉଟ୍ ହୋଇଥିଲେ । ବୋଲିଂରେ ସନ୍‌ରାଇଜର୍ସର ହର୍ସାଲ ପଟେଲଙ୍କୁ ୪ଟି, ଜୟଦେବ ଉନାଦକଟ୍ ଓ ପାଟ୍ କୁମିନ୍ସ ୨ଟି କରି, ମହମ୍ମଦ ସାମୀ, କାମିନ୍ଦୁ ମେଣ୍ଡିସ୍‌ଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

୧୫୫ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ସନ୍‌ରାଇଜର୍ସ । ଦଳୀୟ ସ୍କୋର ବୋର୍ଡ଼ରେ ରନ୍ ହେବା ପୂର୍ବରୁ ୱିକେଟ ଝଡ଼ିଥିଲା । ଓପନର ଅଭିଶେକ ଶର୍ମା ବିନା ସ୍କୋରରେ ପାଭିଲିଅନ ଫେରିଥିଲେ । ଟ୍ରେଭିସ ହେଡ୍ ୧୯, ଇଶାନ କିଶାନ ୪୪ ରନ, ହେନରିଚ କ୍ଲାସେନ ୭, ଅନିକେତ ବର୍ମା ୧୯ ରନ କରି ଆଉଟ ହୋଇଥିଲେ ।

ତେବେ କାମିନ୍ଦୁ ମେଣ୍ଡିସ୍ ଓ ନୀତିଶ କୁମାର ରେଡ୍ଡୀ ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ । ମେଣ୍ଡିସ୍ ୨୨ ବଲ୍‌ରୁ ୩ ଚୌକା ସହାୟତାରେ ୩୨ ରନ ଓ ନୀତିଶ କୁମାର ରେଡ୍ଡୀ ୧୩ ବଲରୁ ୧୯ ରନ କରି ମ୍ୟାଚ୍ ଶେଷ କରିଥିଲେ । ତେଣୁ ସନ୍‌ରାଇଜର୍ସ ୧୮.୪ ଓଭରରେ ୧୫୫/୫ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।





**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ |
| ଦିଲ୍ଲୀ | ୮ | ୬ | ୨ | ୧୨ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ମୁମ୍ବାଇ | ୯ | ୫ | ୪ | ୧୦ |
| ପଞ୍ଜାବ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| କୋଲକାତା | ୮ | ୩ | ୫ | ୬ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ରାଜସ୍ଥାନ | ୯ | ୨ | ୭ | ୪ |
| ଚେନ୍ନାଇ | ୯ | ୨ | ୭ | ୪ |

## ଟି-୨୦ରେ ଧୋନୀ ଖେଳିଲେ ୪୦୦ ମ୍ୟାଚ୍

ଚେନ୍ନାଇ, ୨୫।୪ (ଏଜେନ୍ସି): ଚେନ୍ନାଇ ସୁପର କିଙ୍ଗସ୍ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୪୦୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ସେ ଏହି କୀର୍ତ୍ତିମାନ ରଚିଛନ୍ତି । ଭାରତର ୪ର୍ଥ ବ୍ୟାଟର ଭାବେ ଧୋନୀ ୪୦୦ ମ୍ୟାଚ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି । ତାଙ୍କ ପୂର୍ବରୁ ରୋହିତ ଶର୍ମା, ଦିନେଶ କାର୍ତ୍ତିକ ଓ ବିରାଟ କୋହଲି କ୍ରିକେଟର ଏହି ଫର୍ମାଟ୍‌ରେ ୪୦୦ ମ୍ୟାଚ୍ ଖେଳିସାରିଛନ୍ତି । ରୋହିତ ୪୫୬ ମ୍ୟାଚ୍ ଖେଳି ଏହି ତାଲିକାରେ ଶୀର୍ଷରେ ରହିଛନ୍ତି । କାର୍ତ୍ତିକ ୪୧୨ ମ୍ୟାଚ୍ ଓ କୋହଲି ୪୦୭ ମ୍ୟାଚ୍ ଖେଳିଛନ୍ତି । ଚଳିତ ଆଇପିଏଲ୍‌ର ୪୩ତମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିପକ୍ଷ ସନ୍‌ରାଇଜର୍ସ ହାଇଦ୍ରାବାଦ ଏହି ମ୍ୟାଚ୍ ଖେଳିଛି ।

**ଆଜିର ମ୍ୟାଚ**
କୋଲକାତା-ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: କୋଲକାତା
ପ୍ରସାରଣ: ଷ୍ଟାରନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର

## ଦେଶ ଆଗ, ବନ୍ଧୁ ପଛ



ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗିରହିଛି । ଆତଙ୍କୀଙ୍କୁ ମୁହଁତୋଡ଼ ଜବାବ ଦେବାକୁ ସମସ୍ତେ ଜୋରଦାର ଦାବି କରିଛନ୍ତି । ଦିଲ୍ଲୀ ପଲ୍ଲୀ ଯାଏଁ ପ୍ରତିବାଦ ତୀବ୍ର ହୋଇଛି । ଏହାରି ଭିତରେ ନୀରବତା ଭାଙ୍ଗିଛନ୍ତି ଭାରତର ଜାଭେଲିନ ତାରକା ନୀରଜ ଚୋପ୍ରା । ପାକିସ୍ତାନୀ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅର୍ଶଦ ନଦୀମଙ୍କୁ ନିମନ୍ତ୍ରଣ ଦେଇଥିବା ପ୍ରସଙ୍ଗରେ ସେ ପ୍ରତିକ୍ରିୟା ରଖିଛନ୍ତି । ଶୁକ୍ରବାର ଏକ ବିବୃତି ଜାରି କରି ନୀରଜ କହିଛନ୍ତି ଦେଶ ଆଗ, ବନ୍ଧୁ ପଛ । ଅର୍ଶଦ ନଦୀମଙ୍କୁ ନିମନ୍ତ୍ରଣ ପାଇଁ ତାଙ୍କ ପରିବାରକୁ ଟାର୍ଗେଟ କରାଯାଉଛି । ତାଙ୍କୁ ଦୁର୍ବ୍ୟବହାର କରାଯାଉଛି । ତାଙ୍କ ବିରୋଧରେ ଘୃଣା ପ୍ରଚାର କରାଯାଉଛି । ଯାହାକୁ ସେ କେବେବି ସହ୍ୟ କରିପାରିବେ ନାହିଁ । ନୀରଜ ସ୍ପଷ୍ଟ କରିଛନ୍ତି ଯେ ପହଲଗାମ୍ ଆକ୍ରମଣ ପୂର୍ବରୁ ସେ ଅର୍ଶଦଙ୍କୁ ନିମନ୍ତ୍ରଣ ପଠାଇଥିଲେ । ହେଲେ ଏବେ ତାଙ୍କ ପାଇଁ ଦେଶ ଓ ଏହାର ସ୍ୱାର୍ଥ ସର୍ବପ୍ରଥମ ।

ନୀରଜ କହିଛନ୍ତି, ମୁଁ ସର୍ବଦା କମ୍ କଥାବାର୍ତ୍ତା କରେ । ଏହାର ଅର୍ଥ ନୁହେଁ ଯେ ଯେତେବେଳେ ମୋର ଦେଶ ପ୍ରତି ପ୍ରେମ ଓ ପରିବାରର ସମ୍ମାନ ଉପରେ ପ୍ରଶ୍ନ ଉଠାଯାଏ ସେତେବେଳେ ମଧ୍ୟ ମୁଁ ଚୁପ୍ ରହିବି ନାହିଁ । ନୀରଜ କ୍ଲାସିକ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଅର୍ଶଦ ନଦୀମଙ୍କୁ ଯେଉଁ ନିମନ୍ତ୍ରଣ କରିଥିଲେ, ତାକୁ ନେଇ ବହୁ ଆଲୋଚନା ହେଉଛି । ଏପରିକି ନୀରଜଙ୍କ ପରିବାରକୁ ମଧ୍ୟ ତୀବ୍ର ସମାଲୋଚନାର ସରବ୍ୟ ହେବାକୁ ପଡ଼ିଛି ।

ଜଣେ ଖେଳାଳିଙ୍କଠାରୁ ଅନ୍ୟ ଜଣେ ଖେଳାଳିଙ୍କୁ ନିମନ୍ତ୍ରଣ ମିଳିଥିଲା । ଏନ୍‌ସି କ୍ଲାସିକ୍‌ର ଉଦ୍ଦେଶ୍ୟ ଥିଲା ସର୍ବୋତ୍ତମ ଖେଳାଳିଙ୍କୁ ଭାରତ ଆଣିବା ସହ ଆମ ଦେଶକୁ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟର ହବ୍ କରିବା । ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଦୁଇଦିନ ପୂର୍ବରୁ ଏହି ନିମନ୍ତ୍ରଣ ପଠାଯାଇଥିଲା । ୪୮ଘଣ୍ଟା ମଧ୍ୟରେ ଯାହକିଛି ଘଟିଛି, ତାହାପରେ ଏନ୍‌ସି କ୍ଲାସିକ୍‌ରେ ଅର୍ଶଦଙ୍କ ଉପସ୍ଥିତି ନେଇ କୌଣସି ପ୍ରଶ୍ନ ଉଠୁନାହିଁ । ମୋ ଦେଶ ଓ ଏହାର ସ୍ୱାର୍ଥ ସର୍ବଦା ପ୍ରଥମ ପ୍ରାଥମିକତା । ମୁଁ ଏତେବର୍ଷ ଧରି ଗର୍ବର ସହିତ ଦେଶର ସେବା କରିଛି । ଆଜି ମୋର ସାଧୁତା ଉପରେ ପ୍ରଶ୍ନ ଉଠାଯାଉଛି । ଯାହା ଦେଖି ଦୁଃଖ ଲାଗୁଛି । ମୁଁ ଦୁଃଖିତ ଯେ ମୋ ପରିବାରକୁ ଟାର୍ଗେଟ କରୁଥିବା ଲୋକଙ୍କୁ ବୁଝାଇବାକୁ ପଡୁଛି । ଆମେ ସାଧାରଣ ଲୋକ । ଦୟାକରି ଆମକୁ ଆଉ କିଛି ବୁଝାନ୍ତୁ ନାହିଁ ।

## କେଉଁଠୁ ଆସନ୍ତି ଚିୟର ଗାର୍ଲ, ନିଅନ୍ତି କେତେ ଦରମା ?

ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ଆଇପିଏଲ୍‌ରେ କ୍ରିକେଟରଙ୍କ ଦମଦାର ପ୍ରଦର୍ଶନ ସହ ଚିୟର ଗାର୍ଲଙ୍କ ଚୌକା-ଛକା ବର୍ଷାରେ ନୃତ୍ୟ ପ୍ରତିଯୋଗିତାର ରୋମାଞ୍ଚକୁ ବଢ଼ାଇଥାଏ । ଲାଇଭ୍ ମ୍ୟାଚ୍‌କୁ ଅଧିକ ରୋମାଞ୍ଚକର କରିଥାନ୍ତି ଚିୟର ଗାର୍ଲ । ଏମାନଙ୍କ କଠିନ ପରିଶ୍ରମ ମ୍ୟାଚ୍‌ର ମଜା ବଢ଼ାଇଥାଏ । ଆଇପିଏଲ୍ ପାଇଁ ଚିୟର ଗାର୍ଲଙ୍କୁ କିପରି କରାଯାଏ ? ସେମାନଙ୍କ ପୋଷାକ ଖର୍ଚ୍ଚ କିଏ ବହନ କରେ ? ସେମାନଙ୍କୁ କେତେ ଦରମା ମିଳେ ? ଚିୟର ଗାର୍ଲଙ୍କ ବିଷୟରେ ଏମିତି କିଛି ରୋଚକ କଥା ଜାଣିବା ।

ଚିୟର ଗାର୍ଲଙ୍କ ଚୟନ ପ୍ରକ୍ରିୟା ଜଟିଳ । ପ୍ରଥମେ ଏକ ଅଡିସନ ହୁଏ । ତା'ପରେ ଆବେଦନକାରୀ ସାକ୍ଷାତକାର ନିଆଯାଏ । ସେମାନଙ୍କର ଦକ୍ଷତା ମୂଲ୍ୟାୟନ କରିବା ପରେ ହିଁ ସେମାନେ ଚିୟର ଗାର୍ଲ ହୋଇଥାନ୍ତି । ଜଣେ ଚିୟର ଗାର୍ଲ ହେବାପାଇଁ ଆବେଦନକାରୀଙ୍କୁ ନାଚ ଜଣାଥିବା ଆବଶ୍ୟକ । ସେମାନଙ୍କର ମଡେଲିଂ ସ୍କିଲ୍ ମୂଲ୍ୟାୟନ କରାଯାଏ । ସେମାନେ ଷ୍ଟେଜ୍‌ରେ ପ୍ରଦର୍ଶନ କରିବାର ଚାପକୁ ସମ୍ଭାଳି ପାରିବେ କି ନାହିଁ, ତାହା ଦେଖିବା ପାଇଁ ମଧ୍ୟ ପରୀକ୍ଷା କରାଯାଏ ।

ରିପୋର୍ଟ ଅନୁଯାୟୀ, ଚିୟର ଗାର୍ଲ ପିନ୍ଧୁଥିବା ପୋଷାକର ଖର୍ଚ୍ଚ ଟିମ୍ ସ୍ପୋନସରର ଉଠାଇଥାନ୍ତି । ଚିୟର ଗାର୍ଲଙ୍କ ପୋଷାକରେ ବଡ଼ବଡ଼ କମ୍ପାନୀର ଲୋଗୋ ଚିତ୍ରିତ ହୋଇଥାଏ । ସାଧାରଣତଃ ଟିମ୍ ମ୍ୟାନେଜମେଣ୍ଟ ସ୍ପୋନସରଙ୍କ ସହିତ ମିଶି ଚିୟର ଗାର୍ଲଙ୍କ ଡ୍ରେସ୍ ଡିଜାଇନ କରିଥାନ୍ତି ।

ଆଇପିଏଲ୍‌ରେ ଜଣେ ଚିୟର ଗାର୍ଲଙ୍କ ଦରମା ଫ୍ରାଞ୍ଚାଇଜ ଏବଂ ବ୍ୟକ୍ତିଗତ ଚୁକ୍ତିନାମା ଉପରେ ନିର୍ଭର କରି ଭିନ୍ନ ହୋଇଥାଏ । ଯଦି ଜଣେ ଚିୟର ଗାର୍ଲ ପୁରା ସିଜନ ପାଇଁ ପ୍ରଦର୍ଶନ କରନ୍ତି, ତେବେ ସେ ସାଢ଼େ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ । ଯଦି କୌଣସି ଟିମ୍ ଫାଇନାଲ୍‌ରେ ପହଞ୍ଚିଥାଏ, ତେବେ ଜଣେ ଚିୟର ଗାର୍ଲ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇବେ । ଏତଦ୍‌ବ୍ୟତୀତ ଦଳ ସହ ଚିୟର ଗାର୍ଲ ଟ୍ରାଭେଲ କରିଥାନ୍ତି । ଏସବୁ ଭିତରେ ପ୍ରଶ୍ନ ଆସୁଛି ଯେ କେଉଁ ଟିମ୍ ଚିୟର ଗାର୍ଲଙ୍କୁ ସବୁଠୁ ଅଧିକ ଦରମା ଦେଇଥାଏ ? ଆଇପିଏଲ୍‌ର ୧୦ଟି ଟିମ୍ ସେମାନଙ୍କ ମ୍ୟାଚ୍ ପାଇଁ ଚିୟର ଗାର୍ଲଙ୍କୁ ନିଯୁକ୍ତି ଦିଅନ୍ତି । ରିପୋର୍ଟ ଅନୁଯାୟୀ ମୁମ୍ବାଇ ଇଣ୍ଡିଆନ୍ସ ଜଣେ ଚିୟର ଗାର୍ଲଙ୍କୁ ପ୍ରତି ମ୍ୟାଚ୍ ପାଇଁ ୨୦ ହଜାର ଟଙ୍କା ଦେଇଥାଏ । ଏହାର ଅର୍ଥ ସେ ଗୋଟିଏ ସିଜନରେ ୨ଲକ୍ଷ ୮୦ ହଜାର ଟଙ୍କା ରୋଜଗାର କରିପାରିବେ । ଯଦି ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ଲେଅଫ୍‌ରେ ପହଞ୍ଚିଯାଏ, ତେବେ ଚିୟର ଗାର୍ଲଙ୍କ ଆୟ ବଢ଼ିବ । ଚେନ୍ନାଇ ସୁପର କିଙ୍ଗସ ମ୍ୟାଚ୍ ପିଛା ୧୭ହଜାର ଟଙ୍କା ଦିଏ । ତେଣୁ ଗୋଟିଏ ସିଜନ୍‌ରେ ସିଏସ୍‌କେର ଚିୟର ଗାର୍ଲ ୨ଲକ୍ଷ ୩୮ ଟଙ୍କା ରୋଜଗାର କରିପାରିବେ । କୋଲକାତା ନାଇଟ୍ ରାଇଡର୍ସ ସବୁଠୁ ଅଧିକ ପାଉଣା ଦେଇଥାଏ । କେକେଆର୍ ମ୍ୟାଚ୍ ପିଛା ଚିୟର ଗାର୍ଲଙ୍କୁ ୨୫ ହଜାର ଟଙ୍କା ଦେଇଥାଏ । ଅର୍ଥାତ ଗୋଟିଏ ସିଜନରେ କୋଲକାତାର ଚିୟର ଗାର୍ଲ ୩ଲକ୍ଷ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ।



ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାରା ପାୱାର ଲିଫ୍ଟର ଗଦାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଗଦାଧର ଖେଲୋ ଇଣ୍ଡିଆ ମିଟ୍‌ରେ ୬୫ କିଗ୍ରା ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ ।

**କଳିଙ୍ଗ ସୁପର କପ୍**

## କ୍ୱାର୍ଟର ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୨୫।୪ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି କଳିଙ୍ଗ ସୁପର କପ୍ । ଆଇଏସ୍‌ଏଲ୍ ଓ ଆଇଲିଗ୍‌ର ଦଳଗୁଡ଼ିକ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ଗତ ସଂସ୍କରଣର ବିଜେତା ଇଷ୍ଟବେଙ୍ଗଲ ଭଳି ଦଳ ନକ୍‌ଆଉଟ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇ ସୁପର କପ୍ ଅଭିଯାନ ଶେଷ କରିସାରିଛି । ରାଉଣ୍ଡ ୧୬ ପର୍ଯ୍ୟାୟରୁ କେରଳ ବ୍ଲାଷ୍ଟର, ଗୋଆ, ପଞ୍ଜାବ, ଇଣ୍ଟରକାଶୀ, ମୁମ୍ବାଇ ସିଟି, ନର୍ଥଇଷ୍ଟ ୟୁନାଇଟେଡ୍ ଓ ଜାମଶେଦପୁର ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଏଥର ଚର୍ଚ୍ଚିଲ ବ୍ରଦର୍ସ ସୁପର କପ୍‌ରୁ ଓହରିଯିବା କାରଣରୁ ମୋହନ ବାଗାନ ଦଳ ବିନା ପ୍ରତିଦ୍ୱନ୍ଦ୍ୱିତାରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଅର୍ଥାତ ମୋଟ ୧୫ଟି ଦଳକୁ ନେଇ ଏଥର କଳିଙ୍ଗ ସୁପର କପ୍ ଜାରି ରହିଛି ।

୨୬ ତାରିଖ ଅର୍ଥାତ ଶନିବାରଠାରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି । ଶନିବାର କେରଳ ବ୍ଲାଷ୍ଟର-ମୋହନ ବାଗାନ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସେହିଭଳି ଗୋଆ ଓ ପଞ୍ଜାବ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ । ୨୭ ତାରିଖ ଅର୍ଥାତ୍ ରବିବାର ଦିନ ଆଉ ଦୁଇଟି କ୍ୱାର୍ଟର ଫାଇନାଲ ଯଥା ଇଣ୍ଟରକାଶୀ-ମୁମ୍ବାଇ ସିଟି ଏବଂ ନର୍ଥଇଷ୍ଟ ୟୁନାଇଟେଡ୍ - ଜାମଶେଦପୁର ମଧ୍ୟରେ ତୃତୀୟ ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ । ଆଗାମୀ ୩୦ ତାରିଖରେ ଦୁଇଟି ସେମିଫାଇନାଲ ଏବଂ ମେ' ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

୨୦ ତାରିଖରୁ ଆରମ୍ଭ ହୋଇଥିବା ରାଉଣ୍ଡ ୧୬ ପର୍ଯ୍ୟାୟରେ ମୋଟ ୭ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲ୍‌ରେ ଇଷ୍ଟ ବେଙ୍ଗଲକୁ ହରାଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଗୋଆ ୩-୦ ଗୋଲ୍‌ରେ ଗୋକୁଲାମ କେରଳକୁ ହରାଇଥିବାବେଳେ ତୃତୀୟ ମ୍ୟାଚ୍‌ରେ ପଞ୍ଜାବ ୩-୦ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ଧରାଶାୟୀ କରିଥିଲା । ଚତୁର୍ଥ ମ୍ୟାଚ୍‌ରେ ଇଣ୍ଟରକାଶୀ ୫-୩ ସୁଟ୍‌ଆଉଟ ପର୍ଯ୍ୟାୟରେ ବେଙ୍ଗାଲୁରୁକୁ ହରାଇଥିଲା । ୫ମ ମ୍ୟାଚ୍‌ରେ ମୁମ୍ବାଇ ସିଟି ୪-୦ ଗୋଲ୍‌ରେ ଚେନ୍ନାଇ ଏଫ୍‌ସି ବିପକ୍ଷରେ ଏକତରଫା ବିଜୟ ହାସଲ କରିଥିଲା । ଷଷ୍ଠ ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍ ୬-୦ ଗୋଲ୍‌ରେ ମହମଡାନ ସ୍ପୋର୍ଟିଂକୁ ଏବଂ ୭ମ ମ୍ୟାଚ୍‌ରେ ଜାମ୍‌ଶେଦପୁର ୨-୦ ଗୋଲ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ହରାଇଥିଲା ।

**ମାଇକେଲ କିଣ୍ଡୋ ସ୍ମାରକୀ ହକି**

## ଏଚ୍‌ଟିସି, ରଣପୁର, ଛତ୍ରପୁର, ଭୁବନେଶ୍ୱର ବିଜୟୀ



ଭୁବନେଶ୍ୱର, ୨୫।୪ (ସବ୍ୟୁ): ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ପକ୍ଷରୁ ପ୍ରଥମ ମାଇକେଲ କିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି । ପ୍ରଥମ ଦିନ ଏଚ୍‌ଟିସି ଭୁବନେଶ୍ୱର, ଜିଆର ରଣପୁର, ଏଚ୍‌ଟିସି ଛତ୍ରପୁର ଏବଂ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ବିଜୟଲାଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି ।

ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଓ ଜିଆର ପୁରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ୮-୦ ଗୋଲ୍‌ରେ ପୁରୀକୁ ଧରାଶାୟୀ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ଏଚ୍‌ଟିସି ଛତ୍ରପୁର ଓ ଏଚ୍‌ଟିସି ଯାଜପୁର ପରସ୍ପରକୁ ଭେଟିଥିଲେ । ଛତ୍ରପୁର ଦଳ ୫-୧ ଗୋଲ୍‌ରେ ଯାଜପୁରକୁ ହରାଇଥିଲା । ତୃତୀୟ ମ୍ୟାଚ୍‌ରେ କଟକ ଓ ରଣପୁର ଭେଟାଭେଟି ହୋଇଥିଲେ । ଜିଆର୍ ରଣପୁର ୬-୦ ଗୋଲ୍‌ରେ କଟକ ଏଚ୍‌ଟିସିକୁ ହରାଇଥିଲା । ଚତୁର୍ଥ ମ୍ୟାଚ୍‌ରେ ଏଚ୍‌ଟିସି ଭୁବନେଶ୍ୱର ୪-୧ ଗୋଲରେ ଢେଙ୍କାନାଳ ଜିଆର୍‌କୁ ଧରାଶାୟୀ କରିଛି । ସେହିଭଳି ୫ମ ମ୍ୟାଚ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ୨-୧ ଗୋଲ୍‌ରେ ଜିଆର୍ ପାରାଦୀପକୁ ପରାଜିତ କରିଥିଲା ।

## ୭-ଏ ସାଇଡ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୪ (ସବ୍ୟୁ): କଟକର ଗାଲାକ୍ସି ଏଫ୍‌ସି ପକ୍ଷରୁ ୭-ଏ ସାଇଡ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ୧୯ ବର୍ଷରୁ କମ, ସିନିଅର, ଭେଟେରାନ ଓ ମହିଳା ବର୍ଗରେ ଏହି ପ୍ରତିଯୋଗିତା ଖେଳାଯାଉଛି । କଟକର ପିଏମ୍ ଏକାଡେମୀ ସ୍କୁଲ ଗ୍ରାଉଣ୍ଡରେ କଟକ ଡାଇମଣ୍ଡ କ୍ଲବ ଓ ମୋସାକ ୟୁନାଇଟେଡ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା ।

ଏଥିରେ କଟକ ଡାଇମଣ୍ଡ କ୍ଲବ ୩-୦ ଗୋଲ୍‌ରେ ଜମାଣିଆ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଛି । ଉଦ୍‌ଘାଟନୀ ଉତ୍ସବରେ ଆନନ୍ଦ ସ୍ପୋର୍ଟ୍ସ ଏମ୍‌ଡି ଯୋଗେଶ ଅଗ୍ରୱାଲ, ପିଏମ୍ ଏକାଡେମୀ ସ୍କୁଲର ଖେଳ ଶିକ୍ଷକ ନିଆଜ ଅହମ୍ମଦ ଓ ବିଡ଼ାନାସୀ କ୍ଲବ୍ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

## ସୁବର୍ଣ୍ଣ ଦେବୀ ଫୁଟବଲ : ୩-୦ରେ ରଘୁନାଥ ବିଜୟୀ



ସିମୁଳିଆ, ୨୫।୪ (ସବ୍ୟୁ): ବାଲିଖଣ୍ଡ ଷ୍ଟାଡିୟମରେ ସୁବର୍ଣ୍ଣ ଦେବୀ ରାଜ୍ୟ ସ୍ତରୀୟ ଫୁଟବଲ ଉଦ୍‌ଯାପିତ ହୋଇଯାଇଛି । ବାଲିଖଣ୍ଡ ସୁବର୍ଣ୍ଣ ଦେବୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଫୁଟବଲ ମ୍ୟାଚର ଶୁଭ ଉଦ୍ଘାଟନ କରିଥିଲେ ।

୧୯୮୫ ମସିହାରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଏହି ଉଦ୍‌ଯାପନୀ ମ୍ୟାଚରେ ରଘୁନାଥ ଫୁଟବଲ ଟିମ ଖୋର୍ଦ୍ଧା ଓ ରଡ୍ରାଂଶ ଫୁଟବଲ ଟିମ୍ ପଶ୍ଚିମବଙ୍ଗ ଖଡ଼ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଖୋର୍ଦ୍ଧା ଫୁଟବଲ ଟିମ ୩-୦ଗୋଲରେ ବିଜୟୀ ଲାଭ କରିଥିଲା । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଯୁବନେତା ଡାକ୍ତର ଅଂଶୁମାଧବ ପଣ୍ଡା, ନୀଳମାଧବ ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ଗଙ୍ଗାଧର ଜେନା, ଅଣ୍ଡରାଇ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି, ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ସମ୍ପାଦକ ରଘୁନନ୍ଦନ ମିଶ୍ର, ଉପଦେଷ୍ଟା ବିଜୟ ଦାସ, ଯୁବନେତା ନଟବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚ୍‌କୁ ଗଣେଶ ସିଂ, ରାମ ଚନ୍ଦ୍ର ବେସରା, ଉତ୍ତମ ବାରିକ ପରିଚାଳନା କରିଥିଲେ ।

ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଦ୍ୱାରା ରନର୍ସ ଟିମ୍ ଖଡ଼ଗପୁର ଟିମକୁ ୫ହଜାର ଟଙ୍କା ଓ କପ ଏବଂ ବିଜୟୀ ଖୋର୍ଦ୍ଧା ଟିମକୁ ୧୦ହଜାର ଟଙ୍କା ଓ କପ ଦେଇ ପୁରସ୍କୃତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ବାଲିଖଣ୍ଡ ଠାରେ ଥିବା ପଡିଆକୁ ୧୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟର ଷ୍ଟାଡିୟମକୁ ଶୁଭ ଶିଳାନ୍ୟାସ କରିଥିଲେ । ଶେଷରେ ପୂର୍ବତନ ସରପଞ୍ଚ ଦୀପକ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା କନିଷ୍ଠ ବାଳିକା ଦଳରେ କେନ୍ଦୁଝରରୁ ୫ ଜଣ



କେନ୍ଦୁଝର, ୨୫।୪ (ସବ୍ୟୁ): ଚଳିତ ଏପ୍ରିଲ ୩୦ରୁ ମେ ୫ ତାରିଖ ଯାଏ କର୍ଣ୍ଣାଟକର ଶ୍ରୀରଙ୍ଗାପାଟନମ ଠାରେ ହେବାକୁ ଥିବା ୩୯ ତମ ଜାତୀୟ କନିଷ୍ଠ ବାଳିକା ଚାମ୍ପିଅନସିପରେ ଭାଗ ନେବା ପାଇଁ ୨୭ ତାରିଖ ଓଡ଼ିଶା ଦଳ କର୍ଣ୍ଣାଟକ ଯାତ୍ରା କରିବ । ଏହି ଦଳରେ କେନ୍ଦୁଝର ଜିଲ୍ଲାରୁ ୫ ଜଣ ସାମିଲ ହୋଇଛନ୍ତି । ସେମାନେ ହେଲେ ସେ ଶ୍ରେୟାଶ୍ରୀ ସୁଜୟା, ଶ୍ରେୟାଂସି ସୁନୟନା ପାଣି, ପ୍ରତ୍ୟାଶା ପଣ୍ଡା, ପ୍ରତ୍ୟୁଷା ପଲ୍ଲବୀ, ନିକିତା ପ୍ରିୟଦର୍ଶିନୀ ମହାନ୍ତ ।

ଗତ ୧୭ ତାରିଖରୁ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଓଡ଼ିଶା ଦଳର ପ୍ରଶିକ୍ଷଣ କ୍ୟାମ୍ପ ଆୟୋଜିତ ହୋଇଥିଲା । ଯେଉଁଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବଛାବଛା ଖେଳାଳି ଭାଗ ନେଇଥିଲେ । ପ୍ରଶିକ୍ଷକ ପ୍ରଣୟ କୁମାର ପାଣି ଓ ସହ ପ୍ରଶିକ୍ଷକ ଅନିତା ନାଏକ ଦଳକୁ ପ୍ରଶିକ୍ଷଣ ଦେଇଥିଲେ । କ୍ୟାମ୍ପ ସରିବା ପରେ ରାଜ୍ୟ ମନୋନୟନ କମିଟି ରାଜ୍ୟ ଦଳ ଘୋଷଣା କରିଥିଲେ । ଯେଉଁଥିରେ କେନ୍ଦୁଝର ଜିଲ୍ଲାରୁ ୫ ଜଣ ଖେଳାଳୀ ସ୍ଥାନ ପାଇଛନ୍ତି । ଯାହାକୁ ନେଇ ସଭାପତି ଇଂ ବସନ୍ତ କୁମାର ଦାନି ଓ ସମ୍ପାଦକ ରିତିକ ଅଧିକାରୀ ଖୁସି ବ୍ୟକ୍ତ କରିଛନ୍ତି ।

**ସୂଚନା**
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି